# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଡିସେମ୍ବର ୧୩/୨୦୨୦ (୧୨ ପୃଷ୍ଠା+ଛୁଟିଦିନ) | Berhampur, Sunday, December 13/2020 | ★★★

୧୬ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ପନ୍ତଙ୍କ ଦ୍ରୁତ ଶତକ**

ସିଡ୍‌ନୀରେ ଚାଲିଥିବା ଅଷ୍ଟ୍ରେଲିଆ 'ଏ' ବିପକ୍ଷ ଦିବାରାତ୍ର ୱାର୍ମଅପ୍ କ୍ରିକେଟ ମ୍ୟାଚରେ ୭୩ ବଲ୍‌ରୁ ଦ୍ରୁତ ଶତକ ହାସଲ କରିଛନ୍ତି ଭାରତର ରିଷଭ ପନ୍ତ।

୧୨

୧୦

**ମନ୍ଦିର ତୋଳିବେ କଙ୍ଗନା**

ମନ୍ଦିର ତୋଳିବା ପାଇଁ ମନ କରିଛନ୍ତି ଚର୍ଚ୍ଚିତ ଅଭିନେତ୍ରୀ କଙ୍ଗନା ରାନାୱତ। ଏନେଇ ସେ ନିଜ ପୈତୃକ ମନ୍ଦିରର ଏକ ଫଟୋ ଟୁଇଟ୍ କରି ସୂଚନା ଦେଇଛନ୍ତି।



## ବିଦ୍ୟୁତ୍ ଆଘାତରେ ଚାଷୀ ଦମ୍ପତିଙ୍କ ମୃତ୍ୟୁ

### କୋବି କିଆରିରେ ଛିଣ୍ଡି ପଡ଼ିଥିଲା ତାର

ହିଞ୍ଜିଳିକାଟୁ,୧୨।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଶେରଗଡ଼ ଥାନା ଅନ୍ତର୍ଗତ ବୁରୁପୋଡ଼ା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। କୋବି କିଆରିରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୁରୁପୋଡ଼ା ଗ୍ରାମର ହୀନ ସାମଲ (୬୫) ଓ ତାଙ୍କ ସ୍ତ୍ରୀ ବିଷ୍ଣୁ (୫୫)। ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଶେରଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ଶନିବାର ଭୋରରେ ସ୍ତ୍ରୀ ବିଷ୍ଣୁଙ୍କ ସହ ହୀନ ନିଜେ ଚାଷ କରିଥିବା ଫୁଲକୋବି କିଆରିକୁ ଯାଇଥିଲେ। କୋବି ଆଣି ବିକ୍ରି ପାଇଁ ନେଇଥାନ୍ତେ। ବିଲ ପାଖ ଏଲ୍‌ଆଇ ପମ୍ପ ହାଉସ୍‌କୁ ସଂଯୋଗ କରୁଥିବା ଏଲ୍‌ଟି ବିଦ୍ୟୁତ ତାର ଛିଣ୍ଡି କୋବି କିଆରିରେ ପଡ଼ିଥିବା ଦମ୍ପତି ଜାଣିପାରି ନ ଥିଲେ। ପ୍ରଥମେ ବିଷ୍ଣୁ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚିତ୍କାର କରିଥିଲେ। ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନୀତି କାହା ସ୍ୱାର୍ଥରେ

# ୨୩ରୁ ଖୋଲିବ ଶ୍ରୀମନ୍ଦିର

## ଶ୍ରୀମନ୍ଦିର ପ୍ରଶାସନ, ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି

- ଶ୍ରୀମନ୍ଦିର ଖୋଲିବାକୁ ୨ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ କରାଯିବ ସୁପାରିସ
- ପ୍ରଥମ ପର୍ଯ୍ୟାୟରେ ୩୧ ପର୍ଯ୍ୟନ୍ତ ପୁରୀବାସୀଙ୍କୁ ମିଳିବ ଦର୍ଶନ ସୁବିଧା
- ଜାନୁୟାରୀ ୧ ଓ ୨ରେ ଦର୍ଶନ ବନ୍ଦ
- ୩ରୁ ସାଧାରଣ ଦର୍ଶନ, ପ୍ରଥମ ସପ୍ତାହରେ ପ୍ରତ୍ୟହ ୫ହଜାର ଭକ୍ତଙ୍କୁ ମିଳିବ ଦର୍ଶନ ସୁବିଧା
- କୋଭିଡ୍ ନିୟମ କଡ଼ାକଡ଼ି ସହ ସାନିଟାଇଜର ଓ ମାସ୍କ ବାଧ୍ୟତାମୂଳକ
- ଜିଲା ବାହାର ଭକ୍ତଙ୍କ ପାଇଁ ଦର୍ଶନର ୪୮ଘଣ୍ଟା ପୂର୍ବରୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଜରୁରୀ
- ଭୋଗ, ଫୁଲ ଓ ଦୀପ ଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ନିୟମ
- ଶ୍ରୀମନ୍ଦିର ଭିତରେ ଓ ବାହାରେ ଧାଡ଼ି ବ୍ୟବସ୍ଥା ଉପରେ ଗୁରୁତ୍ୱ
- ୬୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ପିଲାଙ୍କ ଦର୍ଶନ ବାରଣ
- ସରକାରଙ୍କ ଅନୁମତି ପରେ ବିସ୍ତୃତ ଏସ୍‌ଓପି ଜାରି ହେବ

ପୁରୀ ଅଫିସ, ୧୨।୧୨

କରୋନା ଯୋଗୁ ପ୍ରାୟ ୯ମାସ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ଏବେ ଖୋଲିବାକୁ ଯାଉଛି। ଏନେଇ ଶନିବାର ମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗ ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଖୋଲିବାକୁ ଛତିଶା ନିଯୋଗ ସମ୍ମତି ପ୍ରଦାନ କରିଥିବାବେଳେ ୨ଦିନ ମଧ୍ୟରେ ଏନେଇ ରାଜ୍ୟ ସରକାରଙ୍କୁ ସୁପାରିସ କରାଯିବ। ସରକାର ଅନୁମତି ଦେବା ପରେ ଆସନ୍ତା ୨୩ତାରିଖରୁ କୋଭିଡ୍ କଟକଣା ମଧ୍ୟରେ ଶ୍ରୀମନ୍ଦିର ଖୋଲାଯିବା ସହ ଦର୍ଶନ ସୁବିଧା ମିଳିବ। ପ୍ରଥମ ୭ଦିନ ପୁରୀବାସିନ୍ଦାଙ୍କୁ ଦର୍ଶନ ସୁଯୋଗ ଦିଆଯିବ। ପରେ ଜାନୁୟାରୀ ୩ତାରିଖରୁ ଜିଲା ବାହାର ଲୋକେ ଦର୍ଶନ କରିପାରିବେ। ତେବେ କୋଭିଡ ରିପୋର୍ଟ ନେଗେଟିଭ ନ ଥିଲେ ମହାପ୍ରଭୁଙ୍କ ଦର୍ଶନ ସୁଯୋଗ ଦିଆଯିବ ନାହିଁ। ଏହି ନିୟମ ପୁରୀ ଜିଲା ବାହାର ଦର୍ଶନାର୍ଥୀଙ୍କ ପାଇଁ ଲାଗୁ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସୂଚନା ଦେଇଛନ୍ତି। କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତ ନିବାସରେ ବୈଠକ ବସିଥିଲା। ଏଥିରେ ଛତିଶା ନିଯୋଗର ସମସ୍ତ ସଦସ୍ୟ, ପରିଚାଳନା କମିଟି ସେବାୟତ, ନୀତି ପ୍ରଶାସକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ହେବା ପରେ ମନ୍ଦିର ଖୋଲାଯିବା ନେଇ ନିଷ୍କର୍ଷ ବାହାରିଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, ମନ୍ଦିର ଖୋଲାଯିବା ନେଇ ଏକ ପ୍ରକାର ନିଷ୍ପତ୍ତି ନିଆଯାଇଛି। ନୂଆବର୍ଷରେ ମହୋଦଧିରେ ବୁଡ଼ ପକାଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ବହୁ ସଂଖ୍ୟାରେ ଲୋକ ପୁରୀ ଆସିଥାନ୍ତି। ଏହି ଭିଡ଼କୁ ଦୃଷ୍ଟିରେ ରଖି ଜାନୁୟାରୀ ୧ ଓ ୨ ତାରିଖରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ୩ତାରିଖରୁ ସାଧାରଣ ଦର୍ଶନ ଆରମ୍ଭ ହେବ। ଫଳରେ ପୁରୀ ଜିଲା ବାହାରୁ ଆସୁଥିବା ଭକ୍ତମାନେ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଦର୍ଶନ ବ୍ୟବସ୍ଥା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଅର(ଏସ୍‌ଓପି) ଜାରି କରାଯିବ। ଶ୍ରୀମନ୍ଦିର ୪ ଦ୍ୱାରରେ ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ ସାନିଟାଇଜର ଦିଆଯିବା ସହିତ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ନୀତିକାନ୍ତିକୁ ସୁରୁଖୁରୁରେ କରିବା ଲକ୍ଷ୍ୟରେ ଏଭଳି କଟକଣା ରଖାଯାଇଛି। ଏହି ସମୟରେ ସାହାଣ ମେଲା ଦର୍ଶନ ବନ୍ଦ ରହିବ। ସେହିପରି ସମସ୍ତ ଭକ୍ତମାନେ ଯେପରି ମହାପ୍ରସାଦ ପାଇପାରିବେ ତାହାର ବ୍ୟବସ୍ଥା ହୋଇଛି। ମନ୍ଦିର ଖୋଲିବା ସହିତ ସମସ୍ତ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ବ୍ୟବସ୍ଥା ହୋଇଛି। ଏନେଇ ଯେପରି କୌଣସି ତ୍ରୁଟି ନ ରୁହେ ମନ୍ଦିର ପ୍ରଶାସନ ଏହା ଉପରେ କଡ଼ା ନଜର ରହିବ। ଜିଲା ବାହାର ଲୋକଙ୍କୁ କୋଭିଡ୍ ନେଗେଟିଭ ରିପୋର୍ଟ ଦେବାକୁ ପଡିବ। ଦର୍ଶନର ୪୮ଘଣ୍ଟା ପୂର୍ବରୁ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ(ଆର୍‌ଏଟି) କିମ୍ବା ଆର୍‌ଟି-ପିସିଆର ଟେଷ୍ଟ ରିପୋର୍ଟ ଆଣିଥିବା ଦରକାର। ଯେଉଁ ଭକ୍ତ କୋଭିଡ୍ ନେଗେଟିଭ ରିପୋର୍ଟ ଦେଖାଇପାରିବେ ନାହିଁ ସେମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯିବ। ୬୫ବର୍ଷରୁ ଅଧିକ ବୟସ୍କ ଓ ପିଲାଙ୍କୁ ନ ଆସିବାକୁ ଅନୁରୋଧ କରାଯିବ। ୩ତାରିଖ ଠାରୁ ପ୍ରଥମ ସପ୍ତାହରେ ପ୍ରତ୍ୟେକ ଦିନ ୫୦୦୦ ଭକ୍ତଙ୍କୁ ଦର୍ଶନ ଅନୁମତି ମିଳିବ। ପରିସ୍ଥିତିକୁ ଦେଖି ଧୀରେଧୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢାଯିବ। ☞ପୃଷ୍ଠା-୪



# ସିବିଆଇ ହେପାଜତରୁ ୧୦୩ କିଲୋ ସୁନା ଗାଏବ

**କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେଶର ସବୁଠୁ ବଡ଼ ଓ ନିର୍ଭରଯୋଗ୍ୟ ତଦନ୍ତକାରୀ ସଂସ୍ଥା ବିବେଚନା କରାଯାଏ। ବଡ଼ ବଡ଼ ପ୍ରସଙ୍ଗ ଓ ହାଇପ୍ରୋଫାଇଲ ମାମଲାଗୁଡ଼ିକର ତଦନ୍ତ ଭାର ସିବିଆଇକୁ ଦିଆଯାଇଥାଏ ଏହି ଆଶାରେ ଯେ, ଉକ୍ତ ତଦନ୍ତକାରୀ ସଂସ୍ଥା ନ୍ୟାୟ ଦେଇପାରିବ। ହେଲେ ଖୋଦ୍ ସିବିଆଇ ହେପାଜତରୁ ବିପୁଳ ପରିମାଣର ସୁନା ଗାଏବ ହୋଇଯିବା ପରେ ଏହାର ଦୁର୍ବଳତା ପଦାରେ ପଡ଼ିଛି।**

- ତଦନ୍ତ କରିବେ ଏସ୍‌ପି ସ୍ତରର ଅଫିସର
- ସିବିଆଇର ସ୍ୱତନ୍ତ୍ର ଶିଙ୍ଗ ନାହିଁ:କୋର୍ଟ



ଚେନ୍ନାଇ, ୧୨।୧୨

ସିବିଆଇ ହେପାଜତରେ ଥିବା ପ୍ରାୟ ୪ କୁଇଣ୍ଟାଲରୁ ଅଧିକ ସୁନାରୁ ୧୦୩ କିଲୋ ଗାଏବ ହୋଇଯାଇଛି। ଏହାର ମୂଲ୍ୟ ପ୍ରାୟ ୪୩ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତାମିଲନାଡୁ ସିବି-ସିଆଇଡି ଦ୍ୱାରା ଘଟଣାର ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଶୁକ୍ରବାର ଘଟଣା ସାମ୍ନାକୁ ଆସିଛି। ୨୦୧୨ରେ ସିବିଆଇ ଚେନ୍ନାଇରେ ଥିବା ସୁରାନା କର୍ପୋରେଶନ ଲିମିଟେଡ୍ କମ୍ପାନୀରେ ଚଢ଼ାଉ କରି ୪୦୦.୫ କିଲୋ ସୁନା ଇଟା ଓ ଅଳଙ୍କାର ଜବତ କରିଥିଲା। ତାହାକୁ ସୁରାନା କମ୍ପାନୀର ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ଭାବେ ରଖାଯିବା ସହ ସେଥିରେ ସିବିଆଇ ତାଲା ଓ ସିଲ୍ ଲଗାଇଥିଲା। ଘଟଣାରେ ସିବିଆଇ ପକ୍ଷରୁ କୁହାଯାଇଛି ଯେ, ଷ୍ଟ୍ରଙ୍ଗରୁମ୍‌ର ୭୨ଟି ଚାବି ଚେନ୍ନାଇ ପ୍ରିନ୍ସିପାଲ ସ୍ପେଶିଆଲ କୋର୍ଟକୁ ଦିଆଯାଇଥିଲା। ଜବତ ବେଳେ ଏକାଠି ସମସ୍ତ ସୁନାକୁ ଓଜନ କରାଯାଇଥିଲା। କିନ୍ତୁ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ରେ ସୁରାନା ପକ୍ଷରୁ ଋଣ ପରିଶୋଧ ବେଳେ ଏହାକୁ ଅଲଗା ଅଲଗା ଓଜନ କରାଯାଇଥିବାରୁ ଏହି ଫରକ ଦେଖାଦେଇଥିବା ନେଇ ସିବିଆଇ ଯୁକ୍ତି ରଖିଥିଲା। କିନ୍ତୁ କୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ନ ଥିଲେ। ଏଥିସହ ଜଣେ ଏସ୍‌ପି ସ୍ତରର ଅଫିସରଙ୍କ ନେତୃତ୍ୱରେ ତଦନ୍ତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ପୋଲିସ ଦ୍ୱାରା ତଦନ୍ତ ହେଲେ ସମ୍ମାନହାନି ହେବ ବୋଲି ସିବିଆଇ ପକ୍ଷରୁ କୁହାଯାଇଥିଲା। ଜବାବରେ କୋର୍ଟ ☞ପୃଷ୍ଠା-୪

## ଖବରକାଗଜ ଶିଳ୍ପକୁ ପ୍ୟାକେଜ୍ ଦିଅ

**ସରକାରଙ୍କୁ ଆଇଏନ୍‌ଏସ୍‌ର ଅନୁରୋଧ**

ନୂଆଦିଲ୍ଲୀ, ୧୨।୧୨(ପି.ଟି.)

କରୋନା ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ଖବରକାଗଜ ଶିଳ୍ପ ଗତ ୮ ମାସରେ ପ୍ରାୟ ୧୨,୫୦୦ କୋଟି ଟଙ୍କା କ୍ଷତି ସହି ଅଭୂତପୂର୍ବ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହି ସଙ୍କଟରୁ ଖବରକାଗଜ ଶିଳ୍ପକୁ ମୁକୁଳାଇବାକୁ ସରକାର ସହାୟତା ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଇଣ୍ଡିଆନ୍ ନ୍ୟୁଜ୍‌ପେପର ସୋସାଇଟି (ଆଇଏନ୍‌ଏସ୍) ଅନୁରୋଧ କରିଛି।

ନ୍ୟୁଜ୍‌ପ୍ରିଣ୍ଟ, ଜିଏନ୍‌ପି ଏବଂ ଏଲ୍‌ଡବ୍ଲୁସି କାଗଜ ଉପରୁ ଅବଶିଷ୍ଟ ୫ ପ୍ରତିଶତ ସୀମା ଶୁଳ୍କ ଛାଡ଼ କରିବା, ☞ପୃଷ୍ଠା-୪




କେନ୍ଦ୍ରର ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ପିପିଲି ଟୋଲ୍‌ପ୍ଲାଜାକୁ ଶନିବାର ଅକ୍ତିଆର କରାଯାଇ ଯାନବାହନଗୁଡ଼ିକୁ ଦେୟମୁକ୍ତ ଭାବେ ଛଡ଼ାଯାଉଛି।




# ଦରଦ କାହିଁ

## ପଚନଶୀଳ କୃଷି ଓ ଖାଦ୍ୟ ଶିଳ୍ପକୁ ଅଣଦେଖା

**ଫଳମୂଳ, ପନିପରିବା, ମାଛ ଓ ଦୁଗ୍ଧଜାତୀୟ ସାମଗ୍ରୀ ସହଜରେ ତଥା ସ୍ୱଳ୍ପ ସମୟରେ ନଷ୍ଟ ହୋଇଯାଏ। କେତେବେଳେ ପାଗ ଦାଉ ସାଧେ ତ ଆଉ କେବେ ଶୀତଳଭଣ୍ଡାର ନ ଥିବାରୁ ଏସବୁ ପଚିଶଢ଼ି ଯାଏ। ଚାହିଦା ଥିଲେ ବି ପରିବହନ ଓ ଆନୁଷଙ୍ଗିକ ସୁବିଧା ଅଭାବ ଯୋଗୁ ଯୋଗାଣରେ ବାଧା ସୃଷ୍ଟି ହୁଏ। ଫଳରେ ଏଭଳି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ବଜାରରେ ଅତି ଚଢ଼ା ଦରରେ ବିକ୍ରି ହୋଇଥାଏ। ତେବେ ଏହାର ପ୍ରକୃତ ଲାଭ କୃଷକ ପାଇ ନ ଥାଆନ୍ତି। ମାଲାମାଲ ହୁଅନ୍ତି ମଧ୍ୟସ୍ଥ, ଦଲାଲ ଓ କଳାବଜାରକାରୀ। ସେମାନଙ୍କ ଅସାଧୁ କାରବାର ଉପରେ ଲଗାମ ଲଗାଇବା ପାଇଁ ସରକାରଙ୍କ ପାଖରେ ଆଇନ ନାହିଁ। କ୍ଷତିଗ୍ରସ୍ତ ଚାଷୀ ମୁଣ୍ଡରେ ହାତ ଦେଇ ଜୀବନ ହାରୁଥିବାବେଳେ ତାକୁ ବଞ୍ଚାଇବା ପାଇଁ କିଛି ବ୍ୟବସ୍ଥା ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ମହାରାଷ୍ଟ୍ରର ମରାଠୱାଡା। ଏହି ଅଞ୍ଚଳର ୮ ଜିଲାରେ ମାର୍ଚ୍ଚ ୨୪ରୁ ମେ ୨୦ ମଧ୍ୟରେ ଲକ୍‌ଡାଉନ୍ ଯୋଗୁ ପିଆଜ ବିକ୍ରି କରି ନ ପାରି ୧୦୯ ଜଣ ଚାଷୀ ଆତ୍ମହତ୍ୟା କରିଥିଲେ। ସେପଟେ ଚାଷୀଙ୍କଠାରୁ କିଲୋ ପ୍ରତି ୮ଟଙ୍କାରେ କିଣାଯାଇଥିବା ପିଆଜ ଖୁଚୁରା ବଜାରରେ ବିକ୍ରି ହେଉଥିଲା ୮୦ରେ। ଓଡ଼ିଶାରେ ମଧ୍ୟ ସମବାୟ ସଂସ୍ଥା ହଠାତ୍ କ୍ଷୀର କିଣିବା ବନ୍ଦ କରିଦେବାରୁ ନିରୁପାୟ ହୋଇ ଚାଷୀମାନେ ରାସ୍ତାରେ ପାଣି ଭଳି ଢାଳି ଦେଇଥିଲେ ହଜାର ହଜାର ଲିଟର।**

ଭୁବନେଶ୍ୱର/ନୂଆଦିଲ୍ଲୀ,୧୨।୧୨(ବ୍ୟୁରୋ)

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ଆନ୍ଦୋଳନ ଯୋଗୁ ଜାତୀୟ ରାଜଧାନୀ ଦିଲ୍ଲୀ ଏକପ୍ରକାର ପଣବନ୍ଦୀ ହୋଇଯାଇଥିବାବେଳେ ସମଗ୍ର ଦେଶରେ ସୃଷ୍ଟି ହୋଇଛି ଅଭୂତପୂର୍ବ ଅଚଳାବସ୍ଥା। ଏତିକିବେଳେ ନିଜ ଅବାଞ୍ଛିତ ପଦକ୍ଷେପର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ଶାସକ କହୁଛନ୍ତି, ମାନ୍ଧାତାଯୁଗୀୟ ଆଇନକୁ ନେଇ ନୂଆ ଶତାବ୍ଦୀ ଚାଲିପାରିବ ନାହିଁ। ହେଲେ ଏ ଦେଶରେ ଅନେକ ପୁରୁଣା ଆଇନ ଏବେ ବି ପ୍ରଚଳିତ। ସବୁ କଥାରେ ପ୍ରତିବର୍ଷ ନୂଆ ନୂଆ ଆଇନ ଅଣାଯାଇ ପାରିବ ନାହିଁ କି ଏହାର ପ୍ରୟୋଜନ ମଧ୍ୟ ନାହିଁ। ତେବେ କେବଳ କୃଷି ଆଇନ ଉପରେ ଏତେ ଜୋର୍ କାହିଁକି? ସମ୍ପ୍ରତି ଏହି ପ୍ରଶ୍ନ ଏଇଥିପାଇଁ ଉଠୁଛି ଯେ, କୃଷି କହିଲେ କେବଳ ଧାନ, ଗହମ କି ଡାଲି ଜାତୀୟ ଶସ୍ୟକୁ ବୁଝାଏ ନାହିଁ। ଭାରତୀୟ ଚାଷୀ ଫଳମୂଳ, ପନିପରିବା, ମାଛ, ଦୁଗ୍ଧଜାତ ସାମଗ୍ରୀ, ଖାଇବା ତେଲ ଆଦି ଉତ୍ପାଦନ ସହ ମାଂସ ଓ ଅଣ୍ଡା ପାଇଁ କୁକୁଡ଼ା, ବତକ, ଛେଳି, ଗୋରୁ ଆଦି ପାଳନ କରିଥାନ୍ତି।

ଭାରତକୁ ବିଶ୍ୱର ଫ୍ରୁଟ୍ ବାସ୍କେଟ ବା ଫଳ ଟୋକେଇ କୁହାଯାଏ। ଫଳ ଓ ପନିପରିବା ଉତ୍ପାଦନରେ ଚାଇନା ପରେ ଭାରତର ସ୍ଥାନ ଦ୍ୱିତୀୟ। କ୍ଷୀର ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱରେ ପ୍ରଥମ। ସେହିପରି ମତ୍ସ୍ୟ ଚାଷ ଓ ମାଂସ ରପ୍ତାନି କ୍ଷେତ୍ରରେ ମଧ୍ୟ ଆମ ଦେଶ ଅଗ୍ରଣୀ। ଭାରତରେ ଏସବୁ ପଚନଶୀଳ(ପେରିଶେବଲ୍) ଖାଦ୍ୟ ସାମଗ୍ରୀ ବର୍ଷକୁ ୩୨୦ ନିୟୁତ ଟନ୍ ଉତ୍ପାଦନ ହୋଇଥାଏ। ଏହାସତ୍ତ୍ୱେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ଶିଳ୍ପ ଏକପ୍ରକାର ଅଚଳ ହୋଇପଡ଼ିଛି, ଯେତେବେଳେ କି ବର୍ଷକୁ ୨୮୦ ନିୟୁତ ଟନ୍ ଉତ୍ପାଦନ ହେଉଥିବା ଖାଦ୍ୟଶସ୍ୟ ଓ ଡାଲିଜାତୀୟ ଶସ୍ୟ ପାଇଁ ଅଣାଯାଇଥିବା ୩ ନୂଆ କୃଷି ଆଇନକୁ ନେଇ କେନ୍ଦ୍ର ସରକାର ହଲିବାକୁ ବି ପ୍ରସ୍ତୁତ ନୁହନ୍ତି।

ଏଭଳି ପେରିଶେବଲ ଫୁଡ୍ ବା ପଚନଶୀଳ ଖାଦ୍ୟର ପର୍ଯ୍ୟାୟଭୁକ୍ତ ସାମଗ୍ରୀଗୁଡ଼ିକ ପାଇଁ ଦେଶରେ ପୂର୍ବରୁ ୮ଟି ପୁରୁଣାକାଳିଆ ଆଇନ ଥିଲା। ସେଗୁଡ଼ିକ ମଧ୍ୟରୁ ଭେଜିଟେବଲ୍ ଅଏଲ୍ ପ୍ରଡକ୍ଟସ୍ ଅର୍ଡର-୧୯୪୭, ଫ୍ରୁଟ୍ ପ୍ରଡକ୍ଟସ୍ ଅର୍ଡର-୧୯୫୫ ଏବଂ ମିଲ୍କ ଆଣ୍ଡ ମିଲ୍କ ପ୍ରଡକ୍ଟସ୍ ଅର୍ଡର-୧୯୯୨ ଅନ୍ୟତମ। ଏହି ଆଇନଗୁଡ଼ିକୁ ଉଚ୍ଛେଦ କରାଯାଇ ୨୦୦୬ରେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଆକ୍ଟ (ଏଫ୍‌ଏସ୍‌ଏସ୍‌ଏ) ଅଣାଯାଇଥିଲା। ☞ପୃଷ୍ଠା-୯



ଧରିତ୍ରୀ
DHARITRI
ରବିବାର, ୧୩ ଡିସେମ୍ବର, ୨୦୨୦

‘ବ୍ରେକ୍‌ଅପ୍ ପରେ ଆସୁଛି ବଳାତ୍କାର ଅଭିଯୋଗ’

ଦେଶରେ ବଳାତ୍କାରଜନିତ ଅଭିଯୋଗ ବଢ଼ୁଥିବାବେଳେ ସେଥିରୁ ଅଧିକାଂଶ ପ୍ରେମୀଯୁଗଳଙ୍କ ସମ୍ପର୍କ ଛିନ୍ନ ବା ବ୍ରେକ୍‌ଅପ୍ ପରେ ଆସୁଛି ବୋଲି କହିଛନ୍ତି ଛତିଶଗଡ ମହିଳା ଆୟୋଗର ମୁଖ୍ୟ କିରଣମୟୀ ନାୟକ। ବିଳାସପୁରରେ ଏକ ମାମଲାର ଜନଶୁଣାଣିବେଳେ ସେ କହିଛନ୍ତି, ଅଧିକାଂଶ କ୍ଷେତ୍ରରେ ବିଶେଷ କରି ଲିଭ-ଇନ୍ ରିଲେସନଶିପ୍‌ରେ ରହି ସମ୍ପର୍କ ତୁଟିବା ପରେ ଝିଅମାନେ ପୋଲିସର ଦ୍ୱାରସ୍ଥ ହେଉଛନ୍ତି।



## ସଂକ୍ଷେପରେ

### କେମିକାଲ ଫ୍ୟାକ୍ଟ୍ରିରେ ନିଆଁ: ୩ ଗୁରୁତର

**ହାଇଦ୍ରାବାଦ, ୧୨।୧୨:** ହାଇଦ୍ରାବାଦର ବୋଲାରାମ ଇଣ୍ଡଷ୍ଟ୍ରିଆଲ ଏରିଆସ୍ଥିତ ବିନ୍ଧ୍ୟା ଅର୍ଗାନିକ୍ସ କେମିକାଲ ଫ୍ୟାକ୍ଟ୍ରିରେ ଶନିବାର ଅଗ୍ନିକାଣ୍ଡ ଘଟି ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆଉ କେତେଜଣ ଶ୍ରମିକ ଦୁର୍ଘଟଣାସ୍ଥଳରେ ଫସି ରହିଥିବା ସନ୍ଦେହ କରାଯାଉଛି। ଅପରାହ୍ନ ପ୍ରାୟ ସାଢ଼େ ୧ଟା ସୁଦ୍ଧା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟିଥିଲା। କିଛି ରିଆକ୍ଟରରେ ନିଆଁ ଲାଗିଯିବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ଭୁଟାନରେ ସମଲିଙ୍ଗୀ ସମ୍ପର୍କ ବୈଧ

**ଥିମ୍ପୁ, ୧୨।୧୨:** ସମଲିଙ୍ଗୀ ସମ୍ପର୍କକୁ ଅପରାଧ ମୁକ୍ତ କରିଛନ୍ତି ଭୁଟାନ ସରକାର। ଏ ନେଇ ଭୁଟାନ ପାର୍ଲାମେଣ୍ଟର ଉଭୟ ସଦନରେ ଗୁରୁବାର ବିଲ୍ ପାରିତ ହୋଇଛି। ଏଣିକି ସମଲିଙ୍ଗୀ ସମ୍ପର୍କକୁ ଅପ୍ରାକୃତିକ ଯୌନ ସମ୍ପର୍କ ଭାବେ ବିବେଚନା କରାଯିବ ନାହିଁ ବୋଲି ମିଳିତ ପ୍ୟାନେଲର ଉପାଧ୍ୟକ୍ଷ ଆଇନଜୀବୀ ଉଗେନ୍ ୱାଙ୍ଗଡି କହିଛନ୍ତି। ସଦନର ୬୯ ସଦସ୍ୟଙ୍କ ମଧ୍ୟରୁ ୬୩ ଜଣଙ୍କ ଭୋଟ ଆଇନ ସପକ୍ଷରେ ଯାଇଥିଲା। ସୂଚନାଯୋଗ୍ୟ, ଭାରତରେ ସମଲିଙ୍ଗୀ ସମ୍ପର୍କ ବୈଧ ବୋଲି ଆଇନ ଅଣାଯାଇଥିଲା।



# ଆର୍ଜେଣ୍ଟିନା: ଅପରାଧ ନୁହେଁ ଗର୍ଭପାତ

**ବୁଏନ୍ସ ଆୟାର୍ସ, ୧୨।୧୨:** ପ୍ରସବ ପାଇଁ ଇଚ୍ଛୁକ ନ ଥିବା ମହିଳା ଗର୍ଭପାତ କରାଇବା ଅପରାଧ ନୁହେଁ ବୋଲି ଆର୍ଜେଣ୍ଟିନାରେ ଏକ ବିଲ୍ ପାରିତ ହୋଇଛି। ଗତ ମାସରୁ ରାଷ୍ଟ୍ରପତି ଆଲବର୍ଟୋ ଫର୍ନାଣ୍ଡିଜ୍ ଆଣିଥିବା ଏହ ବିଲ୍ ଶୁକ୍ରବାର ନିମ୍ନ ସଦନରେ ପାରିତ ହୋଇଛି। ପ୍ରାୟ ୨୦ ଘଣ୍ଟା ଧରି ଏହା ଉପରେ ଆଲୋଚନା ଚାଲିଥିଲା। ୧୩୧ରୁ ୧୧୭ ଭୋଟରେ ବିଲ୍ ପାରିତ ହୋଇଥିଲା। ସିନେଟରେ ଚଳିତ ମାସ ଶେଷ ସୁଦ୍ଧା ଏହା ଉପରେ ଭୋଟ ଗ୍ରହଣ କରାଯିବ। ଏହି ବିଲ୍ ପାରିତ ହେବା ନେଇ ଘୋଷଣା ହେବା ପରେ ନ୍ୟାଶନାଲ କଂଗ୍ରେସ ବାହାରେ ବିଶେଷ କରି ମହିଳାଙ୍କ ମଧ୍ୟରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା।



### ଇରାନରେ ଖବରଦାତାଙ୍କୁ ଫାଶୀ



**ତେହେରାନ, ୧୨।୧୨:** ଇରାନରେ ଜଣେ ଖବରଦାତାଙ୍କୁ ଶନିବାର ଫାଶୀ ଦିଆଯାଇଛି। ୨୦୧୭ରେ ରୁହୋଲା ଜାମ୍ ନାମକ ଏହି ସାମ୍ବାଦିକଙ୍କ ୱେବ୍‌ସାଇଟ୍ ଓ ଚ୍ୟାନେଲରେ ପ୍ରକାଶିତ ଖବରକୁ ନେଇ ଦେଶବ୍ୟାପୀ ଅର୍ଥନୈତିକ ବିକ୍ଷୋଭ ହୋଇଥିଲା। ଗତ ଜୁନ୍‌ରେ ଅଦାଲତ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ସେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଓ ଇରାନ ସରକାରର ପତନ ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିଲେ।

### ଆପାର୍ଟମେଣ୍ଟରୁ ଆର୍ଯ୍ୟା ବାନାର୍ଜୀଙ୍କ ମୃତଦେହ ଜବତ



**କୋଲକତା, ୧୨।୧୨;** ବଲିଉଡ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବଙ୍ଗାଳୀ ଅଭିନେତ୍ରୀ ଆର୍ଯ୍ୟା ବାନାର୍ଜୀ(୩୩)ଙ୍କ ମୃତଦେହ ଶନିବାର କୋଲକାତା ସ୍ଥିତ ତାଙ୍କ ଆପାର୍ଟମେଣ୍ଟରୁ ଜବତ କରାଯାଇଛି। ମୃତ୍ୟୁର କାରଣ ଜଣାପଡି ନାହିଁ। ଅଭିନେତା ସ୍ୱର୍ଗତ ନିଖିଲ ବନ୍ଦୋପାଧ୍ୟାୟଙ୍କ କନ୍ୟା ଆର୍ଯ୍ୟା ୨୦୧୦ରେ ‘ଲଭ୍ ସେକ୍ସ ଔର ଧୋକା’, ୨୦୧୧ରେ ‘ ଦି ଡାର୍ଟି ପିକ୍ଚର’ ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।

### ହେଲିକପ୍ଟର ଖସି ୨ ମୃତ

**କଲରାଡୋ, ୧୨।୧୨:** ଆମେରିକାର ପଶ୍ଚିମ ଟେକ୍ସାସ୍‌ରେ ଏକ ହେଲିକପ୍ଟର ଖସି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩୧ ବର୍ଷୀୟ ଜଣେ ପାଇଲଟ ଓ ୩୨ ବର୍ଷୀୟ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଫେଡେରାଲ ଏଭିଏସନ୍ ଆଡମିନିଷ୍ଟ୍ରେଶନ ଓ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ଘଟଣାର ତଦନ୍ତ କରିବ ବୋଲି ଜଣାଯାଇଛି।

### ‘ ପିଲା ଜନ୍ମ ନିଷ୍ପତ୍ତି ଦମ୍ପତି ନିଅନ୍ତୁ ’

**ନୂଆଦିଲ୍ଲୀ, ୧୨।୧୨:** ଦେଶବାସୀଙ୍କ ଉପରେ ପରିବାର ନିୟନ୍ତ୍ରଣ ନିଷ୍ପତ୍ତି ଛଡାଯିବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ଦ୍ୱାରା ଦାଖଲ ପିଆଇଏଲ୍‌ର ପ୍ରତିକ୍ରିୟାରେ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଫାମିଲି ପ୍ଲାନିଂ ପାଇଁ ଦେଶବାସୀଙ୍କ ଉପରେ ଜୋର ଜବରଦସ୍ତ କରାଯାଇପାରିବ ନାହିଁ। ଏକ ଦମ୍ପତି କେତେ ସନ୍ତାନସନ୍ତତିଙ୍କୁ ଜନ୍ମ ଦେବେ ତାହା ସେମାନେ ନିଜ ଇଚ୍ଛା ଅନୁଯାୟୀ ସ୍ଥିର କରିବା ଉଚିତ। ପ୍ରଥମେ ଦିଲ୍ଲୀ ହାଇକୋର୍ଟରେ ଏହି ପିଆଇଏଲ୍ ଦାଖଲ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟ ଏହି ପିଟିସନକୁ ଖାରଜ କରିଦେଇଥିଲେ। ଏ ଦିଗରେ ସରକାର ବିଚାର କରି ଆଇନ ଆଣିପାରିବେ ବୋଲି କୋର୍ଟ କହିଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମକୋର୍ଟ ଏହି ପିଟିଶନର ଶୁଣାଣି ବେଳେ କେନ୍ଦ୍ରକୁ ଜବାବ ମାଗିଥିଲେ। ଭାରତରେ ମୋଟ ପ୍ରଜନନ ହାର ହ୍ରାସ ପାଇଛି। ୨୦୦୧-୨୦୧୧ ଜନଗଣନାରୁ ଏହା ଜଣାପଡିଛି।

# ଭଣ୍ଡୁର ହେବାକୁ ଦିଆଯିବନି

## ପ୍ରତିଜ୍ଞା କଲେ ଆନ୍ଦୋଳନରତ ଚାଷୀ

**ଶୀତ କାକର ସହି ମରିବୁ ପଛେ ପଛଘୁଞ୍ଚା ଦେବୁନାହିଁ । ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କେନ୍ଦ୍ରର ଉଦ୍ୟମକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି କୃଷକ ସଙ୍ଗଠନ । ଦେଶକୁ ଆହାର ଯୋଗାଉଥିବା କୃଷକ ନିଜ ହକ୍ ପାଇଁ ଲଢ଼େଇ କରୁଥିବାବେଳେ ଦିଲ୍ଲୀକୁ ଯେପରି ଅଧିକ ସଂଖ୍ୟକ ଚାଷୀ ଆସି ନ ପାରିବେ ସେଥିପାଇଁ ଜାତୀୟ ରାଜଧାନୀ ସଂଲଗ୍ନ ସୀମାରେ ବ୍ୟାପକ ପୋଲିସ ମୁତୟନ କରାଯାଇ ଆଗକୁ ବଢ଼ିବାକୁ ଦିଆଯାଉନାହିଁ । ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର ନ କଲେ ଆସନ୍ତା ସୋମବାର ଅନଶନରେ ବସିବେ ବୋଲି ଚାଷୀ ନେତାମାନେ ଚେତାବନୀ ଦେଇଛନ୍ତି।**

- ୧୪ରେ କୃଷକ ନେତାଙ୍କ ଅନଶନ
- ଦିଲ୍ଲୀ ସୀମାରେ ବଢ଼ିଲା ସୁରକ୍ଷା
- ଟୋଲ୍ ପ୍ଲାଜା ଦଖଲ କଲେ ଚାଷୀ



ନୂଆଦିଲ୍ଲୀର ଗାଜିପୁର ସୀମାରେ ଆନ୍ଦୋଳନରତ କୃଷକମାନଙ୍କୁ ସମ୍ବୋଧିତ କରୁଛନ୍ତି ସାମାଜିକ କର୍ମୀ ମେଧା ପାଟକର।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କୁ ଧରାଇଥିବା ଲଲିପପ୍‌କୁ ନେଇ ସାରା ଦେଶ ଅତିଷ୍ଠ। କୃଷକମାନେ ଲୋକଙ୍କୁ ସୁହାଇଲା ଭଳି ଶାସନ ଚାହାନ୍ତି। ମୋଦିଙ୍କ ଭାଷଣ ଶୁଣିବାକୁ କାହାରି ଆଗ୍ରହ ନାହିଁ। ତେଣୁ କେନ୍ଦ୍ର ସରକାର ସେମାନଙ୍କ ଦାବିକୁ ତୁରନ୍ତ ମାନିନିଅନ୍ତୁ।

–ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

**ନୂଆଦିଲ୍ଲୀ, ୧୨।୧୨**

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ଚାଷୀଙ୍କ ଆନ୍ଦୋଳନ ଶନିବାର ୧୭ ଦିନରେ ପହଞ୍ଚିଛି। ଆଇନର କେତେକ ଧାରାରେ ସଂଶୋଧନ ପାଇଁ ସରକାର ପ୍ରସ୍ତାବ ଦେଇଥିଲା ବେଳେ ଚାଷୀ ଏହାର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଅଡ଼ି ବସିଛନ୍ତି। ସରକାରଙ୍କ ଉପରେ ଅଧିକ ଚାପ ପକାଇବା ପାଇଁ ୧୪ ତାରିଖରେ ସମସ୍ତ କୃଷକ ନେତା ସିଙ୍ଘୁ ସୀମାରେ ଅନଶନରେ ବସିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯଦି ସରକାର ଆଲୋଚନା ଚାହୁଁଛନ୍ତି, ତେବେ ସେଥିପାଇଁ ଆମେ ପ୍ରସ୍ତୁତ ବୋଲି କୃଷକ ନେତା କହିଛନ୍ତି। ତେବେ ପ୍ରଥମେ ୩ ଆଇନ ପ୍ରତ୍ୟାହାର ନେଇ ଆଲୋଚନା ହେବା ଆବଶ୍ୟକ। ଆମେ ସଂଶୋଧନ ସପକ୍ଷରେ ନାହୁଁ ବୋଲି ସଂଯୁକ୍ତ କିଷାନ ଆନ୍ଦୋଳନର ନେତା କମଲ ପ୍ରୀତ୍ ସିଂ ପନ୍ନୁ କହିଛନ୍ତି। ସରକାର ଚାଷୀ ଆନ୍ଦୋଳନକୁ ବିଫଳ କରିବାକୁ ଚାହୁଁଛନ୍ତି। ତାହା ହେବାକୁ ଦିଆଯିବନାହିଁ ବୋଲି କୃଷକ ନେତା କହିଛନ୍ତି। ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ ଜାରି ରଖିବାକୁ ଚାଷୀମାନେ ପ୍ରତିଜ୍ଞା କରିଛନ୍ତି।

ରବିବାର ପୂର୍ବାହ୍ନ ୧୧ଟାରୁ କୃଷକମାନେ ଟ୍ରାକ୍ଟର ଶୋଭାଯାତ୍ରା କରିବେ। ରାଜସ୍ଥାନର ଶାହଜାହାନପୁରରୁ ଏହା ଆରମ୍ଭ ହେବ ଏବଂ ଜୟପୁର-ଦିଲ୍ଲୀ ମୁଖ୍ୟ ରାସ୍ତାକୁ ଅବରୋଧ କରାଯିବ। ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୩ ଆଇନ ଚାଷୀ ବିରୋଧୀ ଏବଂ ଏହା କୃଷକଙ୍କୁ ବୃହତ୍ କର୍ପୋରେଟଗୁଡ଼ିକର ଦୟାରେ ଛାଡ଼ିଦେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅଚଳାବସ୍ଥାର ସମାଧାନ ପାଇଁ କୃଷକ ସଂଗଠନ ସହ ସରକାରଙ୍କ ଏକାଧିକ ପର୍ଯ୍ୟାୟ ଆଲୋଚନା ବିଫଳ ହେଲାଣି।

ଆନ୍ଦୋଳନକୁ ବ୍ୟାପକ କରିବାକୁ ଚାଷୀନେତାମାନେ ଧମକ ଦେଇଛନ୍ତି। ଆନ୍ଦୋଳନରେ ସାମିଲ ହୋଇଥିବା ୩୨ କୃଷକ ସଂଗଠନ ମଧ୍ୟରୁ ଶୁକ୍ରବାର ଗୋଟିଏ ସଂଘ କୃଷି ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଦିଲ୍ଲୀ-ଜୟପୁର ଜାତୀୟ ରାଜପଥ ଏବଂ ଯମୁନା ଏକ୍ସପ୍ରେସ୍ ୱେ ଅବରୋଧ କରିବାକୁ କୃଷକମାନେ ନିଷ୍ପତ୍ତି ନେଇଥିବାରୁ ଦିଲ୍ଲୀ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି। ବିଭିନ୍ନ ସୀମାରେ କଂକ୍ରିଟ୍ ପ୍ରତିବନ୍ଧକ ରଖାଯିବା ସହ ଅଧିକ ସଂଖ୍ୟାରେ ସୁରକ୍ଷା ବଳ ନିୟୋଜିତ ହୋଇଛନ୍ତି। ଆନ୍ଦୋଳନସ୍ଥଳକୁ ଯେପରି ଅଧିକ କୃଷକ ନ ଆସନ୍ତି ସେଥିପାଇଁ ଗୁରୁଗ୍ରାମରେ ହଜାରେରୁ ଅଧିକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ଫରିଦାବାଦରେ ୩,୫୦୦ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ଶନିବାର ଭାରତୀୟ କିଷାନ ୟୁନିୟନ ଜାତୀୟ ରାଜପଥ ୯୧ ନିକଟରେ ଥିବା ଏକ ଟୋଲ୍ ପ୍ଲାଜାକୁ ଦଖଲ କରିବା ପରେ ସ୍ଲୋଗାନ ଦେଇଥିଲା। ଟୋଲ୍ ପ୍ଲାଜା ଦଖଲ ପରେ ଗାଡ଼ିଗୁଡ଼ିକ ଦେୟ ନ ଦେଇ ଚାଲିଯାଇଥିଲେ।

### ସିଭିଲ୍ ସର୍ଭିସ ପରୀକ୍ଷା କାର୍ଯ୍ୟସୂଚୀ ଜାରି

**ନୂଆଦିଲ୍ଲୀ, ୧୨।୧୨**

କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ସିଭିଲ୍ ସର୍ଭିସ୍ (ମେନ୍) ପରୀକ୍ଷା କାର୍ଯ୍ୟସୂଚୀ ଜାରି କରିଛି। ଆସନ୍ତା ବର୍ଷ ଜାନୁୟାରୀ ୮ରୁ ୧୭ ଏହି ପରୀକ୍ଷା ହେବାକୁ ଥିବାବେଳେ ସପ୍ତାହାନ୍ତରେ ଦୁଇଟି ସେସନ୍ (ପୂର୍ବାହ୍ନ ଓ ଅପରାହ୍ନ)ରେ ଅନୁଷ୍ଠିତ ହେବ। ଜାନୁୟାରୀ ୮ (ଶୁକ୍ରବାର) ଗୋଟିଏ ସେସନ୍ ସକାଳ ୯ରୁ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରାର୍ଥୀ ପେପର-୧ ପ୍ରବନ୍ଧ ପରୀକ୍ଷା ଦେବେ। ୯ ତାରିଖ ପୂର୍ବାହ୍ନ ସେସନ୍‌ରେ ପେପର-୨ ସାଧାରଣ ପାଠ-୧ ଏବଂ ଅପରାହ୍ନ ସେସନ୍‌ରେ ପେପର-୩ ସାଧାରଣ ପାଠ-୨ ପରୀକ୍ଷା ହେବ। ସାଧାରଣ ପାଠ-୩ ଏବଂ ୪ ପରୀକ୍ଷା ରବିବାର (୯ ତାରିଖ)ଅନୁଷ୍ଠିତ ହେବ। ସେହିପରି ୧୬ ତାରିଖରେ ପେପର-ଏ ଭାରତୀୟ ଭାଷା ଉପରେ ପରୀକ୍ଷା ହେବାକୁ ଥିବାବେଳେ ଅପରାହ୍ନରେ ପେପର-ବି ଇଂଲିଶ ପରୀକ୍ଷା ହେବ। ୧୭ ତାରିଖ ପୂର୍ବାହ୍ନରେ ପେପର-୬ ଇଚ୍ଛାଧୀନ ପେପର-୧ ଓ ଅପରାହ୍ନରେ ପେପର-୭ ଇଚ୍ଛାଧୀନ ପେପର-୨ ପରୀକ୍ଷା କରାଯିବ।

### ସୁପ୍ରିମକୋର୍ଟରେ ଟ୍ରମ୍ପ୍ ନିରାଶ



**ୱାଶିଂଟନ, ୧୨।୧୨(ପି.ଟି.)**

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ଚ୍ୟାଲେଞ୍ଜ କରି ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଦାଏର କରିଥିବା ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଫଳାଫଳକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଆଇନଗତ ଲଢ଼େଇ ଶେଷ ହୋଇଛି। ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସପକ୍ଷରେ ଯାଇଥିବା ଜର୍ଜିଆ, ମିଶିଗାନ, ପେନ୍‌ସିଲ୍‌ଭାନିଆ ଏବଂ ୱିସକନ୍‌ସିନ୍‌ର ଲକ୍ଷାଧିକ ବାଲଟକୁ ଅଟକାଇବା ପାଇଁ ଟେକ୍ସାସ୍ ଆର୍ଟର୍ନି ଜେନେରାଲ କରିଥିବା ଆବେଦନକୁ ଟ୍ରମ୍ପ୍ ସମର୍ଥନ କରିଥିଲେ। ସୁପ୍ରିମକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି।

## ‘ଚାଷୀଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ’

**ନୂଆଦିଲ୍ଲୀ, ୧୨।୧୨(ପି.ଟି.)**



ଚାଷୀମାନେ ଆନ୍ଦୋଳନ ବଢ଼ାଇବାକୁ ଚେତାବନୀ ଦେଇଥିବାବେଳେ ସରକାର ସେମାନଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। କୃଷକଙ୍କ ଆୟ ବଢ଼ାଇବାରେ ନୂଆ ଆଇନ ବିକଳ୍ପ ବଜାର ଯୋଗାଇଦେବ ବୋଲି ସେ କହିଛନ୍ତି। କୃଷିକୁ ନେଇ ରହିଥିବା ପ୍ରତିବନ୍ଧକ ହଟାଇବା ସରକାରଙ୍କ ଉଦ୍ଦେଶ୍ୟ। କୃଷି ସଂସ୍କାର ତାହାର ଅଂଶବିଶେଷ। ନୂଆ ଆଇନ ଯୋଗୁ କୃଷିକ୍ଷେତ୍ରକୁ ଟେକ୍‌ନୋଲୋଜି ଆସିବା ସହ ପୁଞ୍ଜି ବିନିଯୋଗ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସରକାର ତାଙ୍କର ନୀତି ଓ କାର୍ଯ୍ୟକ୍ରମ ମାଧ୍ୟମରେ କୃଷକଙ୍କ ସ୍ୱାର୍ଥ ଓ କଲ୍ୟାଣର ସୁରକ୍ଷା ଲାଗି ପ୍ରତିଶ୍ରୁତିବଦ୍ଧ। ନୂଆ ଆଇନ ଚାଷୀଙ୍କୁ ଲାଭବାନ କରିବ ବୋଲି ପ୍ରଧାନମନ୍ତ୍ରୀ ଏଫ୍‌ଆଇସିସିଆଇ ବାର୍ଷିକ ବୈଠକରେ କହିଥିଲେ।



ଶିମ୍‌ଲାର କୁଫ୍‌ରୀଠାରେ ପର୍ଯ୍ୟଟକମାନେ ତୁଷାରପାତର ମଜା ନେଉଛନ୍ତି।

## ଫାଇଜରକୁ ଆମେରିକା, ମେକ୍ସିକୋର ମଞ୍ଜୁରୀ

**ୱାଶିଂଟନ/ମେକ୍ସିକୋ ସିଟି, ୧୨।୧୨**

ଫାଇଜର ଟିକାର ଜରୁରୀ ବ୍ୟବହାର ଲାଗି ଆମେରିକା ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିଛି। କରୋନା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ଏହି ଦେଶରେ ଖୁବ୍‌ଶୀଘ୍ର ଟିକାର ପ୍ରଥମ ଡୋଜ୍ ପ୍ରଦାନ କରାଯିବ। ଆମେରିକାର ଫାଇଜର ଏବଂ ଜର୍ମାନ ସହଯୋଗୀ ବାୟୋଏନ୍‌ଟେକ୍ ଦ୍ୱାରା ପ୍ରସ୍ତୁତ ଟିକାକୁ ଦେଶର ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫଡିଏ) ଜରୁରୀ ବ୍ୟବହାର ପାଇଁ ସ୍ୱୀକୃତି ପ୍ରଦାନ କରିଛି।

ସେହିପରି ମେକ୍ସିକୋ ସରକାର ଉକ୍ତ ଟିକାକୁ ବ୍ୟବହାର ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଫାଇଜରକୁ ଅନୁମତି ଦେବାରେ ମେକ୍ସିକୋ ଚତୁର୍ଥ ରାଷ୍ଟ୍ର। ପୂର୍ବରୁ ବ୍ରିଟେନ, କାନାଡା ଓ ବାହାରିନ୍ ଏହି ଟିକାକୁ ବ୍ୟବହାର ଲାଗି ଅନୁମତି ପ୍ରଦାନ କରିଥିଲେ। ମେକ୍ସିକୋକୁ ୨.୫୦ ଲକ୍ଷ ଫାଇଜର ଟିକା ଯୋଗାଇଦିଆଯିବ, ଯାହା ଏହାର ୧,୨୫,୦୦୦ ଲୋକଙ୍କ ପାଇଁ ଯଥେଷ୍ଟ। ଆଗଧାଡ଼ିର କର୍ମଚାରୀମାନଙ୍କୁ ପ୍ରଥମେ ଟିକା ଦିଆଯିବ ବୋଲି ସେଠାର ସହକାରୀ ସ୍ୱାସ୍ଥ୍ୟ ସଚିବ ଗାଟେଲ କହିଛନ୍ତି।

## ୩ ଆଇପିଏସ୍ ଅଫିସରଙ୍କୁ ଡେପୁଟେଶନ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୨।୧୨(ପି.ଟି.)**


### ମମତା-କେନ୍ଦ୍ର ଟଣାଓଟରା

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ ଉପରେ ଆକ୍ରମଣ ବେଳେ ସୁରକ୍ଷାରେ ତ୍ରୁଟି ପାଇଁ ଦାୟୀ ପଶ୍ଚିମବଙ୍ଗର ୩ ଜଣ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଶନିବାର ଏକତରଫା ଭାବେ ସମନ ଜାରି କରିଛି। ଉକ୍ତ ୩ ଅଫିସର ନଡ୍ଡାଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ଏହି ଘଟଣା ପରେ ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର ଏବଂ କେନ୍ଦ୍ର ମଧ୍ୟରେ ବିବାଦ ଆହୁରି ତୀବ୍ର ହୋଇଛି। ସାଧାରଣତଃ ସର୍ବଭାରତୀୟ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନେବା ପୂର୍ବରୁ ରାଜ୍ୟ ସରକାରଙ୍କ ମତାମତ ନିଆଯାଇଥାଏ। କିନ୍ତୁ ପଶ୍ଚିମବଙ୍ଗ କ୍ଷେତ୍ରରେ ତାହା ହୋଇନାହିଁ। ରାଜ୍ୟର ଆଇଏଏସ୍ ଏବଂ ଆଇପିଏସ୍ ଅଫିସରମାନଙ୍କୁ ଆତଙ୍କିତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପଶ୍ଚିମବଙ୍ଗରେ ପରୋକ୍ଷରେ ଜରୁରୀ ପରିସ୍ଥିତି ଲାଗୁ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି। ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲାଙ୍କୁ ପତ୍ର ଲେଖି ଏହାର ପ୍ରତିବାଦ ଜଣାଇଛନ୍ତି। ଗୁରୁବାର ନଡ୍ଡାଙ୍କ ଗାଡ଼ି ଉପରେ ଢେଲାମାଡ଼ ଘଟଣା ପାଇଁ ସେ ନିଜେ ଦାୟୀ ବୋଲି ଟିଏମ୍‌ସି ନେତା କହିଛନ୍ତି।

# ବଢ଼ିବ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସୀମା

**ନୂଆଦିଲ୍ଲୀ, ୧୨।୧୨(ପି.ଟି.)**

### ରାଜନୈତିକ ଦଳଙ୍କ ମତାମତ ଲୋଡ଼ିଲେ ଇସି




ଲୋକ ସଭା ଓ ବିଧାନସଭା ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କର ଖର୍ଚ୍ଚ ସୀମା କେତେ ହେବା ଆବଶ୍ୟକ ଏନେଇ ନିର୍ବାଚନ କମିଶନ (ଇସି) ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟ ରାଜନୈତିକ ଦଳଗୁଡ଼ିକର ମତାମତ ଲୋଡ଼ିଛନ୍ତି। ସେମାନଙ୍କୁ ମତାମତ ଓ ପ୍ରସ୍ତାବ କମିଟିର ନୋଡାଲ ଅଫିସରଙ୍କ ପାଖକୁ ପଠାଇବା ପାଇଁ ପରାମର୍ଶ ଦିଆଯାଇଛି। ନିର୍ବାଚନୀ ଖର୍ଚ୍ଚ ସୀମା ସଂଶୋଧନ ଲାଗି ଗତ ଅକ୍ଟୋବରରେ ଉକ୍ତ କମିଟି ଗଠନ କରାଯାଇଥିଲା।

ଭୋଟରଙ୍କ ସଂଖ୍ୟା ବଢ଼ିବା ସହ ମୂଲ୍ୟ ମୁଦ୍ରାସ୍ଫୀତି ସୂଚକାଙ୍କ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ସୀମା ପୁନଃ ନିର୍ଦ୍ଧାରଣ ଲାଗି କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ପୂର୍ବରୁ ୨୦୧୪ରେ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ସଂଶୋଧନ ହୋଇଥିଲା। ଗତ ୬ ବର୍ଷ ମଧ୍ୟରେ ଭୋଟରଙ୍କ ସଂଖ୍ୟା ୮୩.୪ କୋଟିରୁ ୯୨.୧ କୋଟିକୁ ବୃଦ୍ଧି ପାଇଛି। ଉକ୍ତ ସମୟ ମଧ୍ୟରେ ମୂଲ୍ୟ ମୁଦ୍ରାସ୍ଫୀତି ୨୨୦ରୁ ବଢ଼ି ୩୦୧ରେ ପହଞ୍ଚିଲାଣି ବୋଲି ଅକ୍ଟୋବରରେ କମିଟି ଗଠନ ବେଳେ ଘୋଷଣା କରାଯାଇଥିଲା। କମିଟି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବର୍ଦ୍ଧିତ ଭୋଟର ସଂଖ୍ୟା ଏବଂ ମୁଦ୍ରାସ୍ଫୀତି ସୂଚକାଙ୍କକୁ ଅନୁଧ୍ୟାନ କରି ବର୍ତ୍ତମାନ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ଖର୍ଚ୍ଚ କେତେ ହେବା ଆବଶ୍ୟକ ତାହା ସ୍ଥିର କରିବ। ଆସନ୍ତା ବର୍ଷ ପ୍ରଥମ ଭାଗରେ କମିଟି ଇସିଙ୍କୁ ରିପୋର୍ଟ ଦେବା ଆଶା କରାଯାଉଛି। କରୋନା ମହାମାରୀ ସମୟରେ ପ୍ରାର୍ଥୀମାନେ ପ୍ରଚାରକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ବିଚାରକୁ ନେଇ ଇସିଙ୍କ ସୁପାରିସ କ୍ରମେ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୧୦ ପ୍ରତିଶତ ମଧ୍ୟରେ ବଢ଼ାଇବା ପାଇଁ ସରକାର କମିଟି ଗଠନ କରିଥିଲେ। ଏହି ସଂଶୋଧିତ ଖର୍ଚ୍ଚ ବିହାର ବିଧାନସଭା ନିର୍ବାଚନ ଓ ଅନ୍ୟାନ୍ୟ ଉପନିର୍ବାଚନ ପାଇଁ ଲାଗୁ ହେବ।

ବର୍ତ୍ତମାନ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ତେଲଙ୍ଗାନା ଏବଂ ଦିଲ୍ଲୀ ପାଇଁ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ଲୋକ ସଭା ନିର୍ବାଚନ ପାଇଁ ୭୭ ଲକ୍ଷ ଏବଂ ବିଧାନସଭା ପାଇଁ ୩୦.୮ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରାରେ ଲୋକ ସଭା ନିର୍ବାଚନ ଖର୍ଚ୍ଚ ସୀମା ୭୭ ଲକ୍ଷ ହୋଇଥିବାବେଳେ ବିଧାନସଭା ଖର୍ଚ୍ଚ ସୀମା ୨୨ ଲକ୍ଷ ରହିଛି। ଅରୁଣାଚଳପ୍ରଦେଶ, ଗୋଆ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଚଣ୍ଡିଗଡ଼, ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡିଉ, ଲାକ୍ଷାଦ୍ୱୀପ, ପୁଡୁଚେରୀ ଓ ଲଦାଖ ପାଇଁ ପ୍ରାର୍ଥୀଙ୍କ ଲୋକ ସଭା ନିର୍ବାଚନ ଖର୍ଚ୍ଚ ସୀମା ୫୯.୪ ଲକ୍ଷ ଏବଂ ବିଧାନସଭା ନିର୍ବାଚନ ପାଇଁ ୨୨ ଲକ୍ଷ ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୧୬,୬୭,୧୩୭ | ୧୬,୦୫,୦୭୨ | ୪,୯୮,୨୫,୨୨୮ |
| ଭାରତ | ୯୮,୪୪,୩୨୨ | ୧,୪୨,୮୪୧ | ୯୩,୪୩,୦୫୬ |
| ଓଡ଼ିଶା | ୩,୨୩,୩୬୪ | ୧୮୦୨(+୫୩) | ୩,୧୮,୬୮୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମାଫିଆଙ୍କ କବ୍‌ଜାରେ ରତ୍ନପଥର ଖଣି

ବିଭୂତି ଭୂଷଣ ନାୟକ/ଅମିତାଭ ବେହେରା
ବିଷମକଟକ/କୋରାପୁଟ,୧୨।୧୨(ସ୍ୱ.ପ୍ର.)



- ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଚାଲିଛି ଚାଲାଣ
- ଓଏମ୍‌ସି ନିକଟରେ ନାହିଁ ସବୁ ଖଣିର ତଥ୍ୟ
- ପଲ୍ଲିସଭାର ବର୍ଷେ ପରେ ବି ହେଉନି ଖନନ
- ଚୋରାଚାଲାଣର ଟେର ପାଉନି ପ୍ରଶାସନ



ରାୟଗଡ଼ା ଜିଲାରୁ ଅବାଧରେ ବାହାର ରାଜ୍ୟକୁ ରତ୍ନପଥର ଚାଲାଣ କରାଯାଉଛି। ଦୀର୍ଘ ବର୍ଷ ଧରି ମାଫିଆମାନେ ଏହି କାରବାର ଚଳାଇଥିଲେ ମଧ୍ୟ ଏଥିରେ ଲଗାମ ଲାଗିପାରୁନାହିଁ। ସୋମବାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ରାୟଗଡ଼ା ସହରରୁ ଅମ୍ବାଦଳା ଥାନା ଅଧୀନ ବିଜାବଦ୍ଧାଳି ଗ୍ରାମର ଜିତେନ୍ଦ୍ର କୁମାର ବେହେରାଙ୍କ ନିକଟରୁ ପ୍ରାୟ ୨୦ ପ୍ରକାର ରତ୍ନପଥର(୧୫୧କେ.ଜି.) ଜବତ କରିବା ପରେ ଏହା ପଦାରେ ପଡ଼ିଛି। ଜିଲାରେ ବନ୍ଦ ହୋଇଥିବା ରତ୍ନ ଖଣିଗୁଡ଼ିକରୁ ମାଫିଆମାନେ ବିପୁଳ ପରିମାଣରେ ରତ୍ନପଥର ଲୁଟି ନେଉଥିବାବେଳେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଓ ପ୍ରଶାସନ ଚୁପ୍ ବସିଥିବା ନେଇ ଜିଲାରେ ଅସନ୍ତୋଷ ବଢ଼ୁଛି। ଜିଲାର ବିଷମକଟକ ବ୍ଲକ୍ ପାଇକ ଡାକୁଲୁଗୁଡ଼ାରେ ଥିବା ବୈଦୁର୍ଯ୍ୟ(କ୍ୟାଟ୍ସ ଆଇ)ଖଣିରୁ ପ୍ରତିଦିନ ରତ୍ନପଥର ଖୋଳାଯାଇ ବିଭିନ୍ନ ସ୍ଥାନକୁ ଚୋରାଚାଲାଣ ହେଉଛି। ଜିଲାର ବିଭିନ୍ନ ରତ୍ନପଥର ଖଣି ଅଞ୍ଚଳରେ ମାଫିଆମାନେ ଆଡ୍ଡା ଜମାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ରତ୍ନପଥର ଖୋଳୁଥିବା ଅଭିଯୋଗ ହେଉଛି। ଏହା ବ୍ୟତୀତ ବିଷମକଟକ ବ୍ଲକ୍ ଅନ୍ତର୍ଗତ ରାସପଲ୍ଲା, ମୁନିଗୁଡ଼ା ବ୍ଲକ୍‌ର ଦହିଖାଲ ଏବଂ ରାୟଗଡ଼ାର ଇରୁକୁଠାରେ ମଧ୍ୟ ରତ୍ନପଥର ଖଣି ରହିଥିବା କୁହାଯାଉଛି। କିନ୍ତୁ ଏସବୁ ଖଣି ବିଷୟରେ ଖଣି ନିଗମ ନିକଟରେ କୌଣସି ସୂଚନା ନାହିଁ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ପାଇକଡାକଲଗୁଡ଼ା ଗ୍ରାମରେ ୨ଟି କ୍ୟାଟ୍ସ ଆଇ ରତ୍ନପଥର ଖଣି ରହିଥିବା କୋରାପୁଟସ୍ଥିତ ଖଣି ଉପନିର୍ଦ୍ଦେଶକ ଜାନୁମ୍ ସିଂ ବାନରା ସୂଚନା ଦେଇଛନ୍ତି। ଗୋଟିଏ ଖଣି ବିଜୟ କୁମାର ବଂଶଲ ଓ ଅନ୍ୟ ଏକ ଖଣି ବିଜୟ ଗୁପ୍ତା ନାମକ ବ୍ୟକ୍ତିଙ୍କୁ ଲିଜ୍‌ରେ ଦିଆଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଏଠାରୁ ରତ୍ନପଥର ଉତ୍ତୋଳନ ନିମନ୍ତେ ପରିବେଶ ମଞ୍ଜୁରୀ, ମାଇନିଂ ପ୍ଲାନ୍ ଆଦି ବିଭିନ୍ନ ପ୍ରାଥମିକ କାଗଜପତ୍ର ହୋଇ ନ ଥିବା ସେ କହିଛନ୍ତି। କିନ୍ତୁ ଅବିଭକ୍ତ କୋରାପୁଟ ଜିଲାରେ ରତ୍ନପଥର ଖଣିରୁ ବେଆଇନ ଚାଲାଣ ନେଇ ତାଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୧ ବର୍ଷ ତଳେ ରାୟଗଡ଼ା ଜିଲାର ଡାକୁଲୁଗୁଡ଼ା ପାହାଡ଼ରେ ରତ୍ନପଥର ଖଣିର ସନ୍ଧାନ ମିଳିଥିଲା। ସେତେବେଳେ ଖଣି ନିଗମ ପକ୍ଷରୁ ଉକ୍ତ ସ୍ଥାନରେ ଖନନ କରାଯିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। କିନ୍ତୁ ସରକାର ଏହାକୁ ହାତକୁ ନ ନେବା ଯୋଗୁ ଖଣି ମାଫିଆମାନେ ଏହାର ଫାଇଦା ନେଲେ। ୨୦୧୮ରେ ଏଠାରୁ ଦଲାଲମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୧୫୦-୨୦୦ଫୁଟ ଗଭୀରରେ ଖଣି ଖୋଳିଥିଲେ। ଏହା ଜାଣିବା ପରେ ଗୁଣପୁର ଉପଜିଲାପାଳଙ୍କ ନୋଟିସ ଅନୁଯାୟୀ ବିଷମକଟକ ତହସିଲଦାର ଏବଂ ମୁନିଗୁଡ଼ା ପୋଲିସ ପକ୍ଷରୁ ଖଣି ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା। ପୋଲିସର କଡ଼ା ନଜରରେ ଖଣି ଅଞ୍ଚଳ ରହିଥିଲା। କିନ୍ତୁ କୌଣସି ଅପ୍ରୀତିକର ପରିସ୍ଥିତି ଦେଖା ନ ଦେବାରୁ ୨ମାସ ପରେ କଟକଣା ହଟିଥିଲା। ୨୦୧୯ରେ ଓଏମ୍‌ସି ଏବଂ ପରିବେଶ ବିଭାଗ ପକ୍ଷରୁ ଏଠାରେ ଜନଶୁଣାଣି କରାଯାଇ ଖଣି ଖନନ ପାଇଁ ଲୋକଙ୍କ ମତାମତ ଲୋଡ଼ାଯାଇଥିଲା। ପ୍ରଶାସନ ପକ୍ଷରୁ ଖଣି ଚାରିପଟେ ତାରବାଡ଼ ଦିଆଯାଇଥିଲା। ଲୋକେ ମଧ୍ୟ ଖଣି ଖନନ ହେଲେ ସ୍ଥାନୀୟ ବାସିନ୍ଦା ରୋଜଗାର ପାଇବା ସହ ଅଞ୍ଚଳର ବିକାଶ ହେବ ବୋଲି ଆଶା ବାନ୍ଧିଥିଲେ। ହେଲେ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହେଲାନାହିଁ। କୌଣସି କାମ ନ ହେବାରୁ ଏବେ ଏହି ଅଞ୍ଚଳ ରତ୍ନପଥର ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଏହି ଖଣିରେ ଉତ୍କୃଷ୍ଟ ଧରଣର ରତ୍ନପଥର ବାହାରୁଥିବାରୁ ଦେଶର ବିଭିନ୍ନ ଅଞ୍ଚଳର ବ୍ୟବସାୟୀ ସ୍ଥାନୀୟ ଲୋକଙ୍କ ସହାୟତାରେ ରତ୍ନପଥର ଲୁଟି ନେଉଥିବା ଡାକୁଲୁଗୁଡ଼ା ଗ୍ରାମର ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ବୈଦ୍ୟଭୂଷଣ କହିଛନ୍ତି। ତେବେ ଖଣି ଉପନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ ଯଦି ଖଣି ଖନନ ପାଇଁ ପରିବେଶ ମଞ୍ଜୁରୀ, ମାଇନିଂ ପ୍ଲାନ୍ ଏବଂ ଅନ୍ୟ କାଗଜପତ୍ର ହୋଇନାହିଁ, ତେବେ ୨୦୧୯ରେ କିପରି ପଲ୍ଲିସଭା କରାଯାଇଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ବେଆଇନ ରତ୍ନପଥର ଚାଲାଣ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ସେପରି କଡ଼ା ଯାଞ୍ଚ କରାଯାଉ ନ ଥିବାରୁ ମାଫିଆମାନେ ବେଧଡ଼କ ଚୋରାଚାଲାଣ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରତ୍ନପଥର ଖଣି ମାଧ୍ୟମରେ ସରକାରଙ୍କ ବିପୁଳ ପରିମାଣରେ ରାଜସ୍ୱ ଆଦାୟ ହୋଇପାରିବ। କିନ୍ତୁ ବହୁ ଲୁକ୍କାୟିତ ଖଣି ସରକାର ହାତକୁ ନ ଯିବା ଏବଂ ଖଣି ନିଗମ ଅଜଣା ଭଳି ରହିବା ଯୋଗୁ ବିପୁଳ ରାଜ୍ୟର ରାଜସ୍ୱ ହାନି ଘଟୁଛି। ଏ ଦିଗରେ ପ୍ରଶାସନର ବେଖାତିର କାହିଁକି ବୋଲି ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ରତ୍ନପଥର ଲୁଟ୍ ବିଷୟରେ ସ୍ଥାନୀୟ ତହସିଲଦାର ଶୁଭେନ୍ଦୁ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଜନଶୁଣାଣି ପରେ ଖଣି ନିଗମ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ରତ୍ନପଥର ଚୋରାଚାଲାଣ ନେଇ ତାଙ୍କ ନିକଟରେ କୌଣସି ଅଭିଯୋଗ ନ ଥିବା ସେ କହିଛନ୍ତି।

# ‘ବିଜେଡି କେବଳ ମିଥ୍ୟା ପ୍ରତିଶ୍ରୁତି ଦିଏ’

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

- ଲୋକଙ୍କୁ ପକ୍କାଘର, ପାନୀୟ ଜଳ ମିଳୁନି
- ଚାଷଜମିକୁ ଜଳସେଚନ ଯୋଗାଇବାରେ ରାଜ୍ୟ ସରକାର ବିଫଳ



ରାଜ୍ୟରେ ଶାସନ କରିବା ପାଇଁ ଓଡ଼ିଶାର ଜନତା ନବୀନବାବୁଙ୍କୁ ଭୋଟ ଦେଇଛନ୍ତି। କିନ୍ତୁ ଏଠି ସରକାରୀ ବାବୁମାନେ ଶାସନ କରୁଛନ୍ତି। କୋଇଲା, ଜଙ୍ଗଲ, ଚିଟ୍‌ଫଣ୍ଡ, ଜମି ଭଳି ଅନେକ ଦୁର୍ନୀତିରେ ବିଜେଡି ନେତାମାନଙ୍କର ସମ୍ପୃକ୍ତି ରହିଛି। ସେହିପରି ପରୀ ହତ୍ୟାକାଣ୍ଡରେ ହତ୍ୟାକାରୀଙ୍କୁ ସରକାର ସୁରକ୍ଷା ଦେଇ ଚାଲିଛନ୍ତି। ଏହା ପରେ ନବୀନବାବୁ ଚୁପ୍ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଓଡ଼ିଶା ରାଜ୍ୟ ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଅଭିଯୋଗ କରିଛନ୍ତି।

ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାରରୁ ଦେଶକୁ ମୁକ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାର ଜନତା କୁଶାସକଙ୍କୁ ଗାଦିରୁ ହଟାଇ ସୁଶାସନ ପାଇଁ ଆଗାମୀ ଦିନରେ ଭାଜପାକୁ ସୁଯୋଗ ଦେବାକୁ ପୁରନ୍ଦେଶ୍ୱରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ସେ ପୁଣି କହିଛନ୍ତି, ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି କଚ୍ଚାଘରକୁ ପକ୍କା କରିବା ନେଇ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇ ଭୋଟ ହାତେଇଥିଲା। ଏହାସତ୍ତ୍ୱେ ଆଜି ବି ଗରିବ ଲୋକଟିଏ ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମାଞ୍ଚଳରେ ଏବେ ବି ୨ ଲକ୍ଷ ଘର ନିର୍ମାଣ ହେବା ପାଇଁ ବାକି ରହିଛି। ଗରିବ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛନ୍ତି। ମୋଦି ନାଁ ନେଇଯିବା ଭୟରେ ରାଜ୍ୟ ସରକାର ଓଡ଼ିଶାରେ ଏହାକୁ ଲାଗୁ କରୁନାହାନ୍ତି। ସେହିପରି ରାଜ୍ୟବାସୀଙ୍କୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ୧୨୫୦ ପଞ୍ଚାୟତରେ ଉପଯୁକ୍ତ ପାନୀୟଜଳ ମିଳୁନାହିଁ। ୧୫୦୦ ପଞ୍ଚାୟତରେ ପାଇପ୍‌ଲାଇନ ପହଞ୍ଚି ନାହିଁ। ଏବେ କେତେ ଘରକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି ତାହାର ଉତ୍ତର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ରଖନ୍ତୁ ବୋଲି ସେ କହିଛନ୍ତି।

ଦୀର୍ଘ ୨୦ ବର୍ଷ ଶାସନରେ ମୁଖ୍ୟମନ୍ତ୍ରୀ କେତେ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଛନ୍ତି ତାହା ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳା ଓ ନାବାଳିକା ବଳାତ୍କାର ଏବଂ ହତ୍ୟା ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଓଡ଼ିଶାରେ ବିଗତ କିଛିମାସ ମଧ୍ୟରେ ୫୩୦୩ ଶିଶୁ ନିଖୋଜ ହେଲେଣି। ପୋଲିସ ପ୍ରଶାସନର ଅବହେଳା ଏବଂ ତଦନ୍ତରେ ଶିଥିଳତା ପାଇଁ ପ୍ରତ୍ୟେକ ଦିନ ଶିଶୁମାନଙ୍କ ସହ ଆପରାଧିକ ଘଟଣା ବଢ଼ିବାରେ ଲାଗିଛି ବୋଲି ସେ କହିଛନ୍ତି।

ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରବି ନାଏକ, ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର ଏବଂ ରାଜ୍ୟମୁଖପାତ୍ର ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ‘ମିଛ କହୁଛନ୍ତି ଭାଜପା ନେତ୍ରୀ’

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଦୁଇ ଦୁଇଟି ଉପନିର୍ବାଚନରେ ହାରିଥିବା ଭାଜପା କର୍ମକର୍ତ୍ତାଙ୍କ ମନୋବଳ ବଢ଼ାଇବାକୁ ଓଡ଼ିଶା ଗସ୍ତରେ ଆସିଥିବା ରାଜ୍ୟ ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଲୋକଙ୍କୁ ମିଛ କହୁଛନ୍ତି। ଏଭଳି ପ୍ରବଞ୍ଚନା ଓଡ଼ିଶାବାସୀଙ୍କ ନିକଟରେ କାମ ଦେବ ନାହିଁ ବୋଲି ବିଜେଡି ରାଷ୍ଟ୍ରୀୟ ପ୍ରବକ୍ତା ସସ୍ମିତ ପାତ୍ର କହିଛନ୍ତି।

ରାଜ୍ୟ ଭାଜପା ପ୍ରଭାରୀଙ୍କ ଖବରଦାତା ସମ୍ମିଳନୀର ଜବାବ ଦେଇ ପାତ୍ର କହିଛନ୍ତି, ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳୀୟ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ସେ ଏଠାକୁ ଆସିଛନ୍ତି। ବିଶେଷ କରି ବାଲେଶ୍ୱର ପରାଜୟ ରାଜ୍ୟ ଭାଜପା ନେତା ଓ କର୍ମୀଙ୍କ ମନୋବଳ ଭାଙ୍ଗିଦେଇଛି। ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ପରିବର୍ତ୍ତେ ପୁରନ୍ଦେଶ୍ୱରୀ ଚାଷୀ ପ୍ରସଙ୍ଗରେ ଅଧିକ କହିଥିଲେ ଭଲ ହୋଇଥାଆନ୍ତା। ବିଶେଷ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୪୭୦ ଟଙ୍କାରୁ ୨୯୩୦ ଟଙ୍କା ବୃଦ୍ଧି କରିବା ପାଇଁ ଓଡ଼ିଶା ବିଧାନସଭାରେ ୨୦୧୭ ମାର୍ଚ୍ଚ ୨୫ରେ ସର୍ବସମ୍ମତି କ୍ରମେ ଯେଉଁ ସଙ୍କଳ୍ପ ପାରିତ ହୋଇଥିଲା ସେ ବିଷୟରେ ମତ ରଖିବାର ଥିଲା। ଭାଜପାର ଧାମନଗର ବିଧାୟକ ବିଷ୍ଣୁ ସେଠୀ ଶୁକ୍ରବାର ସାଧାରଣ ସଭାରେ ଜଣେ ମହିଳା ସାମାଜିକ କର୍ମୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଛନ୍ତି। ସେଥିପାଇଁ ପୋଲିସରେ ଅଭିଯୋଗ ହୋଇଥିବା ବୋଧହୁଏ ପୁରନ୍ଦେଶ୍ୱରୀ ଅବଗତ ନାହାନ୍ତି।

ଅତୀତରେ ଇତିଶ୍ରୀ ପ୍ରଧାନ ମୃତ୍ୟୁଘଟଣାରେ ଜୟରାମ ପାଙ୍ଗୀଙ୍କ ସମ୍ପୃକ୍ତିର ସିବିଆଇ ତଦନ୍ତ କରିବା ଲାଗି ଭାଜପା ଲଗାତର ଆନ୍ଦୋଳନ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ପାଙ୍ଗୀ ଭାଜପାରେ ଯୋଗ ଦେବା ପରେ ତାଙ୍କୁ ସ୍ୱାଗତ କରିବା ସହ ଟିକେଟ ଦେଇ ନିର୍ବାଚନ ଲଢ଼ାଇଥିଲା। ଓଡ଼ିଶା ଭାଜପା ବୋଧହୁଏ ଏ ପ୍ରସଙ୍ଗରେ ରାଜ୍ୟ ପ୍ରଭାରୀଙ୍କୁ ଅବଗତ କରାଇ ନାହାନ୍ତି ବୋଲି ପାତ୍ର କହିଛନ୍ତି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ଘର ତିଆରି କରିଥିବାରୁ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଓଡ଼ିଶାକୁ ୫ମ ପୁରସ୍କାର ଦେଇଥିବା ନେଇ ପୁରନ୍ଦେଶ୍ୱରୀ ଅବଗତ ନ ଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ନିଜ ଦଳୀୟ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ସେ ଯେଉଁଭଳି ମିଛ କହୁଛନ୍ତି ତାହାକୁ କେହି ଗ୍ରହଣ କରିବେ ନାହିଁ ବୋଲି ପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

# ସ୍ୱାମୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ସ୍ତ୍ରୀ

ଜଗତ୍‌ସିଂହପୁର ଅଫିସ,୧୨।୧୨

**ଗତବର୍ଷ ମାଟ୍ରିକ ପରୀକ୍ଷା ପୂର୍ବରୁ ଝିଅ ଆତ୍ମହତ୍ୟା କରିଥିଲେ**

ସ୍ୱାମୀ ଯୌନ ନିର୍ଯାତନା ଦେଉଛନ୍ତି ବୋଲି ଜଗତ୍‌ସିଂହପୁର ଥାନାରେ ଶନିବାର ଜଣେ ମହିଳା ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଥାନାରେ ମାମଲା (ନଂ.୪୭୦/୨୦) ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ସେ ୧୭ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ, ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସେତେବେଳେ ଶାଶୁଘର ଲୋକଙ୍କ ବିରୋଧରେ ସମ୍ପୃକ୍ତା ମହିଳା ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। କୋର୍ଟରେ ଏହି ମାମଲାର ସମାଧାନ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ସ୍ୱାମୀଙ୍କ ସହ ମିଶି ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ଏକ ଭଡ଼ା ଘରେ ରହିଥିଲେ। ସେଠାରେ ସ୍ୱାମୀ ବଳପୂର୍ବକ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖୁଥିଲେ। ୨୮ ଜୁନ୍ ୨୦୨୦ରେ ସ୍ୱାମୀ ବଜାର ଯାଉଛି କହି ଘରୁ ଚାଲିଯାଇଥିଲେ। ଆଉ ଫେରି ନ ଥିଲେ। ଗତ ଶୁକ୍ରବାର ଆଳିପିଙ୍ଗଳ କାଠ ପୋଲ ନିକଟରେ ସମ୍ପୃକ୍ତ ମହିଳାଙ୍କ ସହ ସ୍ୱାମୀଙ୍କ ଦେଖା ହୋଇଥିଲା। ସ୍ୱାମୀଙ୍କୁ ଦେଖି ମହିଳା ଜଣକ କାହିଁକି ଏପରି କଲ ବୋଲି ପ୍ରଶ୍ନ କରିଥିଲେ। ଅଭିଯୁକ୍ତ ତାଙ୍କୁ ପୂର୍ବପରି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ମହିଳାଙ୍କ ଏକ ମାତ୍ର ଝିଅ ଗତବର୍ଷ ମାଟ୍ରିକ ପରୀକ୍ଷା ଦେବାର ୧୫ ଦିନ ପୂର୍ବରୁ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ମାମଲାଟିକୁ ଗମ୍ଭୀରତାର ସହ ନିଆଯାଇ ତଦନ୍ତ କରାଯାଉଛି। ଝିଅର ଆତ୍ମହତ୍ୟା ସମ୍ପର୍କରେ ଆଇଆଇସି କହିଛନ୍ତି, ଝିଅ ପାଠପଢ଼ାରେ ଅବହେଳା କରୁଥିବାରୁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ତାଙ୍କୁ ଗାଳି କରିଥିଲେ। ଏଥିରେ ଝିଅ ପ୍ରତିକ୍ରିୟାଶୀଳ ହୋଇ ଆତ୍ମହତ୍ୟା କରିଥିଲେ। ଅଭିଯୁକ୍ତ ୧୩ ବର୍ଷ ପୂର୍ବେ ୨ୟ ବିବାହ କରିଥିବା ବେଳେ ତାଙ୍କର ଏବେ ୧୧ ବର୍ଷର ପୁଅ ଥିବା ଜଣାପଡ଼ିଛି।

# ଓସିଏସ୍ ପରୀକ୍ଷାର୍ଥୀଙ୍କୁ ଆଉ ଏକ ସୁଯୋଗ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍)-୨୦୨୦ ପରୀକ୍ଷାରୁ ବଞ୍ଚିତ ଆଶାୟୀଙ୍କ ପାଇଁ ଖୁସି ଖବର। ସେମାନଙ୍କୁ ପରୀକ୍ଷା ଦେବାଲାଗି ଆଉଏକ ସୁଯୋଗ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତ ପ୍ରକାଶ ପାଇଛି। ଯେଉଁ ଛାତ୍ରୀଛାତ୍ରମାନେ ଓସିଏସ୍-୨୦୧୮ କିମ୍ବା ଓସିଏସ୍-୨୦୧୯ ପରୀକ୍ଷା ଦେଇଛନ୍ତି, କିନ୍ତୁ ବୟସ ସୀମା ଯୋଗୁ ଓସିଏସ୍-୨୦୨୦ ପରୀକ୍ଷା ଦେଇପାରି ନାହାନ୍ତି, ସେମାନଙ୍କୁ ଓସିଏସ୍- ୨୦୨୦ ପରୀକ୍ଷା ଦେବା ଲାଗି ସୁଯୋଗ ମିଳିବ। ୟୁପିଏସ୍‌ସି ପାର୍ଟନରେ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ହେବାପରେ ପରୀକ୍ଷାର୍ଥୀଙ୍କୁ ସରକାରଙ୍କ ପକ୍ଷରୁ ପୂର୍ବରୁ ମଧ୍ୟ ଏଭଳି ସୁବିଧା ଯୋଗାଇ ଦିଆଯାଇଥିଲା। ତେବେ ପରୀକ୍ଷାର୍ଥୀଙ୍କ ଅନୁରୋଧକ୍ରମେ ପୁଣି ସରକାର ଏପରି ସୁଯୋଗ ଦେଇଛନ୍ତି।

# ପରିବାର ନିୟୋଜନ ଅସ୍ତ୍ରୋପଚାର ପରେ ମହିଳା ମୃତ

ଏରସମା,୧୨।୧୨(ସ୍ୱ.ପ୍ର.)

**ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**

- ଚିକିତ୍ସାରେ ତ୍ରୁଟି ଅଭିଯୋଗ
- ୮ ଘଣ୍ଟା ରାସ୍ତାରୋକୋ



ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଜଗତ୍‌ସିଂହପୁର ଜିଲା ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିବାର ନିୟୋଜନ କ୍ୟାମ୍ପରେ ଅସ୍ତ୍ରୋପଚାର ପରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଳେଇପୁର ପଞ୍ଚାୟତ ନଳକଣୀ ଗ୍ରାମର ତ୍ରିଲୋଚନ ରାଉତଙ୍କ ସ୍ତ୍ରୀ ବିଦ୍ୟୁଲତା(୩୪)। ଚିକିତ୍ସାରେ ତ୍ରୁଟି ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନାରେ ଅଭିଯୋଗ ପରେ ଏକ ମାମଲା(ନଂ.୧୦/୨୦) ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚାଲିଥିବା କ୍ୟାମ୍ପରେ ଅସ୍ତ୍ରୋପଚାର କରିବା ପାଇଁ ବିଦ୍ୟୁଲତା ଶୁକ୍ରବାର ଆସିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ସନ୍ଧ୍ୟାରେ ତାଙ୍କ ଅସ୍ତ୍ରୋପଚାର କରିଥିଲେ। ହେଲେ ରାତିରେ ବିଦ୍ୟୁଲତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ତ୍ରୁଟି ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ମୃତକଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ଶନିବାର ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ପୀତବାସ ଗୋଚ୍ଛାୟତ, ସାରଦା ପ୍ରସନ୍ନ ଜେନା, ନଳିନୀ ସ୍ୱାଇଁ ଓ ଶିବବ୍ରତ ଦାସ ପ୍ରମୁଖ ସର୍ବଦଳୀୟ ବୈଠକ ଡାକି ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସମସ୍ୟାର ସମାଧାନ ପାଇଁ ଏଡିଏମ୍ ଚିନ୍ମୟୀ ବିଶ୍ୱାଳ, ଡା. କ୍ଷେତ୍ରବାସୀ ଦାସ, ବିଡିଓ କୈଳାସ ଚନ୍ଦ୍ର ବେହେରା, ତହସିଲଦାର ଚିତ୍ତରଞ୍ଜନ ମହାନ୍ତି,ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା, ଏରସମା ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝି ଓ କୁଜଙ୍ଗ ଥାନା ଆଇଆଇସି ପାରାଓ ଟୁଡୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସରକାରୀ ନିୟମ ଅନୁସାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଓ ବିଡିଓଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଗୃହ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଏଥିସହ ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଓ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୁକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



**ଆଜିର ମନ୍ତବ୍ୟ**

ନୂଆ କୃଷି ଆଇନ ଚାଷୀଙ୍କ ଆୟବୃଦ୍ଧି ପାଇଁ ବିକଳ୍ପ ବଜାର ଯୋଗାଇଦେବ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................

ବୟସ:..............................................

ଜନ୍ମ ତାରିଖ: ......................................



ଆସ୍ମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତିରୁପତି ମନ୍ଦିରରେ ପିଲା, ବୃଦ୍ଧଙ୍କୁ ଦର୍ଶନ ଅନୁମତି

**ତିରୁପତି, ୧୨।୧୨**

ତିରୁପତିର ଭଗବାନ ଭେଙ୍କଟେଶ୍ୱରଙ୍କ ଦର୍ଶନ ପାଇଁ ବ୍ୟାକୁଳ ହେଉଥିବା ବରିଷ୍ଠ ଭକ୍ତମାନଙ୍କ ଲାଗି ଖୁସି ଖବର। ମନ୍ଦିରରେ ଦର୍ଶନ ଲାଗି ୬୫ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ଅନୁମତି ପ୍ରଦାନ କରିଛି। ସେହିପରି ୧୦ ବର୍ଷରୁ କମ୍ ପିଲା ଓ ଗର୍ଭବତୀ ମହିଳାମାନେ ମଧ୍ୟ ଭଗବାନ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରିପାରିବେ। ଏଥିପାଇଁ କୋଭିଡ୍-୧୯ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। କରୋନା ମହାମାରୀ ଯୋଗୁ ମାର୍ଚ୍ଚ ୨୦ରୁ ମନ୍ଦିର ପରିଚାଳନା କମିଟି ଦର୍ଶନ ବନ୍ଦ କରିଦେଇଥିଲେ। ଜୁନ୍‌ରେ ମନ୍ଦିର ସର୍ବସାଧାରଣଙ୍କ ଦର୍ଶନ ଲାଗି ଖୋଲାଯାଇଥିଲେ ହେଁ ସ୍ୱାସ୍ଥ୍ୟଗତ କାରଣରୁ ଉପରୋକ୍ତ ବର୍ଗର ଲୋକଙ୍କୁ ବାରଣ କରାଯାଇଥିଲା। ତେବେ ମୁଣ୍ଡନ, କାନଫୋଡ଼ା, ଅନ୍ନପ୍ରାସନ, ଷଷ୍ଠିପୂର୍ତ୍ତି ଆଦି କାର୍ଯ୍ୟ ପାଇଁ ଦୀର୍ଘଦିନ ହେଲା ଭକ୍ତ ମହଲରୁ ବହୁସଂଖ୍ୟାରେ ଇମେଲ୍ ଓ ଅନୁରୋଧ ଆସୁଥିଲା। ଶ୍ରଦ୍ଧାଳୁମାନଙ୍କ ଭାବାବେଗକୁ ହୃଦୟଙ୍ଗମ କରି ଟିଟିଡି ଉପରୋକ୍ତ ବର୍ଗର ଲୋକମାନଙ୍କ ପାଇଁ ଶ୍ରୀବାରି ଦର୍ଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିବା ଏହାର ଜଣେ ଅଧିକାରୀ କହିଛନ୍ତି।

# ଚାଷୀଙ୍କୁ ମିଲର୍ସଙ୍କ ମାଡ଼

**ସମ୍ବଲପୁର, ୧୨।୧୨ (ବ୍ୟୁରୋ)**

## କଟନୀଛଟନୀକୁ ବିରୋଧ କରିଥିଲେ

ଧାନ କଟନୀଛଟନୀକୁ ବିରୋଧ କରିବାରୁ ଟାମ୍ପରକେଲା (ଅଇଁଲାମାଲ) ଗ୍ରାମର ଚାଷୀ ବିଭୂତି ପ୍ରଧାନଙ୍କୁ ଜଣେ ମିଲର୍ସ ଶନିବାର ମାଡ଼ ମାରିଛନ୍ତି। ଏନେଇ ବିଭୂତି ସମ୍ବଲପୁର ସହର ବୈଜାମୁଣ୍ଡାସ୍ଥିତ ସମଲେଶ୍ୱରୀ ଉଦ୍ୟୋଗ ମିଲର୍ସଙ୍କ ବିରୋଧରେ ବୁର୍ଲା ଥାନା ଗୋଶାଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଘଟଣାର ପ୍ରତିବାଦରେ ଚାଷୀ ସଂଗଠନ ପକ୍ଷରୁ ମିଲ୍ ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମିଲ୍ ମାଲିକ ଓ ମ୍ୟାନେଜରଙ୍କୁ ଗିରଫ କରିବାକୁ ଚାଷୀମାନେ ଦାବି କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ କ୍ରମେ ବିଭୂତି ଶୁକ୍ରବାର ଧାନ ନେଇ ମିଲ୍‌କୁ ଆସିଥିବାବେଳେ ଶନିବାର ଏହାକୁ ଖାଲି କରାଯାଉଥିଲା। ଟେଷ୍ଟିଂ ସମୟରେ ଅଧିକ କଟନୀଛଟନୀ କରାଯିବ ବୋଲି ମିଲ୍ ପକ୍ଷରୁ କୁହାଯାଇଥିଲା। ବିଭୂତି ଏଥିରେ ରାଜିହୋଇ ନ ଥିଲେ। ଫଳରେ ଉତ୍ତ୍ୟକ୍ତ ହୋଇ ମ୍ୟାନେଜର ବେକକୁ ଧରି ମାରପିଟ କରିଥିବା ବିଭୂତି ଅଭିଯୋଗ କରିଛନ୍ତି। ପାଖରେ ଥିବା ଚାଷୀମାନେ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏହି ସମୟରେ ମାଲିକ ପହଞ୍ଚି ସମାଧାନ କରିବା ପରିବର୍ତ୍ତେ ଗାଳିଗୁଲଜ କରି ମାଡ଼ ମାରିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ୬୭୨/୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବୁର୍ଲା ଥାନା ଅଧିକାରୀ ବି.ବି. ଭୋଇ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ମିଲର୍ସମାନେ ଚାଷୀଙ୍କୁ ଶୋଷଣ କରିଆସୁଛନ୍ତି। କଟନୀଛଟନୀକୁ ବିରୋଧ କଲେ ଧମକ ଚମକ ମଧ୍ୟ ଦେଉଛନ୍ତି। ହେଲେ ମାଡ଼ ମାରିବା କେବେ ବି ଗ୍ରହଣୀୟ ନୁହେଁ। ସବୁ ଘଟଣାରେ ମିଲ୍ ମାଲିକଙ୍କ ସମ୍ପୃକ୍ତି ରହୁଛି। ତେଣୁ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀ ସଂଗଠନ ସବୁପ୍ରକାର ଉଦ୍ୟମ କରିବ। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ଗ୍ରହଣ ନ କଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

## ପ୍ରଥମ ପୃଷ୍ଠାରୁ...

### ସିବିଆଇ ହେପାଜତରୁ ...

କହିଥିଲେ ଯେ, ଆଇନରେ ଏଭଳି କୌଣସି ସିଦ୍ଧାନ୍ତକୁ ଅନୁମତି ଦିଆଯାଇନାହିଁ। ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ଲୋକଙ୍କ ବିଶ୍ୱସ୍ତ ହେବା ଜରୁରୀ। କେହି କହିବେ ନାହିଁ ଯେ, ସିବିଆଇର ସ୍ୱତନ୍ତ୍ର ଶିଙ୍ଗ ଅଛି, କିନ୍ତୁ ସ୍ଥାନୀୟ ପୋଲିସର କେବଳ ଲାଙ୍ଗୁଳ ଅଛି।

### ଖବରକାଗଜ ଶିଳ୍ପକୁ ...

ଦୁଇବର୍ଷ ଟିକସ ଅବକାଶ ଦେବା, ସରକାରୀ ବିଜ୍ଞାପନ ମୂଲ୍ୟ ୫୦ ପ୍ରତିଶତ ବଢ଼ାଇବା, ଛାପା ଗଣମାଧ୍ୟମରେ ସରକାରୀ ଖର୍ଚ୍ଚ ୨୦୦ ପ୍ରତିଶତ ବୃଦ୍ଧି କରିବା ଏବଂ ବକେୟା ବିଜ୍ଞାପନ ଦେୟ ତୁରନ୍ତ ପୈଠ କରିବା ପାଇଁ ଆଇଏନ୍‌ଏସ୍ ସରକାରଙ୍କୁ ଅନୁରୋଧ କରିଛି। ଅସୁବିଧା ସମୟରେ ଭାରତୀୟ ଖବରକାଗଜ ଶିଳ୍ପ ଯାଞ୍ଚ୍ ହୋଇଥିବା ଓ ତଥ୍ୟପୂର୍ଣ୍ଣ ଖବର ପରିବେଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି, ଯାହାକି ସୁପ୍ରିମକୋର୍ଟ ଓ ଅନ୍ୟାନ୍ୟ ସଂସ୍ଥା ସ୍ୱୀକାର କରିଛନ୍ତି। ତେବେ ମହାମାରୀ ଯୋଗୁ ବିଜ୍ଞାପନ ଏବଂ ଖବରକାଗଜ ପ୍ରସାରଣ ଗୁରୁତର ପ୍ରଭାବିତ ହୋଇଛି। ସେଥିପାଇଁ ଅନେକ ଖବରକାଗଜ ପ୍ରକାଶନ ବନ୍ଦ କରିଦେଇଛନ୍ତି କିମ୍ବା ସଂସ୍କରଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ଏହି ସ୍ଥିତି ଜାରି ରହିଲେ ଆହୁରି ଅନେକ ଖବରକାଗଜ ନିକଟ ଭବିଷ୍ୟତରେ ବନ୍ଦ ହୋଇଯିବେ। ଉକ୍ତ ଶିଳ୍ପକୁ ସହାୟତାର ଜରୁରୀ ଆବଶ୍ୟକତା ଥିବା ଆଇଏନ୍‌ଏସ୍ କିଛି ମାସ ହେଲା କହିଆସୁଛି ବୋଲି ଏହାର ଅଧ୍ୟକ୍ଷ ଏଲ୍. ଆଦିମୁଲମ୍ କହିଛନ୍ତି। ୮ ମାସରେ ଖବରକାଗଜ ଶିଳ୍ପ ୧୨,୫୦୦ କୋଟି ଟଙ୍କା କ୍ଷତି ସହିଥିବାବେଳେ ବର୍ଷକରେ ପ୍ରାୟ ୧୬,୦୦୦ କୋଟି କ୍ଷତିର ସମ୍ମୁଖୀନ ହେବ ବୋଲି ଆକଳନ କରାଯାଇଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭରେ ଏଭଳି ସଙ୍କଟ ଯୋଗୁ ଖବରକାଗଜ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ୩୦ ଲକ୍ଷ କର୍ମଚାରୀ ପ୍ରଭାବିତ ହୋଇଛନ୍ତି। ଏହାର ପ୍ରଭାବ କର୍ମଚାରୀଙ୍କ ପରିବାର ସମେତ ଆନୁଷଙ୍ଗିକ ଶିଳ୍ପ ଯଥା ପ୍ରିଣ୍ଟିଂ ପ୍ରେସ୍ ଓ ଯୋଗାଣ ଶୃଙ୍ଖଳ ଉପରେ ମଧ୍ୟ ପଡ଼ିଛି। ସଙ୍କଟରୁ ମୁକୁଳିବା ଲାଗି ସମୁଦାୟ ଶିଳ୍ପ ଯଥାସାଧ୍ୟ ଉଦ୍ୟମ ଜାରି ରଖିଥିବାବେଳେ ସରକାରୀ ସହାୟତାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି।

### ବିଦ୍ୟୁତ୍ ଆଘାତରେ ...

ହୀନ ମଧ୍ୟ ବିଦ୍ୟୁତ ତାରରେ ଲାଗି ଯାଇଥିଲେ। ପାଖ ବିଲରେ କାମ କରୁଥିବା ଅନ୍ୟ ଚାଷୀ ଏହା ଜାଣିପାରି ଲାଇନ୍ କାଟି ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ସେମାନଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ହୀନ ଓ ବିଷ୍ଣୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ବିଡିଓ ପ୍ରସନ୍ନ କୁମାର ପାତ୍ର, ବୁରୁପୋଡ଼ା ସରପଞ୍ଚ ଉମା ଶଙ୍କର ସାବତ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚିଥିଲେ। ହୀନଙ୍କ ପୁଅଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୪ ହଜାର ଟଙ୍କା ସହାୟତା ତହସିଲଦାର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣା ସମ୍ପର୍କରେ ବିଭାଗ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

### ୨୩ରୁ ଖୋଲିବ ...

ସବୁ ଠିକ୍‌ରେ ଚାଲିଲେ ମାସେ ୨ମାସ ମଧ୍ୟରେ ଅଧିକ ଦର୍ଶନାର୍ଥୀଙ୍କୁ ଅନୁମତି ମିଳିବ। ମନ୍ଦିର ମଧ୍ୟରେ ଭୋଗ, ଫୁଲ, ଦୀପ ଦୋକାନୀଙ୍କ ପାଇଁ ସ୍ୱତନ୍ତ୍ର ନିୟମ ଲାଗୁ ହେବ। ରାଜ୍ୟ ସରକାରଙ୍କ ଠାରୁ ମନ୍ଦିର ଖୋଲିବା ଅନୁମତି ମିଳିଲେ ଏନେଇ ବିସ୍ତୃତ ଏସ୍‌ଓପି ଜାରି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକ ଶେଷରେ ମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟ କର୍ମଚାରୀମାନେ ମନ୍ଦିର ବେଢ଼ା ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମନ୍ଦିର ଖୋଲିବା ନେଇ ଆୟୋଜନ ଆରମ୍ଭ ହୋଇସାରିଥିବା ବେଳେ ଏସବୁର ତଦାରଖ ନିଜେ କ୍ରିଷନ କୁମାର କରୁଥିବା ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ସକାଳୁ ମନରେ ଉତ୍ସାହ ଓ ଉଦ୍ଦୀପନାର ସହ ଯାତ୍ରା ଓ ବନ୍ଧୁମିଳନଜନିତ ଦିନଟି ଉପଭୋଗ୍ୟ ରହିବ। ପାରିବାରିକ ଓ କର୍ମ କ୍ଷେତ୍ରର ପରିସ୍ଥିତି ଅନୁକୂଳ ରହିବ। ଅର୍ଥଲାଭ, ଶାରୀରିକ ସୁସ୍ଥତା ଓ ବନ୍ଧୁଙ୍କ ସୁପରାମର୍ଶ ମନୋବଳ ବୃଦ୍ଧି କରିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ।

**ବୃଷ**

ସ୍ଥଗିତ କାର୍ଯ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ମଧ୍ୟାହ୍ନରେ ବନ୍ଧୁଙ୍କଠାରୁ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ହିତୈଷୀଙ୍କ ସହ ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ**

ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ ଆର୍ଥିକ ଅଭିବୃଦ୍ଧି ସଙ୍ଗକୁ ବନ୍ଧୁବର୍ଗଙ୍କ ସମାଗମରେ ମନ ଖୁସି ରହିବ। ସହକର୍ମୀଙ୍କ ସହଯୋଗରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ମେଶିନାରୀ ଜିନିଷ ତଥା ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ**

ଆଜି ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯଦ୍ଦ୍ୱାରା ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ**

କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା ପରିସରରେ ଉଚ୍ଚବର୍ଗର ବ୍ୟକ୍ତି ସହଯୋଗ କରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**

ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। କୌଣସି କାମ ଅଟକିବ ନାହିଁ। ଅପୂରଣୀୟ ଆଶା ପୂରଣ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗରୁ ଉତ୍ସାହିତ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି।

**ତୁଳା**

ବିଭିନ୍ନ କାମରେ ସଫଳତା ହାସଲ କରିବାରୁ ମାନସିକ ସ୍ଥିତି ଭଲ ରହିବ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶରେ ପଛେଇ ଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ତର୍କବିତର୍କଜନିତ ପାରିବାରିକ ଅଶାନ୍ତି ହେତୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ।

**ବିଛା**

ଅତୀତର ଘଟଣା ସମ୍ପର୍କରେ ଚିନ୍ତାକରି ଭାରାକ୍ରାନ୍ତ ହେବେ। ଅନାବଶ୍ୟକ କଥାର ପୁନରାବୃତ୍ତିରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**

ଆଜି ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର ବ୍ୟବହାରରୁ ପରିବାରରେ ଅଶାନ୍ତି ଦେଖାଦେଇପାରେ। ଅଫିସ୍ କାମରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସଂଗଠନ, ନିର୍ମାଣ, ସଭାସମିତି ତଥା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**

କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ଭୁଲିଯାଇ ଚିନ୍ତିତ ରହିପାରନ୍ତି। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନ ହେଲେ ଉପକୃତ ହେବେ। ଅଫିସ ସମସ୍ୟା ନିରାକରଣ ପାଇଁ ଚେଷ୍ଟିତ ହେବେ। ଯାତ୍ରା, ମାଙ୍ଗଳିକ କାମ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବାର ଆଶା ରହିଛି।

**କୁମ୍ଭ**


ଆଜି ଆପଣଙ୍କ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ବନ୍ଧୁବର୍ଗ ସହଯୋଗ କରିବେ। କିନ୍ତୁ କୌଣସି ଆତ୍ମୀୟଙ୍କ ନକାରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ**

ସକାଳୁ ଦୂରଯାତ୍ରା ସକାଶେ ପ୍ରସ୍ତୁତିପର୍ବ ଶେଷ କରିବାକୁ ବାଧ୍ୟ ହେବେ। ବନ୍ଧୁ ଆଗମନରେ ବିଳମ୍ବ ବିଚଳିତ କରିବ। ଭଲ ପଡୁ ନ ଥିବା ପଡୋଶୀଙ୍କ ଟୀକାଟିପ୍ପଣୀ ମନକୁ ଦ୍ୱିଧାଗ୍ରସ୍ତ କରିପାରେ। ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜର ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶ୍ରୀ ଜୀଉଙ୍କର ଶ୍ରାଦ୍ଧବେଶ, ଦେବ ଦୀପାବଳି ଆରମ୍ଭ, ଶ୍ରୀମନ୍ଦିରରେ ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଡିସେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ମେଷ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୫୯ମି. ଗତେ ଘ.୦୯.୦୯ମି. ମଧ୍ୟେ, ଘ.୧୨.୦୨ମି. ଗତେ ଘ.୦୨.୫୫ମି. ମଧ୍ୟେ, ରାତ୍ରି ଘ.୦୭.୪୩ମି. ଗତେ ଘ.୦୯.୨୯ମି. ମଧ୍ୟେ ଅମୃତବେଳା। ଦିବା ଘ.୦୩.୩୮ମି. ଗତେ ଘ.୦୪.୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୩.୪୪ମି. ଗତେ ଘ.୦୫.୦୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

Hindu brahmin 53years, 5'4", Central Govt. Service widow & divorcee allowed Caste no bar. Mob: 9008374112. D-19206

## GROOM WANTED

Age-35, Government ଚାକିରିଆ divorcee କରଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। +917077495623. D-19219

Groom Wanted for Bhubaneswar based 25 years Teli Girl daughter of senior medicine specialist, Qualification MCA, Fair complexion, Preferably Govt. Doctors, Engineers, Banker and other Govt. Officers required. Contact: 9437186406, timing for contact 8 PM to 10 PM only. D-19218

Beautiful brahmin girl 1996, 5'4" B-Tech Nationalised Bank PO. 9437555525. D-19220

PWDରେ ଚାକିରିଆ divorcee 53ବୟସ୍କା ଗୋପାଳ ଝିଅଙ୍କୁ ପୁଅ ଦରକାର। any Caste, 7381460040. D-67964




## SALE

2010 Bolero Maxi Truck sale in good condition. Mob: 9437149429. D-19204




## SALE

**Fully developed gated society gharabari boundary wall plot sale Gudiapokhari (near KEC College. Puri road) 30' road, Electricity. 8763887357, 9238902929.** D-70118

3BHK flat 1756sqft. with car park in Tower 5 Vipul Garden for sale. Contact: 9437062777. D-19192

**Booking open for 3BHK/2HK Luxurious & Premium Flat At: Surya Nagar, Bhubaneswar, Genuine Buyer Contact: Deepak - 9937329999.** D-69945

2BHK flat Kedargouri Apartment Bhubaneswar-2, good price buyer Contact: 8328890345. D-68400

**Immediate registration and possession with gharabari land, Electricity in Sai Vihar, Jagannathpur, Ranga Bazar, BJEM-II @450/- (Bank finance available). 9437522339.** D-70122

Newly constructed 3BHK large 1325sqft. flat Forest view with 1car park in Tata Ariana for sale. Contact: 9437062777. D-19191

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

Contact for House Construction (Duplex/ Apartment) and Interior Design from experts. MPlanets- 7008550473. D-19153

ଭୁବନେଶ୍ୱର ଗଙ୍ଗପଡ଼ା, ମଦନପୁରରେ ଘରବାରି ଲେଆଉଟ୍ ଆପ୍ରୋଭାଲ ସହିତ ବାସୋପଯୋଗୀ ଜାଗା ମିଳୁଅଛି। 7735922768. D-70120

**ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395.** D-70117

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Doctor's Colony with facilities 1st time in Bhubaneswar book a triplex individual house near Rasulgarh, Bhubaneswar, Price 92lakhs. Doctor's only contact: 8260595320. D-70053

**ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2kms ମଧ୍ୟରେ gharabari boundary plot କିଣନ୍ତୁ। 7008492511.** D-69356

2BHK simplex 30,00,000/- finishing Hanspal, Lowcost plot Atala- 8093465134, 9668194157. D-69657

**Pahala Jagannath ମନ୍ଦିର ନିକଟରେ developed demarcated gharabari plot କିଣନ୍ତୁ। 9937166932.** D-69357

River side gharabari plots beside Govt. road at Balianta. @ 360/- sqft. 9437277532. D-19205

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19208

## PURCHASE

Land requires for plotting project in around Bhubaneswar, 9937816565, 9937568585. D-70123




Constructs your home in branded materials @ 1190/- Tata road, Ultratech Cement delivery timely, 8217477600. D-70054

**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70044

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL SALE

**1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3Bath. 2. Verna Vehicle (Vehicle No. -OD02AX7761) Registered on 31.08.2018. 3. Micra Vehicle (Vehicle No.-OR02BV1467) Registered on 21.01.2012. Contact No-9873669329, 9437028801.** D-19207




**Tolet- for Office/ Bank/ Show room available ground floor (2500sqft.) & 2nd floor (2800sqft.) on Chandrasekharpur, Patia main road (Near Indian Oil Office), Owner- 8160373793, 9904066009.** D-19203

About 2Acres Land between Sakhigopal Chandanpur near NH-316 for Hire. 8480086247. D-19221

**Furnished Office Space 2000 Sq.ft. 1st Floor at Samantavihar, Near Nalco Square, Chandrasekharpur, Bhubaneswar. 9776021815.** D-70121

3BHK in Bishnupriya Apartment, Jayadev Vihar, Contact: 8249126446 after 12noon. D-56667




Shivam logistic packers movers. Household/ car relocation countrywide. 9777044177, 9338461133. D-19148

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Newly open Saikrupa Panchakarma and Spa. Contact: 8984068077.** D-19124

Sanjibani Ayurvedic full body massage with expert lady therapist. 7064223315. D-69658

Newly open Ayurvedic full body massage for ladies & gents. 9439140029. D-19188

Rejuvenate and Ayurvedic full body massage by smart therapist. 9348123330. D-70048

Newly open full body massage Ladies and Gents. 9337349409. D-69591

Get refreshment body massage by expert therapist contact for 7205084157. D-70046

Swarna SPA newly open positively health benefits with expert therapist. 9556978408. D-70047

Refreshing your mind & body with best therapy at Lotus Spa. 8018234866 D-69592

Revitalize your self with our ayurvedic massage and refreshment, Call: 7381239385. D-70055

Experience full body massage with expert therapists. Call: 7377048581. D-70056

## AFFIDAVIT

By an affidavit before Notary Bhubaneswar. I BARIK PRIYANKA(22) Aadhaar No-723565330333, D/o Prashant Barik resident of Flat no. 203, 2nd Floor, Jagannath Plaza, Gajapati Nagar, PO- Sainik School, PS- Sahidnagar, Bhubaneswar, Dist-khurda declare that I have changed my name from "BARIK PRIYANKA PRASHANT" to "BARIK PRIYANKA" on 10.12.2020 for all Purpose. D-19217

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୨।୧୨-ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବି.ମିଟୁ ପାତ୍ର (୩୨)। ମାମଲା ନଂ.୩୮୦/୨୦ରେ ମିଟୁଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ଯୁବତୀ ଜଣକ ନିଜ ଘର ଛାତ ଉପରେ ବସିଥିବା ବେଳେ ମିଟୁ ତାଙ୍କ ଘରେ ପଶିଥିଲେ। ଯୁବତୀଙ୍କ ମା' ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ସେ ତାଙ୍କୁ ଧକ୍କା ମାରି ଛାତ ଉପରକୁ ଯାଇଥିଲେ। ଯୁବତୀଙ୍କୁ ଟଣାଓଟରା କରିବା ସହ ଧମକ ଦେଇଥିଲେ। ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇଯିବାରୁ ମିଟୁ ଚମ୍ପଟ ମାରିଥିଲେ। ଏ ନେଇ ଯୁବତୀଙ୍କ ମା'ଥାନାରେ ଅଭିଯୋଗ କରିଥିଲେ।

### ୨ ବାଲ୍ୟବିବାହ ରୋକିଲା ପ୍ରଶାସନ

ଆସିକା,୧୨।୧୨(ଡି.ଏନ୍.ଏ.)- ଆସିକା ବ୍ଲକ କାଳଷଣ୍ଡପୁର ଗ୍ରାମରେ ଗୁରୁବାର ରାତିରେ ପ୍ରଶାସନ ପକ୍ଷରୁ ଦୁଇଟି ବାଲ୍ୟ ବିବାହକୁ ବନ୍ଦ କରାଯାଇଛି। ୧୬ ବର୍ଷ ଓ ୧୭ ବର୍ଷ ବୟସ୍କ ଏହି ଦୁଇ ଝିଅଙ୍କ ବାହାଘର ଲାଗି ନିର୍ବନ୍ଧ ସରିଥିଲା। ଆସନ୍ତା ମାସରେ ବାହାଘର ଲାଗି ଦିନଧାର୍ଯ୍ୟ ହୋଇଥିଲା। ଖବର ପାଇ ଆସିକା ସିଡିପିଓ ଭାରତୀ ମହାପାତ୍ର ସମ୍ପୃକ୍ତ ପରିବାରକୁ ଭେଟି ନାବାଳିକାଙ୍କ ବିବାହ ଲାଗି ରହିଥିବା ସରକାରୀ କଟକଣା ସମ୍ପର୍କରେ ବୁଝାଇ ଏହାକୁ ବନ୍ଦ କରିଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ମଧ ସେମାନଙ୍କ ଝିଅକୁ ୧୮ବର୍ଷ ହେଲା ପରେ ବିବାହ କରିବେ ବୋଲି ଲିଖିତନାମା ସିଡିପିଓଙ୍କ ନିକଟରେ ଦାଖଲ କରିଥିବା ଜଣାପଡିଛି।

### ବେଳାଭୂମିରେ ଗାଡ଼ି ପାର୍କିଂ ହେବନି




ବ୍ରହ୍ମପୁର ଅଫିସ୍,୧୨।୧୨- ପର୍ଯ୍ୟଟକମାନେ ଯେଭଳି ସୁବିଧାରେ ବେଳାଭୂମି ଦୃଶ୍ୟ ଉପଭୋଗ କରିପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ବେଳାଭୂମିରେ ଗାଡ଼ି ପାର୍କିଂ ନ କରିବା ପାଇଁ ଏନ୍ଏସି ପକ୍ଷରୁ ମାଇକ ଯୋଗେ ପ୍ରଚାର କରାଯାଇ ଲୋକଙ୍କୁ ଶନିବାରଠାରୁ ସଚେତନ କରାଯାଉଛି। ବେଳାଭୂମିରେ ଥିବା ଫୁଟୱେରେ କେବଳ ଲୋକେ ଚାଲିକି ଯିବାଆସିବା କରିବେ। ଯାନବାହନ ରଖିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ବେଳାଭୂମିକୁ ସଂଯୋଗ କରୁଥିବା ଗଳି ରାସ୍ତାକୁ ମଧ ବ୍ୟାରିକେଡ କରି ଯାନବାହାନ ଚଳାଚଳା ବନ୍ଦ କରାଯାଇଛି । କେବଳ ଲୋକେ ଚାଲିକି ଯିବାପାଇଁ ବ୍ୟବସ୍ଥା ହୋଇଛି। ବେଳାଭୂମିରେ ଥିବା ହୋଟେଲରେ ପର୍ଯ୍ୟଟକଙ୍କୁ ରଖିବା ଲାଗି ହୋଟେଲ ମାଲିକମାନେ ଏନ୍ଏସି କାର୍ଯ୍ୟଳୟ ସହ ଯୋଗାଯୋଗ କରି ଅନୁମତି ନେଇପାରିବେ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଧିକାରୀ ଉମା ଶଙ୍କର ସେଠୀ କହିଛନ୍ତି ।

# କମିଲାଣି ଚାହିଦା, ମିଳୁନି ପ୍ରୋତ୍ସାହନ

ଛତ୍ରପୁର,୧୨।୧୨(ଡି.ଏନ୍.ଏ)

ପ୍ଲାଷ୍ଟିକ୍ ଯୁଗରେ ବି ବାଉଁଶ ପାତିଆରେ ପ୍ରସ୍ତୁତ ସାମଗ୍ରୀକୁ ଲୋକେ ବ୍ୟବହାର କରୁଛନ୍ତି। ମାତ୍ର ପୂର୍ବଭଳି ତାର ଚାହିଦା ଆଉ ନାହିଁ। ତଥାପି ପୂଜା, ବିବାହ କାର୍ଯ୍ୟ ଓ ଘର ନିର୍ମାଣ ବେଳେ ଏହାର ଖୋଜାପଡେ। ଘରେ ବ୍ୟବହାର ପାଇଁ ମଧ କିଛି କିଛି ବାଉଁଶ ପାତିଆରେ ପ୍ରସ୍ତୁତ ସାମଗ୍ରୀ ଲୋକେ କିଣି ଆଣିଥାନ୍ତି। ମାତ୍ର ଏହି କୌଳିକ ବୃତ୍ତିକୁ ଆପଣାଇଥିବା ଲୋକେ ଏହାକୁ ନେଇ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ପ୍ଲାଷ୍ଟିକ୍ ଯୁଗରେ ଏମାନେ ଏହି କୌଳିକ ବୃତ୍ତିକୁ ଆପଣାଇ ଜୀବନ ଜୀବିକା ପାଇଁ ସଂଘର୍ଷ ଜାରି ରଖିଛନ୍ତି।

ଗଞ୍ଜାମ ଜିଲା ଛତ୍ରପୁର ସହରର ୭୦ ପରିବାର ବାଉଁଶ ପାତିଆରୁ ତିଆରି ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ବିଶେଷକରି ଘରର ମହିଳାମାନେ ଏହା ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳେ। ସ୍ଥାନୀୟ ପିଲିବନ୍ଧ ନିକଟ, ଅପର ବସ୍ଷ୍ଟାଣ୍ଡ ଏବଂ ରିକାପଲ୍ଲୀ ନିକଟରେ


ବାଉଁଶ ପାତିଆରେ ପ୍ରସ୍ତୁତ ସାମଗ୍ରୀ।

ଏହି ପରିବାର ବସବାସ କରିଆସୁଛନ୍ତି। ଏଭଳି ଜିନିଷର ଚାହିଦା ଆଉ ଆଗଭଳି ନାହିଁ। ତଥାପି ସାମାଜିକ ଶୁଭ କାର୍ଯ୍ୟ ଓ ନିର୍ମାଣ କ୍ଷେତ୍ରରେ ଲୋଡା ପଡେ ବାଉଁଶ ତିଆରି ଜିନିଷ। ଏପରିକି ଘରେ ସଜା ପାଇଁ ମଧ ବାଉଁଶ ପାତିଆରେ ତିଆରି ଜିନିଷ ଦରକାରରେ ଆସୁଛି। ପୁରଷାନୁକ୍ରମେ ଏହି କାମ କରି ଆସୁଛନ୍ତି ଉକ୍ତ ପରିବାର। ନିର୍ମାଣ କ୍ଷେତ୍ରରେ ଦୈନିକ ଶ୍ରମିକଙ୍କ ଠାରୁ ଆରମ୍ଭ କରି ବିବାହ, ବ୍ରତ ଆଦି ବିଭିନ୍ନ ସାମାଜିକ କାର୍ଯ୍ୟରେ ଏଭଳି ସାମଗ୍ରୀ ପାଇଁ ଲୋକେ ବାଉଁଶ କାରିଗରଙ୍କ ପାଖରେ ପହଞ୍ଚନ୍ତି। ମାତ୍ର କଞ୍ଚାମାଲ୍ (ବାଉଁଶ) ଏବେ ମିଳିବା କଷ୍ଟକର ହେଉଥିବା ସେମାନେ

### ଦୁର୍ଦ୍ଦିନରେ ବାଉଁଶ କାରିଗର

କହିଛନ୍ତି। ଏଥିସହ ବନ ବିଭାଗର କଟକଣା ଯୋଗୁ ଏହି କୌଳିକ ବୃତ୍ତି ପ୍ରତି ମୁହଁ ଫେରାଉଛନ୍ତି ଯୁବପିଢୀ। ବିକ୍ରିବଟାର ମଧ ଅଭାବ ରହିଛି। ଦକ୍ଷତା ବୃଦ୍ଧି କିମ୍ବା ତାଲିମ, ଆର୍ଥିକ ସ୍ଥିତି ସୁଧାରିବା କିମ୍ବା କଞ୍ଚାମାଲ ଯୋଗାଣ ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନଥିବାରୁ ଏହା ଆଗକୁ ବଢି ପାରୁନି। ବ୍ୟବସାୟୀଙ୍କ ମତରେ, ଗୋଟିଏ ବଡ ସାମଗ୍ରୀ ପ୍ରସ୍ତୁତ କଲେ ୨୦୦ଟଙ୍କାରେ ବିକ୍ରି କରୁଛୁ। ୧୦୦ଟଙ୍କା ଖର୍ଚ୍ଚ ହେଉଛି। ପରିଶ୍ରମ ବାବଦକୁ ୧୦୦ ଟଙ୍କା ମିଳୁଛି। ବାଉଁଶ ଚଢାଦର କାରଣରୁ ଏହି ମୂଲ୍ୟ ପର୍ଯ୍ୟାପ୍ତ ନୁହେଁ। ରଖିବାକୁ ଜାଗା ନ ଥିବାରୁ ସାମଗ୍ରୀ ବାହାରେ ରଖିଲେ ଚୋରି ହୋଇଯାଉଛି। ଆମ ପିଲାମାନେ ଏହି କାମ କରିବାକୁ ଆଉ ରାଜି ହେଉନାହାନ୍ତି। ଏଭଳି ସ୍ଥିତିରେ କୌଳିକ ବୃତ୍ତି କିଭଳି ତିଷ୍ଠିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାମଲିଙ୍ଗମ୍ ପୋଖରୀ କାର୍ଯ୍ୟ ଦେଖିଲେ ଜିଲାପାଳ

ବ୍ରହ୍ମପୁର ଅଫିସ୍,୧୨।୧୨

ବ୍ରହ୍ମପୁର ସହରରେ ଥିବା ରାମଲିଙ୍ଗମ୍ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆସି ପୋଖରୀରେ ହେବାକୁ ଥିବା ୱାଟର ଫାଉଣ୍ଟେନ୍, ଆଲୋକୀକରଣ କାର୍ଯ୍ୟ ତଦାରଖ କରିଥିଲେ। ପୋଖରୀ ଓ ପରିସରକୁ ପରିଷ୍କାର ରଖିବା ପାଇଁ ଜିଲାପାଳ କହିଥିଲେ। ପାହାଚରେ ଆଲୋକୀକରଣ ବ୍ୟବସ୍ଥା ଓ ପୋଖରୀ ପରିସରରେ ଥିବା ଖାଲି ସ୍ଥାନରେ ବଗିଚା କରିବା ପାଇଁ କହିଥିଲେ। ଏହା ଲୋକଙ୍କ ଚିତ୍ତ ବିନୋଦନ କରିପାରିବ।

### ଜାନୁୟାରୀରେ ଲୋକାର୍ପିତ ହେବ

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୧୨ କୋଟି ଟଙ୍କା ବ୍ୟୟରେ ରାମଲିଙ୍ଗମ୍ ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜାନୁୟାରୀ ମାସରେ ପୋଖରୀ ଲୋକାର୍ପିତ ହେବ ବୋଲି ଜିଲାପାଳ କହିଛନ୍ତି। ପରିଦର୍ଶନ ବେଳେ ବିଏମ୍ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର, ଡେ଼ପୁଟି କମିଶନର ରୋମାଞ୍ଚଳ ଖମାରୀଙ୍କ ସମେତ ବିଏମ୍ସିର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ କାର୍ଯ୍ୟ ତଦାରଖ କରୁଛନ୍ତି।

# କପିଳେଶ୍ୱର ସଭାପତି, ରାମକୃଷ୍ଣ ସମ୍ପାଦକ

ବ୍ରହ୍ମପୁର ଅଫିସ,୧୨।୧୨

ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାରେ ସରିଛି। କପିଳେଶ୍ୱର ପଟ୍ଟନାୟକ ସଭାପତି, ବସନ୍ତ କୁମାର ରାଉତ ଉପସଭାପତି, ରାମକୃଷ୍ଣ ମହାରଣା ସମ୍ପାଦକ ଓ ଶ୍ରୀଧର ସାହୁ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା। ଚଳିତବର୍ଷ ୧୩ ଶହ ୩୩ ଭୋଟର୍ ଥିବା ବେଳେ ୧ ହଜାର ୯୮ ଭୋଟ୍ ଗ୍ରହଣ ହୋଇଥିଲା। ନିର୍ବାଚନରେ ବିଭିନ୍ନ ପଦ ପାଇଁ ୧୦ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କପିଳେଶ୍ୱର ୬୮୮ଭୋଟ୍ ପାଇ ସଭାପତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବଂଶୀ ପାଳଙ୍କଠାରୁ ୨୮୯ ଭୋଟ୍ ଅଧିକ ପାଇ ବିଜୟୀ ହୋଇଛନ୍ତି। ସେହିପରି ବସନ୍ତ ୫୦୩ ଭୋଟ୍ ପାଇ ଉପସଭାପତି ନିର୍ବାଚିତ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ୨୭୬ ଭୋଟରେ ପରାସ୍ତ କରିଛନ୍ତି। ୫୫୦ ଭୋଟ ପାଇ ରାମକୃଷ୍ଣ ସମ୍ପାଦକ ନିର୍ବାଚିତ ହୋଇଥିବା ବେଳେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ ବେହେରାଙ୍କୁ


ଓକିଲ ସଂଘର ନବ ନିର୍ବାଚିତ ସଭାପତି ଓ ଅନ୍ୟମାନେ।

### ଗଞ୍ଜାମ ଓକିଲ ସଂଘ ନିର୍ବାଚନ

୧୨ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେହିପରି ଯୁଗ୍ମସମ୍ପାଦକ ଶ୍ରୀଧର ୫୪୪ ଭୋଟ ପାଇଥିଲେ। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହେମନ୍ତ କୁମାର ପଣ୍ଡାଙ୍କୁ ୧୨୫ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି।

ବ୍ରହ୍ମପୁରରେ କିପରି ହାଇକୋର୍ଟର ସ୍ଥାୟୀ ସର୍କିଟ ବେଞ୍ଚ ପ୍ରତିଷ୍ଠା ହୋଇପାରିବ ସେ ଦିଗରେ ଉଦ୍ୟମ କରାଯିବ ବୋଲି ନବନିର୍ବାଚିତ ସଭାପତି ସୂଚନା ଦେଇଛନ୍ତି। ଏଥିସହିତ ଓକିଲ କଲ୍ୟାଣ ପାଣ୍ଠି ନିମନ୍ତେ ବିଭିନ୍ନ ପ୍ରକାର ସ୍କିମ୍ ଆରମ୍ଭ କରିବା ପାଇଁ ସେ ଚିନ୍ତା କରିଥିବା କହିଛନ୍ତି। ସଂଘ ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ କରାଇବା ଦିଗରେ କାମ କରିବେ ବୋଲି ମଧ ସଭାପତି ପଟ୍ଟନାୟକ କହିଛନ୍ତି।

# ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଗିରଫ

ବୁଗୁଡ଼ା,୧୨।୧୨(ଡି.ଏନ.ଏ.)

ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଗର୍ଭବତୀ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆସିକାର ରଞ୍ଜିତ ନାୟକ। ଏ ନେଇ ନଂ. ୨୫୭/୨୦ରେ ମାମଲା ରୁଜୁ ହୋଇଥିଲା। ନାବାଳିକା(୧୫)ଙ୍କ ସହ ରଞ୍ଜିତଙ୍କ ଗତବର୍ଷ ଡିସେମ୍ବରରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହ ପ୍ରତିଶ୍ରୁତି ଦେଇ ରଞ୍ଜିତ ତାଙ୍କୁ ପ୍ରଥମେ ଭୁବନେଶ୍ୱର ଓ ପରେ ଚେନ୍ନାଇକୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ତିନି ମାସ ପୂର୍ବେ ନାବାଳିକାଙ୍କୁ ତାଙ୍କ ଘରେ ଛାଡିଥିଲେ। ସେ ଗର୍ଭବତୀ ହୋଇଥିବା ଜଣିବା ପରେ ରଞ୍ଜିତ ଧରାଛୁଆଁ ଦେଇନଥିଲେ। ଶେଷରେ ନାବାଳିକା ଜଣକ ଥାନାର ଆଶ୍ରୟ ନେଇଥିଲେ। ପୋଲିସ ତାଙ୍କୁ ବ୍ରହ୍ମପୁରସ୍ଥିତ ଉତ୍କଳ ବାଳାଶ୍ରମରେ ଛାଡିଥିଲା। ସେଠାରେ ତାଙ୍କର ଏକ ସନ୍ତାନ ଜନ୍ମ ହୋଇଥିଲା। ଫେରାର ଥିବା ଯୁବକଙ୍କୁ ପୋଲିସ ବୁଗୁଡ଼ାରୁ ଗିରଫ କରିଥିଲା। ନାବାଳିକାଙ୍କୁ ପୋଲିସ ତାଙ୍କ ଘରେ ଛାଡିଥିବା ଥାନାଧିକାରୀ ଚିତରଞ୍ଜନ ବେହେରା କହିଛନ୍ତି।

# ମାଓବାଦୀ ନିହତ ଘଟଣାରେ ଖବରଦାତା ସମ୍ମିଳନୀ

ଫୁଲବାଣୀ,୧୨।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ କୋମ୍ବିଂବେଳେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ରବିବାର ଏସ୍ପି ବିନୀତ ଅଗ୍ରୱାଲ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି। ଏସ୍ପି କହିଛନ୍ତି, ୯ ଡ଼ିସେମ୍ବରରେ ଗୋଚ୍ଛାପଡା ଥାନା ଅଞ୍ଚଳରେ ମାଓବାଦୀ ଲୁଚି ରହିଥିବା ଗୁଇନ୍ଦା ସୂଚନା ମିଳିବାପରେ ଏସ୍ଓଜି ଓ ଡ଼ିଭିଏଫ୍ ଜବାନଙ୍କ ଦ୍ୱାରା ନିକଟସ୍ଥ ଜଙ୍ଗଲରେ ୩ଦିନ ହେଲା କୋମ୍ବିଂ ଚାଲିଥିଲା। ଶୁକ୍ରବାର ଅପରାହ୍ନରେ ଘଞ୍ଚ ଜଙ୍ଗଲରେ ମାଓବାଦୀ ଓ ଯବାନ ମୁହାଁମୁହିଁ ହେବାପରେ ଗୁଳି ବିନିମୟ ହୋଇଥିଲା। ଏହା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଘଞ୍ଚ ଜଙ୍ଗଲକୁ ଖସି ପଳାଇଥିଲେ। ପରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନବେଳେ ଜଣେ ମହିଳା ମାଓବାଦୀଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରୁ ଦୁଇଟି ବନ୍ଧୁକ ଓ ୪ରାଉଣ୍ଡ ଗୁଳି ସମେତ ବହୁ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ମୃତ ମହିଳା ମାଓବାଦୀଙ୍କ ପରିଚୟ ଜଣାପଡି ନାହିଁ। ସେଠାରେ ମାଓନେତା ଦସରୁ ସହିତ ୧୫ରୁ ଉର୍ଦ୍ଧ୍ୱ ଓଡ଼ିଶା ରାଜ୍ୟ କମିଟିର କେକେବିଏନ୍ ଡ଼ିଭିଜନ ମାଓବାଦୀ ଥିବା ସନ୍ଦେହ କରାଯାଉଛି।


## S.C.S. COLLEGE (AUTONOMOUS), PURI

CAD-892

**ADMISSION NOTICE FOR VACANT SEATS : 2020-21**

Applications are invited for admission into the following Self-Financing Courses offered under Utkal University for the session 2020-21 (PPP).

| Course | Annual Fee | Eligibility |
|---|---|---|
| 3-Yr. BBA Bachelor of Business Administration | ₹ 15,000/- | Minimum 40% in +2 or equivalent in any stream |
| MBA Master of Business Administration | ₹ 45,000/- | ODISHA JEE 2020 Qualified |

**Scholarship :** Available for eligible SC, ST, OBC & Minority Category.

The Application Form for BBA can be obtained from the college on all working days between 11 AM -3 PM on payment of Rs. 100/- and the form duly filled in all respect should reach the Principal on or before 21.12.2020.

OIPR-11021/11/0004/2021 PRINCIPAL

7873692880, 9439616026, 9776242247, 8917663919


# କେରାଣ୍ଡିମାଳ ଜଙ୍ଗଲ ଛାଡୁନାହାନ୍ତି ହାତୀପଲ

ଦିଗପହଣ୍ଡି,୧୨।୧୨(ଡି.ଏନ୍.ଏ.)

ହାତୀପଲ ଦିଗପହଣ୍ଡି ବ୍ଲକ ଆଦିବାସୀ ବହୁଳ ଚଢ଼େୟାଗରଦ ଗାଁର ତପ ମଳିକ ଏବଂ ଉଲା ମଳିକଙ୍କ ବ୍ୟାପକ ଧାନ ଖାଇ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପ୍ରାୟ ୩୦ ହଜାର ଟଙ୍କା ମୂଲ୍ୟର ଅମଳ ଧାନ ଖଳାରେ ଥିବା ବେଳେ ହାତୀପଲ ପଶି ନଷ୍ଟ କରିଛନ୍ତି। ନିଆଁ ହୁଳା, ବାଜା, ବ୍ୟାଟେରି ଚାଳିତ ସାଇରନ ବଜା ଯିବା ସହ ବାଣ ଫୁଟାଇଲେ ମଧ ହାତୀପଲ କେରାଣ୍ଡିମାଳ ଜଙ୍ଗଲ ଗୁଡ଼ାରୀ ଗାଁ ନିକଟରୁ ଟଳୁ ନାହାନ୍ତି। ବନବିଭାଗ କର୍ମଚାରୀମାନେ ଗତ ଦୁଇ ସପ୍ତାହ ହେଲା ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଫସଲ ନଷ୍ଟ ହୋଇଥିବାରୁ ଋଣ ଟଙ୍କା କିଭଳି ପରିଶୋଧ କରିବେ ସେ ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ଶୁକ୍ରବାର ସକାଳେ

### ନଷ୍ଟ କରୁଛନ୍ତି ଅମଳ ଧାନ

ହାତୀପଲ ଦିଗପହଣ୍ଡି ବ୍ଲକ ବାସୁଦେବପୁର – ବି. ତୁରୁବୁଡି ପଞ୍ଚାୟତ କେରାଣ୍ଡିମାଳ ପାହାଡ଼ ସଂଲଗ୍ନ ଆଦିବାସୀ ବହୁଳ ଗୁଡ଼ାରୀ, ବିରିବାଡିଆ, ମରେଇବାଡି, ସାନ ବୁରୁଡ଼ା, ଚଢ଼େୟା ଗରଦ ଗାଁ ନିକଟ ଜଙ୍ଗଲରେ ଥିବା ଜଣାପଡିଛି। ଏହି ହାତୀ ପଲରେ ଗୋଟିଏ ଦନ୍ତାହାତୀ ସମେତ ୫ ମାଈ ହାତୀ ଏବଂ ୬ଟି ଛୁଆ ହାତୀ ଥିବା ଦିଗପହଣ୍ଡି ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଜନବସତି ଅଞ୍ଚଳକୁ ଯେଭଳି ହାତୀପଲ ନ ମାଡ଼ିବେ ସେ ନେଇ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଟିକିଟି ନିକଟ ସୋରଳ ରେଳ ବିଭାଗ ଟ୍ରାକ୍ଗୁଡ଼ିକରେ ହାତୀଙ୍କ ପାଇଁ ସତର୍କ ସୂଚନା ଫଳକ ମରାଯିବାକୁ ରେଳ ବିଭାଗ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି।

# ଅନ୍ଲାଇନ୍ ସଚେତନତା ଶିବିର

ପାରଳାଖେମୁଣ୍ଡି,୧୨।୧୨(ଡି.ଏନ୍.ଏ.)

ଗଜପତି ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଜିଲାକୋର୍ଟ ପରିସରରେ ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ଏକ ଅନ୍ଲାଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧୀକରଣ ସଚିବ ବ୍ୟୋମକେଶ ନାୟକ ଅଧକ୍ଷତା କରି ବିଶ୍ୱ ମାନବ ଅଧିକାର ଦିବସ ପାଳନର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ସମେତ ଏହାର ନିରାକରଣର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରାଇଥିଲେ। ଏଥିସହିତ କୌଣସି ପରିସ୍ଥିତିରେ ମାନବ ଅଧିକାର ଯେପରି କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ମଧ ଦୃଷ୍ଟି ଦିଆଯିବା ଉଚିତ୍ ବୋଲି କହିଥିଲେ। ପରିଶେଷରେ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟ କିଭଳି ମାନବ ସମାଜ ପାଳନ କରିବେ ଏବଂ ସମ୍ବିଧାନରେ ରହିଥିବା ମୌଳିକ ଅଧିକାର କିଭଳି ମାନବ ସମାଜ ପାଇଁ ଉପଯୋଗୀ ସେ ସମ୍ପର୍କରେ ସଚେତନ କରାଇଥିଲେ। ପାରଳାଖେମୁଣ୍ଡି ସବ୍ଜଜ୍ ଚନ୍ଦ୍ରହାସ ବେହେରା, ଜେଏମ୍ଏଫ୍ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀଙ୍କ ସମେତ ସମସ୍ତ ପ୍ୟାନେଲ ଆଡ୍ଭୋକେଟ ଯୋଗ ଦେଇଥିଲେ। ପ୍ରାଧୀକରଣ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନାବାଳିକା ଉଦ୍ଧାର, ଯୁବକଙ୍କୁ ଛାଡ଼ିଲା ପୋଲିସ

ଗଞ୍ଜାମ,୧୨।୧୨(ଡି.ଏନ.ଏ.)–ଗଞ୍ଜାମ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ମାମଲା ରୁଜୁ କରିଥିଲା। ନାବାଳିକାଙ୍କ ପତ୍ତା ନ ମିଳିବାରୁ ମା', ବାପା ଏସ୍ପିଙ୍କୁ ଫେରାଦ୍ ହୋଇଥିଲେ। ଏସ୍ପି ବ୍ରିଜେଶ କୁମାର ରଏ ଛତ୍ରପୁର ଏସ୍ଡିପିଓ ଗୌତମ କିଷାନଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଭୁବନେଶ୍ୱରରୁ ନାବାଳିକା ଓ ଅଭିଯୋଗ ହୋଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲା। ୧୮ ବର୍ଷ ହୋଇ ନଥିବା ବେଳେ ମା, ବାପା ବିବାହ ସ୍ଥିର କରିଥିବାରୁ ଘରୁ ଚାଲି ଆସିଥିଲେ, କେହି ତାଙ୍କୁ ଅପହରଣ କରି ନ ଥିବା ନାବାଳିକା ଜଣକ କହିଛନ୍ତି। ଘରକୁ ଯିବାକୁ ମନା କରିବାରୁ ତାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ ବାଳ ସୁଧାର ଗୃହକୁ ପଠାଯାଇଛି। ଅଭିଯୋଗ ହୋଇଥିବା ଗଞ୍ଜାମ ଅଞ୍ଚଳର ଯୁବକଙ୍କୁ ପୋଲିସ ଛାଡି ଦେଇଛି।

# ୧୯ ଚୋରା ବାଇକ୍ ଜବତ, ୧୦ ଗିରଫ

ହିଞ୍ଜିଳିକାଟୁ,୧୨।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସମେତ ବ୍ରହ୍ମପୁରର ବିଭିନ୍ନ ମାର୍କେଟ ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗକୁ ହିଞ୍ଜିଳିକାଟୁ ପୋଲିସ ଧରିଛି। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୧୦ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ହେଲେ ହିଞ୍ଜିଳି ଥାନା ବୁରୁପୋଡ଼ା ଗ୍ରାମର ମିଟୁ ଦଳାଇ। ମିଟୁଙ୍କୁ ଚୋରା ବାଇକ କିଣାବିକାରେ ସହଯୋଗ କରି ଗିରଫ ହୋଇଛନ୍ତି ଶେରଗଡ଼ ଥାନା ଗୋଠଗାଁର କୃଷ୍ଣ ମହାନ୍ତି , ଉତ୍ତମ ମହାନ୍ତି , ଅରୁଣ ମହାନ୍ତି , ପବିତ୍ର ଲେଙ୍କା , କାହ୍ନୁ ସୁଆଁସିଆ, ହିଂଜିଳି ଥାନା ବୁରୁପୋଡ଼ା ଗ୍ରାମର ଶ୍ରୀକାନ୍ତ ବରଡ଼, ପାଟପୁର ଥାନା ପଥରପୁଞ୍ଜିର ବନବାସୀ ସ୍ୱାଇଁ, ହିଞ୍ଜିଳିକାଟୁର ବିପିନ ନାୟକ ଓ ଗ୍ୟାରେଜ୍ ମାଲିକ ପିଣ୍ଟୁ ସାହୁ। ଏ ସମ୍ପର୍କରେ ଶନିବାର ହିଞ୍ଜିଳି ଥାନାରେ ଏକ ଖବରଦାତା ସମ୍ମିଳନୀରେ ଆସିକା ଏସ୍ଡ଼ିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ଅଭିମନ୍ୟୁ ଦାଶ ପ୍ରମୁଖ ସୂଚନା ଦେଇଛନ୍ତି।

ଗତ ୨ରେ ହିଞ୍ଜିଳିକାଟୁ ମାଣିକନଗର ଅଞ୍ଚଳର କୈଳାସ ବେହେରାଙ୍କ ଘର ସାମ୍ନାରୁ ବାଇକ ଚୋରି ହୋଇଥିବା ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ଖଣ୍ଡରା ଛକରେ ପୋଲିସ ଗାଡି ଚେକିଂ ବେଳେ ଅଭିଯୁକ୍ତ ମିଟୁ ଦେଖି ଖସିଯିବାକୁ ଚେଷ୍ଟା କରିଥିଲା। ତାଙ୍କୁ କାବୁ କରି ତଦନ୍ତ କରିବାରୁ ଉକ୍ତ ବାଇକ୍ ସହ ଅନ୍ୟ ୧୮ଟି ଚୋରା ବାଇକ୍ ମିଳିଥିଲା। ଚୋରା ବାଇକ କିଣାବିକାରେ ସମ୍ପୃକ୍ତ ହିଞ୍ଜିଳିକାଟୁର ଏକ ଗ୍ୟାରେଜ୍ ମାଲିକଙ୍କ ସହ ଅନ୍ୟମାନଙ୍କ ଠାରୁ ୧୮ଟି ବାଇକ୍ ପୋଲିସ ଜବତ କରିଛି।


ହିଞ୍ଜିଳି ପୋଲିସ ଦ୍ୱାରା ଜବତ ବାଇକ୍।













> ମଣିଷ ଓ ଅତିମାନବ ଭିତରେ ପାର୍ଥକ୍ୟ ହେଲା- ମନ ଓ ବହୁ ଊର୍ଦ୍ଧ୍ୱାଗତ ଚେତନା ଭିତରେ ପାର୍ଥକ୍ୟ- ଯେପରି ମଣିଷର ବିଚାରଶୀଳ ବା ମନନଶୀଳ ମନବୁଦ୍ଧି ଓ ଉଦ୍‌ଭିଦ୍ ଏବଂ ପ୍ରାଣୀମାନଙ୍କ ଚେତନା ଭିତରେ ପାର୍ଥକ୍ୟ। ମଣିଷକୁ ତା'ର ମନନଶୀଳ ବୁଦ୍ଧି ହିଁ ଅନ୍ୟଠାରୁ ପୃଥକ୍ କରିଛି। ସେହିପରି ଅତିମାନବ ତା'ର ଅତିମାନସ କିମ୍ବା ଦିବ୍ୟଚେତନା ଯୋଗୁ ମଣିଷ ଠାରୁ ପୃଥକ୍ ହେବ। —ଶ୍ରୀଅରିବନ୍ଦ

# ନୀତି କାହା ସ୍ୱାର୍ଥରେ



**ଆକାର ପଟେଲ**

ନୀତି ଆୟୋଗ ମୁଖ୍ୟ ଏମିତି କିଛି କହିଲେ ଯାହା ଅନେକଙ୍କୁ ଚିନ୍ତାରେ ପକାଇଦେଇଛି। ଏଥିପାଇଁ ତାଙ୍କୁ ନିଜକୁ ବୁଝାଇବାକୁ ପଡ଼ିଲା। ଏହା ଅବଶ୍ୟ ତାଙ୍କ ମନ୍ତବ୍ୟ ଥିଲା ଭାରତରେ ଅତ୍ୟଧିକ ଡେମୋକ୍ରାସି ଅଛି ବୋଲି ସେ ଦୁଇଥର ଦୋହରାଇଥିଲେ। ତେବେ ସେହି ଏକା ମନ୍ତବ୍ୟରେ ସେ ଆଉ କିଛି କହିଥିଲେ। ମୋ ମତରେ ଏହା କାହାର ଦୃଷ୍ଟି ଆକର୍ଷଣ କରିପାରି ନ ଥିଲା। ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାଜନକ ମଧ୍ୟ। ତଥ୍ୟ ଯାଞ୍ଚ କରୁଥିବା ୱେବ୍‌ସାଇଟ୍ ଅଲ୍ଟନ୍ୟୁଜ.ଇନ୍ ତାଙ୍କ ମନ୍ତବ୍ୟର ଭିଡିଓ ରେକର୍ଡିଂକୁ ସମୀକ୍ଷା କରି ନିଶ୍ଚିତ କଲା ଯେ ସେ ଯେଉଁ ଶବ୍ଦ ବ୍ୟବହାର କରି ନ ଥିଲେ ବୋଲି କହୁଥିଲେ ତାହା ସେ ବାସ୍ତବରେ କରିଥିଲେ। ଏହା ତାଙ୍କ ମନ୍ତବ୍ୟ ସମ୍ପର୍କରେ ଯାହା ସୂଚନା ଦେଲା ତାହା ଏହିପରି। ଭାରତରେ ଆମର ସବୁଠୁ ଅଧିକ ସ୍ୱାୟତ୍ତତା ରହିଛି। ଏଣୁ ଆମେ ସମସ୍ତଙ୍କୁ ସମର୍ଥନ କରୁଛୁ। ସେ ମଧ୍ୟ ଏହାକୁ ଆହୁରି ବ୍ୟାପକ ଭାବେ ବୁଝାଇ କହିଥିଲେ ଯେ, ପ୍ରଥମ ଥର ପାଇଁ ଭାରତରେ ଏକ ସରକାର ଆକାର ଓ ମାନ ଦୃଷ୍ଟିରୁ ବଡ଼କଥା ଚିନ୍ତା କରିଛନ୍ତି ଏବଂ ଆମେ ବିଶ୍ୱରେ ଚାମ୍ପିୟନମାନଙ୍କୁ ଗଢ଼ିବାକୁ ଚାହୁଁ। କିନ୍ତୁ ବିଶ୍ୱ ଚାମ୍ପିୟନ ହେବାକୁ ଲକ୍ଷ୍ୟ ରଖିଥିବା ୫ଟି କମ୍ପାନୀଙ୍କୁ ଆମେ ସମର୍ଥନ କରିବାକୁ ଚାହୁଁ ବୋଲି କହିବାକୁ କାହାର ରାଜନୈତିକ ଇଚ୍ଛାଶକ୍ତି ଏବଂ ସାହସ ନାହିଁ। ସମସ୍ତେ କହୁଛନ୍ତି ଆମେ ପ୍ରତ୍ୟେକ ଭାରତୀୟଙ୍କୁ ସମର୍ଥନ କରିବାକୁ ଚାହୁଁ, ପ୍ରତ୍ୟେକଙ୍କ ଭୋଟ ଚାହୁଁ।

ମନ୍ତବ୍ୟର ଦ୍ୱିତୀୟ ଛୋଟ ଭାଗଟିକୁ ଅଣଦେଖା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଥିଙ୍କ୍ ଟ୍ୟାଙ୍କ କୁହାଯାଉଥିବା ନୀତି ଆୟୋଗର ମୁଖ୍ୟ ମୋଦି ସରକାରଙ୍କ ଅର୍ଥବ୍ୟବସ୍ଥାର ରଣନୀତି ଉପରେ ବ୍ୟାଖ୍ୟା କରିଥିଲେ। ପୂର୍ବରୁ ତାଙ୍କ ମନ୍ତବ୍ୟରେ ଏହା ଯେତିକି ସ୍ପଷ୍ଟ ଥିଲା ସେମିତି ଏହା ବ୍ୟାଖ୍ୟା କରିନାହିଁ, କିନ୍ତୁ ନୀତି ମୁତାବକ ଯାହା ସମ୍ଭବ ତାହା ସ୍ପଷ୍ଟ କରିଛି। ସଂକ୍ଷେପରେ ନିର୍ଯ୍ୟାସ ଏହା ଯେ,ଭାରତରେ ବହୁତ ଛୋଟ କମ୍ପାନୀ ରହିଛି ଏବଂ ଏହା ପ୍ରଭାବଶାଳୀ ନୁହନ୍ତି। ଏହାବାଦ ଏହାର ଅର୍ଥବ୍ୟବସ୍ଥାକୁ ଚଳାଇବା ପାଇଁ ଅଳ୍ପ କିଛି ବୃହତ କମ୍ପାନୀ ରହିବା ଉଚିତ ଓ ଏହି କମ୍ପାନୀଗୁଡ଼ିକ କେବଳ ବିଶ୍ୱସ୍ତରରେ ହିଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏଣୁ ଏହାକୁ ସମ୍ଭବ କରିବା ଲାଗି ସରକାର ନିଶ୍ଚିତ ଚେଷ୍ଟା କରିବେ। ଏହାଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକର ଶିଳ୍ପପତିମାନଙ୍କ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା କଷ୍ଟକର ହୋଇପଡିବ। ଏହା ଗ୍ରହଣୀୟ ଯେ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସମସ୍ତେ ଟିକସ ଫାଙ୍କିଆନ୍ତି। ସେମାନେ ନଗଦ କାରବାର କରି ସରକାରଙ୍କୁ ଠକନ୍ତି। ସେମାନଙ୍କୁ ଦୃଢ଼ କରିବା କଷ୍ଟକର ହେଲେ ମଧ୍ୟ ଅସମ୍ଭବ ନୁହେଁ। ତେବେ ପ୍ରଥମ ପଦକ୍ଷେପରେ ଅର୍ଥବ୍ୟବସ୍ଥାରୁ ନଗଦ କାରବାରକୁ ହଟାଇବାକୁ ପଡିବ। ଏହା ୨୦୧୬ ନଭେମ୍ବର, ୮ରେ କରାଯାଇଥିଲା। ନଗଦ କାରବାର ଉପରେ ନିର୍ଭରଶୀଳ ଇଣ୍ଡଷ୍ଟ୍ରିଗୁଡ଼ିକ ଏପରିକି ବୈଧ ହୋଇଥିଲେ ବି ସପ୍ତାହ ସପ୍ତାହ ଧରି କାରବାର କରିବାକୁ ସକ୍ଷମ ହେଲେ ନାହିଁ ଏବଂ ପରେ ତାହା ମାସ ମାସ ଧରି ବନ୍ଦ ରହିଲା। କିନ୍ତୁ ବୃହତ ଇଣ୍ଡଷ୍ଟ୍ରିଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହେଲେ ନାହିଁ। କାରଣ, ସେମାନେ ଇ-ଟ୍ରାନ୍ସଫର କରିପାରିଲେ। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଥିଲା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ପାଇଁ ଦ୍ୱିତୀୟ ଝଟକା। ଜିଏସ୍‌ଟିକୁ ଏତେ ଜଟିଳ କରାଯାଇଥିଲା ଯେ, ଏହାକୁ ପାଳନ ଓ କାର୍ଯ୍ୟକାରୀ କରିବା ଲାଗି ଅଧିକ ଲୋକ ଦରକାର ପଡ଼ିଲା। ବାରମ୍ବାର ରିଟର୍ନ ଫାଇଲ ଏବଂ ଡିଜିଟାଲ ସିଷ୍ଟମର ପରିଚାଳନାର ଜଟିଳତା ଯୋଗୁ ପୁଣି ଥରେ ବିଜନେସ୍‌ରୁ ବହୁ ଲୋକ ବାହାରିଗଲେ। ଏଥିପାଇଁ ଅଧିକ ଖର୍ଚ୍ଚକରିବାକୁ ବି ପଡ଼ିଲା ଓ କିଛି ଲାଭ ମିଳିଲାନି। ଏହାର ଜଟିଳତାର ସାମନା କରିପାରିଲେ ନାହିଁ ଏବଂ ଆଉ କିଛି କରିବା ଲାଗି ପସନ୍ଦ କଲେ।

ତୃତୀୟ ଝଟକା ଥିଲା ଚଳିତ ବର୍ଷର ଲକ୍‌ଡାଉନ। ଏହା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକର ମେରୁଦଣ୍ଡ ଭାଙ୍ଗିଦେଲା। ଏଭଳି ପରିସ୍ଥିତିର ସାମନା କରିବାକୁ ନା ଏମାନଙ୍କ ପାଖରେ ଟଙ୍କା ଗଚ୍ଛିତ ଥିଲା ନା ଘରେ ରହି କାମ କରିବା ଲାଗି ଲୋକ ପାଇବାକୁ ଏମାନେ ସକ୍ଷମ ହେଲେ। ବିଶ୍ୱର ପ୍ରତିଷ୍ଠିତ ମାଗାଜିନ ଦି ଇକୋନୋମିଷ୍ଟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୨୦୧୬ରୁ ୩୫୦% ବୃଦ୍ଧିପାଇଥିଲା ବୋଲି ପ୍ରକାଶ କଲା। ଗୌତମ ଅଦାନିଙ୍କ ସମ୍ପତ୍ତି ଏହି ଏକା ସମୟରେ ୭୫୦% ବଢ଼ିଥିଲା। ଅର୍ଥବ୍ୟବସ୍ଥା ତଳକୁ ଖସୁଥିବାବେଳେ ଏହା ଘଟିଛି। ଚଳିତ ଡିସେମ୍ବରକୁ ମିଶାଇ ୩୬ ମାସ ହେବ ଭାରତୀୟ ଅର୍ଥବ୍ୟବସ୍ଥା ମାନ୍ଦା ରହିଆସିଛି। ସରକାରୀ ତଥ୍ୟ ଅନୁସାରେ ୨୦୧୮ ଜାନୁୟାରୀରୁ ଅର୍ଥବ୍ୟବସ୍ଥା ତଳକୁ ଖସିବା ଆରମ୍ଭ ହୋଇଛି ଓ ତିନି ବର୍ଷ ଧରି ଏହା ମାନ୍ଦା ରହିଛି। ଗତ ସପ୍ତାହରେ ଅର୍ଥମନ୍ତ୍ରୀଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ମୋଦି ସରକାର ପ୍ରକାଶ କରିବା ଲାଗି ମନା କରିଥିବା ରିପୋର୍ଟକୁ ଶେଷରେ ପ୍ରକାଶ କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ,୨୦୧୨ରେ ଭାରତୀୟମାନେ ଯେତିକି ଟଙ୍କା ଖର୍ଚ୍ଚ କରୁଥିଲେ ତା' ତୁଳନାରେ ୨୦୧୮ରେ ଏମାନେ କମ୍ ଟଙ୍କା ଖର୍ଚ୍ଚ କରୁଥିଲେ। ଅର୍ଥାତ, ସେମାନେ ବି କମ୍ ଆୟ କରୁଥିଲେ। ଅବଶ୍ୟ ସବୁ ଭାରତୀୟ ନୁହନ୍ତି,କେତେକ ଅତ୍ୟଧିକ ରୋଜଗାର କରୁଥିଲାବେଳେ ଅନ୍ୟମାନଙ୍କ ଆୟ କମ୍‌ଥିଲା।

ଏହି ଦେଶ ଲାଗି ମୋଦି ସରକାର କ'ଣ କରିଛନ୍ତି ତାହା ଉପରେ ବିଚାର କରିବା ପରେ ଜଣାପଡ଼େ ଯେ ସରକାରଙ୍କ ଆର୍ଥିକ ନୀତିର ସବୁକିଛିକୁ ନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ଆତ୍ମନିର୍ଭର କେବଳ ଆମଦାନୀର ବିକଳ୍ପ ଓ ପୂର୍ବରୁ ଏହା ବିଫଳ ହୋଇଥିଲା ବୋଲି କହି ମୋଦିଙ୍କର ପୂର୍ବତନ ପରାମର୍ଶଦାତା ତଥା ଦୃଢ଼ ସମର୍ଥକ ଅରବିନ୍ଦ ପାନଗରିଆ ଅଭିଯୋଗ ଆଣିଲେ। ଏହାର ମାନେ ମୋଦି ଆମଦାନୀ ଜିନିଷ ଉପରେ ଟାରିଫ ଲଗାଇଛନ୍ତି। ଏହାଦ୍ୱାରା ଲୋକାଲ ଇଣ୍ଡଷ୍ଟ୍ରିଗୁଡ଼ିକ ସେମାନଙ୍କ ଉତ୍ପାଦକୁ ଆମଦାନୀ କରାଯାଉଥିବା ଜିନିଷ ତୁଳନାରେ ଅଧିକ ମୂଲ୍ୟରେ ବିକ୍ରି କରିବେ। ଆତ୍ମନିର୍ଭର ଉପଭୋକ୍ତାଙ୍କ ଉପରେ ଭାରି ପଡିବ ଓ ଶିଳ୍ପପତିଙ୍କୁ ସୁବିଧା ହେବ। କିନ୍ତୁ ଏହାକୁ ଯେଭଳି ବିଜ୍ଞାପିତ କରାଯାଇଛି ତାହା ସେମିତି ନୁହେଁ। ଆତ୍ମନିର୍ଭରର ନୀତିକୁ ଉପଭୋକ୍ତା କି ନାଗରିକମାନେ ଚାହିଁ ନାହାନ୍ତି। ଏହା ସରକାରଙ୍କ ପସନ୍ଦର ଲୋକ ଯାହାକୁ ଜିତିବାର ଦାୟିତ୍ୱ ଦିଆଯାଇଛି ସେମାନେ ଚାହିଁଛନ୍ତି। ଅନ୍ୟପକ୍ଷରେ ଆଉ ଅବଶିଷ୍ଟଙ୍କୁ ଯୋଜନାବଦ୍ଧ ଭାବେ ନିରାଶ କରାଯାଉଛି।

Email:aakar.patel@gmail.com

# ଗ୍ରହ ଗଣିତ ଓ ସାମନ୍ତଙ୍କ ସୂକ୍ଷ୍ମ ସିଦ୍ଧାନ୍ତ



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଜ୍ଞାନର ଅନ୍ୱେଷଣରେ ସମୃଦ୍ଧ ହୁଏ ବିଜ୍ଞାନ। ବିଜ୍ଞାନ ଜଗତରେ ଠିକଣା ସମୟରେ ଜଣେ ଜଣେ ଯୁଗସ୍ରଷ୍ଟା ବୈଜ୍ଞାନିକଙ୍କର ଆବିର୍ଭାବ ଘଟେ, ଯେଉଁମାନଙ୍କ ଆତ୍ମ ଅବବୋଧ ଓ ସାଧନା ବଳରେ ପ୍ରତିଷ୍ଠା ଲଭେ ନୂଆ ନୂଆ ତଥ୍ୟ ଓ ତତ୍ତ୍ୱ। ଏହାଦ୍ୱାରା ମଣିଷର ଚେତନାରେ ଆସେ କ୍ରାନ୍ତିର ଉତ୍ତରଣ। ସଂପ୍ରତି ଜ୍ୟୋତିର୍ବିଜ୍ଞାନର ଅଗ୍ରଗତି ସହିତ ଅତି ଉନ୍ନତ ଧରଣର ଆଲୋକୀୟ ତଥା ବେତାର ଦୂରବୀକ୍ଷକ ନିର୍ମାଣ ଏବଂ ଅଭିକ୍ରିୟାତ୍ମକ ଗବେଷଣାର ଚରମ ପାରଦର୍ଶିତା ଯୋଗୁ ନୂଆ ନୂଆ ଗ୍ରହ ନକ୍ଷତ୍ର ଚିହ୍ନଟ କରିବା କ୍ଷେତ୍ରରେ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ମିଳିଛି ଚରମ ସଫଳତା। ମାତ୍ର ଊନବିଂଶ ଶତାବ୍ଦୀରେ ଦୂରବୀକ୍ଷଣ ଆଦି ଯନ୍ତ୍ରର ବିନା ଉପଯୋଗରେ ସାମନ୍ତ ଚନ୍ଦ୍ରଶେଖର ଯେଉଁ ଗ୍ରହ ଗଣିତ କଷିଥିଲେ, ସେମିତି ନିର୍ଭୁଲ୍ ଗଣିତ ସାରା ପୃଥିବୀରେ କେହି କଷି ନାହାନ୍ତି ଆଜି ପର୍ଯ୍ୟନ୍ତ।

ବିଶ୍ୱ ବରେଣ୍ୟ ଜ୍ୟୋତିର୍ବିତ୍ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର। ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ସମଗ୍ର ବିଶ୍ୱ ପାଇଁ ଚିର ବନ୍ଦନୀୟ। ନିର୍ମଳ ବ୍ୟକ୍ତିତ୍ୱର ଏହି ନିଦା ମଣିଷ ଜଣକ ଆଜକୁ ଠିକ୍ ୧୮୫ ବର୍ଷ ପୂର୍ବରୁ (୧୩।୧୨।୧୮୩୫) ଜନ୍ମ ଗ୍ରହଣ କରିଥିଲେ ଆମ ଉତ୍କଳ ଭୂଖଣ୍ଡର ଅରଣ୍ୟଘେରା ଖଣ୍ଡପଡ଼ା ରାଜବଂଶରେ। ପିତା ଶ୍ୟାମବନ୍ଧୁ ସିଂହ ଅପର୍ତ୍ତିଆ ପୁତ୍ରକୁ (ବଞ୍ଚିବାର ଆଶା ନ ଥିବା) ଜଣେ ମୁସଲମାନ ଫକିର ହାତରେ ଟେକି ଦେଇଥିବାରୁ ଲୋକେ ତାଙ୍କୁ ଶ୍ରଦ୍ଧାରେ ଡାକନ୍ତି ପଠାଣି ସାମନ୍ତ। ପିଲାଟିଦିନରୁ ସେ ଥିଲେ ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରଚେତା। କୃତିବାସ ରଥ ଓ ଆନନ୍ଦ ଖାଡ଼ାଙ୍ଗାଙ୍କ ପାଖରୁ ବାଲ୍ୟଶିକ୍ଷା ଗ୍ରହଣ କରିବା ସମୟରୁ ତୁଳସୀ ଦୁଇ ପତ୍ରରୁ ବାସିବା ପରି ମିଳିଥିଲା ତାଙ୍କ ଅସାଧାରଣ ପ୍ରତିଭାର ପରିଚୟ। ଗଣିତ ଜ୍ୟୋତିଷ ସମ୍ପର୍କରେ ଅଧିକରୁ ଅଧିକ ଜାଣିବାର ଆଗ୍ରହ ନେଇ ସେ କିଶୋର ବୟସ (୧୪ ବର୍ଷ)ରୁ ବରାହ ମିହିର, ବ୍ରହ୍ମଗୁପ୍ତ ଓ ଭାସ୍କରାଚାର୍ଯ୍ୟଙ୍କ ପରି ପ୍ରଖ୍ୟାତ ଜ୍ୟୋତିର୍ବିତ୍‌ମାନଙ୍କ ସିଦ୍ଧାନ୍ତକୁ ପଢ଼ିବା ସହିତ ଆରମ୍ଭ କରି ଦେଇଥିଲେ ତା'ର ପ୍ରାୟୋଗିକ ଅନୁଶୀଳନ। ନିଜ ଘର ଅଗଣାରେ ବସି ସେ କେବେ ନିର୍ମଳ ଆକାଶର ଚନ୍ଦ୍ର, ତାରା ଓ ଗ୍ରହମାନଙ୍କୁ ଅନୁଧ୍ୟାନ କରୁଥିଲେ ତ ଆଉ କେବେ ଘର ଚାଳରେ କଣା କରି ଛୋଟ ଛୋଟ ବାଉଁଶ ନଳୀ ସାହାଯ୍ୟରେ ଧ୍ରୁବତାରା, ସପ୍ତର୍ଷି ମଣ୍ଡଳର ଗତି ଓ ସ୍ଥିତିକୁ ଆକଳନ କରୁଥିଲେ ରାତି ରାତି ବିନିଦ୍ର ହୋଇ। ବିନା ଦୂରବୀକ୍ଷଣ ଯନ୍ତ୍ରରେ ଗ୍ରହ ନକ୍ଷତ୍ରମାନଙ୍କୁ ନିରୀକ୍ଷଣ କରି ତଥ୍ୟ ସଂଗ୍ରହ କରିବା ପାଇଁ ସେ ନିଜ ହାତରେ ନିର୍ମାଣ କରିଥିଲେ ଗୋଲଯନ୍ତ୍ର, ମାନଯନ୍ତ୍ର, ଅନ୍ତଯନ୍ତ୍ର, ଶଙ୍କୁ, ସୂର୍ଯ୍ୟ ଘଡ଼ି, ଚାପ ଯନ୍ତ୍ର, ଗୋଲାର୍ଦ୍ଧ ଯନ୍ତ୍ର, ଉଲମ୍ବୀ ଚକ୍ର ଆଦି ଅତି ସରଳ ଯନ୍ତ୍ର। ଦୁଇ ଖଣ୍ଡ ପ୍ରଲମ୍ବିତ ଯଷ୍ଟି ନିର୍ମିତ ମାନଯନ୍ତ୍ର ସାହାଯ୍ୟରେ ସେ ମାପି ପାରୁଥିଲେ ପାହାଡ଼ର ଦୂରତ୍ୱ ଓ ଉଚ୍ଚତା। ଗୋଲଯନ୍ତ୍ର ସାହାଯ୍ୟରେ ନିରୂପଣ କରୁଥିଲେ ଆକାଶ ମଣ୍ଡଳରେ ଗ୍ରହ ନକ୍ଷତ୍ରଙ୍କ ଗତି ଓ ସ୍ଥିତି। ଭୂମି ଉପରେ ଲମ୍ବ ଭାବେ ଦଣ୍ଡାୟମାନ ଖଣ୍ଡେ ଯଷ୍ଟି ବା ଶଙ୍କୁ ଯନ୍ତ୍ର ଦ୍ୱାରା ସେ ନିର୍ଣ୍ଣୟ କରୁଥିଲେ ଯେ କୌଣସି ସ୍ଥାନର ଦିଗ ଓ ଅକ୍ଷାଂଶ। କାଠ, ବେତ, କାଠପଟା ଓ ବାଉଁଶନଳୀ ଆଦିରେ ତିଆରି ଏହି ସରଳ ଯନ୍ତ୍ରଗୁଡ଼ିକୁ ବର୍ତ୍ତମାନ ସମୟରେ ହୁଏତ ଯନ୍ତ୍ର ବୋଲି ସ୍ୱୀକାର କରିବା କଷ୍ଟକର ହୋଇପାରେ, ମାତ୍ର ଗ୍ରହ ଗଣିତ କଷିବାରେ ତା'ର ବୁଦ୍ଧିଦୀପ୍ତ ନିର୍ମାଣ କୌଶଳ ଥିଲା ବିଶ୍ୱର ବିସ୍ମୟ।

ଏହି ସରଳ ଯନ୍ତ୍ରଗୁଡ଼ିକ ସାହାଯ୍ୟରେ ସେ ଯେତେବେଳେ ଯେଉଁ ତଥ୍ୟ ସଂଗ୍ରହ କରୁଥିଲେ ତାକୁ ତାଳପତ୍ର ପୋଥି ପୃଷ୍ଠାରେ ସାଇତି ରଖୁଥିଲେ କୋଟିନିଧି ପାଇଲା ପରି। ଏମିତି ବର୍ଷ ବର୍ଷ (୨୩ ବର୍ଷ)ର ସାଧନାଲବ୍ଧ ତଥ୍ୟକୁ ସେ ସଂସ୍କୃତ ଭାଷାରେ ଲିପିବଦ୍ଧ କରି ତା'ର ନାମ ଦେଲେ 'ସିଦ୍ଧାନ୍ତ ଦର୍ପଣ'। ଗ୍ରହ ଗଣିତର ଏହି ବିପୁଳ ପରିପାଟୀ କେବଳ ଭାରତୀୟ ସିଦ୍ଧାନ୍ତ ଜ୍ୟୋତିଶ୍ଚର୍ଚ୍ଚାର ଏକ ସନ୍ତକ ନୁହେଁ, ବରଂ ପୃଥିବୀର ଏକ ଅଦ୍ୱିତୀୟ ଗ୍ରନ୍ଥ। ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସଙ୍କ ଭାଷାରେ- ସିଦ୍ଧାନ୍ତ ଦର୍ପଣ ଏକାଧାରରେ ଗୋଟିଏ ସଂସ୍କୃତ ଭକ୍ତି କାବ୍ୟ, ତତ୍ତ୍ୱଗ୍ରନ୍ଥ ଓ ଜ୍ୟୋତିଷ ଶାସ୍ତ୍ର। ପ୍ରାଚ୍ୟ ବୌଦ୍ଧିକ ସଂସ୍କାରର ଏକ ଆର୍ଯ୍ୟ ପ୍ରକରଣ। ବୈଦିକ ବୌଦ୍ଧିକ ପରମ୍ପରା ପ୍ରବାହରେ ସିଦ୍ଧ ଏକ ଅନନ୍ୟ ଭାରତୀୟ ଜ୍ଞାନସୂତ୍ର।

ପଠାଣି ସାମନ୍ତ ହିଁ ବିଶ୍ୱର ପ୍ରଥମ ଜ୍ୟୋତିର୍ବିଜ୍ଞାନୀ, ଯିଏ ମିନିଟ୍ ଓ ସେକେଣ୍ଡ ପର୍ଯ୍ୟନ୍ତ ଗଣନା କରି ନିର୍ଣ୍ଣୟ କରିପାରିଥିଲେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ର ଗ୍ରହଣର ନିର୍ଦ୍ଦିଷ୍ଟ ସମୟ। ତାଙ୍କ ସମୟରେ ପ୍ରଚଳିତ ପାଞ୍ଜିଗୁଡ଼ିକ ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ଗ୍ରହ ନକ୍ଷତ୍ରଙ୍କ ଅବସ୍ଥିତି ସମ୍ପର୍କରେ ନିର୍ଭୁଲ୍ ସୂଚନା ମିଳୁ ନ ଥିଲା କି ଠିକ୍ ଭାବରେ ସ୍ଥିର ହୋଇ ପାରୁ ନ ଥିଲା ତିଥି ବାର ଓ ପର୍ବପର୍ବାଣି। ପଠାଣି ସାମନ୍ତ ନିଜର ମୌଳିକ ଗଣନା ବଳରେ ଏହି ତ୍ରୁଟିକୁ ସୁଧାରିବା ସହିତ ପ୍ରସ୍ତୁତ କଲେ ଏକ ନିର୍ଭୁଲ୍ ପଞ୍ଜିକା। ଏହି ପଞ୍ଜିକା ଅନୁସାରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ରୀତି ନୀତି ଓ ପର୍ବପର୍ବାଣି ସମ୍ପାଦନ ପାଇଁ ପଣ୍ଡିତ ସଭାରେ ଗୃହୀତ ହେଲା ଏବଂ ତାହା ୧୮୭୬ ମସିହାରୁ ଚଳି ଆସୁଛି ଆଜି ପର୍ଯ୍ୟନ୍ତ। ସିଦ୍ଧାନ୍ତ ଦର୍ପଣ ରଚନା ପରେ ପଠାଣି ସାମନ୍ତଙ୍କୁ ପ୍ରଥମେ 'ହରିଚନ୍ଦନ ମହାପାତ୍ର' ଉପାଧିରେ ଭୂଷିତ କଲେ (୧୮୭୦) ତତ୍‌କାଳୀନ ପୁରୀର ଗଜପତି ରାଜା। ମାତ୍ର ପରିତାପର ବିଷୟ ସିଦ୍ଧାନ୍ତ ଦର୍ପଣ ଲେଖା ସରିବାର (୧୮୬୯) ପ୍ରାୟ ତିନି ଦଶନ୍ଧି ପର୍ଯ୍ୟନ୍ତ ତାହା ମୁଦ୍ରଣ ରୂପ ନେଇପାରି ନ ଥିଲା ସାମନ୍ତଙ୍କ ଆର୍ଥିକ ଦୁଃସ୍ଥିତି ପାଇଁ। ଫଳରେ ଏଭଳି ଏକ ମୂଲ୍ୟବାନ୍ ଗ୍ରନ୍ଥ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଥିଲା ପାଖାପାଖି ତିନି ଦଶନ୍ଧି ପର୍ଯ୍ୟନ୍ତ। ସଂଯୋଗ ବଶତଃ ପଠାଣି ସାମନ୍ତଙ୍କ ସହିତ ରେଭେନ୍ସା କଲେଜର ତତ୍କାଳୀନ ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାୟବାହାଦୁର ଆଚାର୍ଯ୍ୟ ଯୋଗେଶଚନ୍ଦ୍ର ଆଚାର୍ଯ୍ୟଙ୍କ ସାକ୍ଷାତ ହେଲା ପରେ ଏ ଦିଗରେ ପ୍ରକାଶ ପାଇଲା ତତ୍ପରତା। ସିଦ୍ଧାନ୍ତ ଦର୍ପଣ ପଢ଼ି ବିସ୍ମିତ ହୋଇଗଲେ ଯୋଗେଶ ଚନ୍ଦ୍ର ରାୟ। ଓଡ଼ିଶା ମାଟିରେ ଯେ ଏମିତି ବୈଜ୍ଞାନିକ ଅଛନ୍ତି, ତାହା ଥିଲା ତାଙ୍କ ଧାରଣା ବାହାରେ। ତେଣୁ ସିଦ୍ଧାନ୍ତ ଦର୍ପଣକୁ ଲୋକଲୋଚନକୁ ଆଣିବା ପାଇଁ ସେ ତତ୍କାଳ କଲିକତା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ ଚନ୍ଦ୍ର ନ୍ୟାୟରତ୍ନଙ୍କ ସହିତ ଯୋଗାଯୋଗ କରିବା ସହ ଦିନରେ ସମୟ ନିରୂପଣ ପାଇଁ ପଠାଣି ସାମନ୍ତ ଯେଉଁ ସୂର୍ଯ୍ୟ ଘଡ଼ିଟି ଉଦ୍ଭାବନ କରିଥିଲେ, ତାହାକୁ ସେ ସ୍ଥାପନା କରିଦେଲେ ରେଭେନ୍ସା କଲେଜ ପ୍ରାଙ୍ଗଣରେ। ତତ୍କାଳୀନ କରଦରାଜ୍ୟ ସମୂହର ସରକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁଦାମ ଚରଣ ନାୟକଙ୍କ ଉଦ୍ୟମରେ ଆଠମଲ୍ଲିକର ରାଜା ମହେନ୍ଦ୍ର ଦେବ ଓ ମୟୂରଭଞ୍ଜର ମହାରାଜ ଶ୍ରୀରାମଚନ୍ଦ୍ର ଦେବଙ୍କ ଆର୍ଥିକ ସହାୟତା କ୍ରମେ କଲିକତାସ୍ଥ ଗିରୀଶ ବିଦ୍ୟାରତ୍ନ ମୁଦ୍ରଣାଳୟରେ ଆରମ୍ଭ ହେଲା (୧୮୯୪) ସିଦ୍ଧାନ୍ତ ଦର୍ପଣର ଛାପା କାର୍ଯ୍ୟ। ସାମନ୍ତ ଚନ୍ଦ୍ରଶେଖରଙ୍କ ସମ୍ମାନାର୍ଥେ ତାଙ୍କୁ ମହାମହୋପାଧ୍ୟାୟ ଉପାଧିରେ (୩.୬.୧୮୯୩) ଭୂଷିତ କରିଥିଲେ ବ୍ରିଟିଶ ସରକାର। ଦୀର୍ଘ ୫ ବର୍ଷ ପରେ (୧୮୯୯) 'ସିଦ୍ଧାନ୍ତ ଦର୍ପଣ'ର ଛାପା କାର୍ଯ୍ୟ ସରିଲା ଏବଂ ଏହି ୩୫୦ ପୃଷ୍ଠା ବିଶିଷ୍ଟ ପୁସ୍ତକରେ ଇଂଲିଶ ଭାଷାରେ ୫୮ ପୃଷ୍ଠା ସମ୍ବଳିତ ଏକ ମୁଖବନ୍ଧ ଲେଖିଲେ ଯୋଗେଶ ଚନ୍ଦ୍ର ରାୟ। ପ୍ରକାଶ ପାଇବାର ଅଳ୍ପଦିନ ମଧ୍ୟରେ ସିଦ୍ଧାନ୍ତ ଦର୍ପଣ ପହଞ୍ଚିଗଲା ଜର୍ମାନ, ଇଂଲଣ୍ଡ, ଫ୍ରାନ୍ସ ଓ ଆମେରିକା ଆଦି ବିଭିନ୍ନ ଦେଶରେ। ସବୁଠି ମିଳିଲା ଉଚ୍ଚ ପ୍ରଶଂସା। ବିଶେଷକରି ଇଂଲଣ୍ଡରୁ ପ୍ରକାଶିତ 'ନେଚର' ଓ ଆମେରିକାରୁ ପ୍ରକାଶିତ 'ନଲେଜ୍' ନାମକ ପତ୍ରିକାରେ ସିଦ୍ଧାନ୍ତ ଦର୍ପଣ ସମ୍ପର୍କରେ ଭିନ୍ନ ଭିନ୍ନ ପ୍ରବନ୍ଧ ପ୍ରକାଶ ପାଇବା ପରେ ଚମତ୍କୃତ ହେଲା ସମଗ୍ର ବିଶ୍ୱ। ସବୁଆଡ଼େ ସେହି ଗୋଟିଏ ପ୍ରଶ୍ନ- କିଏ ସେହି ଚନ୍ଦ୍ରଶେଖର ? କେଉଁ ଦେଶର ଲୋକ ? ସେହି ବାଟ ଦେଇ ଓଡ଼ିଶା ପାଇଥିଲା ପ୍ରଥମ ପରିଚୟ। ନଅଙ୍କ ଦୁର୍ଭିକ୍ଷ ବେଳେ ଗୋରା ସାହେବମାନେ ଯେଉଁ ଓଡ଼ିଶାର ଭୌଗୋଳିକ ଅବସ୍ଥିତି ସମ୍ପର୍କରେ ଅନଭିଜ୍ଞ ଥିଲେ, ସେହି ଓଡ଼ିଶାକୁ ବିଶ୍ୱ ସମୁଦାୟ ଆଗରେ ପ୍ରଥମେ ଚିହ୍ନେଇଲେ ପଠାଣି ସାମନ୍ତ। ବିଶ୍ୱର ବିଭିନ୍ନ ଆଡୁ ତାଙ୍କ ପାଖକୁ ଛୁଟିଲା ପ୍ରଶଂସାର ସୁଅ। ମାତ୍ର ସେ ପର୍ଯ୍ୟନ୍ତ ତାଙ୍କୁ ଠିକ୍ ଭାବରେ ଚିହ୍ନିପାରି ନ ଥିଲା ଉତ୍କଳ ଭୂଖଣ୍ଡ। ସେଥିପାଇଁ ଖୁବ୍ କ୍ଷୋଭରେ ରାଧାନାଥ ଲେଖିଥିଲେ- 'ଦୂରେ ଦେଖି ତୁମ ଦିବ୍ୟ ଜ୍ୟୋତି ରାଶି, ଚିହ୍ନିଲେ ତୁମ୍ଭଙ୍କୁ ଦୂର ଦେଶବାସୀ। ମାତ୍ର ଉତ୍କଳରେ ଜଣେ କେହି ନାହିଁ, ମୁନୀନ୍ଦ୍ର ତୁମ୍ଭର ହେବ ଗୁଣଗ୍ରାହୀ।

ପଠାଣି ସାମନ୍ତଙ୍କ ବ୍ୟକ୍ତିତ୍ୱର ମୌଳିକ ପିଣ୍ଡ ଥିଲା ଆଧ୍ୟାତ୍ମ ଭାବନା। ସେ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ। ଜଗନ୍ନାଥଙ୍କ ବନ୍ଦନାରୁ ସେ ତାଙ୍କର ଅମୂଲ୍ୟ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ଆରମ୍ଭ କରିଛନ୍ତି ଏବଂ ଶେଷରେ ଗ୍ରନ୍ଥଟିକୁ ସମର୍ପଣ କରିଛନ୍ତି ମହାପ୍ରଭୁଙ୍କ ଚରଣାରବିନ୍ଦରେ। ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଚନ୍ଦ୍ରଶେଖର ନୀଳାଚଳ ଧାମକୁ ଯାଇ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ (୧୧।୬।୧୯୦୪) ଜଗନ୍ନାଥଙ୍କର ନୀଳଚକ୍ରକୁ ଚାହିଁ ଚାହିଁ।

ସାମନ୍ତଙ୍କ ସ୍ମୃତିରକ୍ଷା ପାଇଁ ଓଡ଼ିଶାର ପ୍ରଥମ ପ୍ଲାନେଟୋରିୟମ୍ ନାମିତ କରାଯାଇଛି ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନାମରେ। ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ତାଙ୍କ ନାମରେ ପ୍ରତିଷ୍ଠା କରାଯାଇଛି ମିଉଜିୟମ୍। ତାଙ୍କ ସମ୍ମାନାର୍ଥେ ଭାରତ ବାସୀଙ୍କ ଦ୍ୱାରା ପ୍ରଚଳନ କରିଛନ୍ତି ସ୍ୱତନ୍ତ୍ର ଡାକ ଟିକେଟ। ବଡ଼ ବଡ଼ ବୈଜ୍ଞାନିକମାନଙ୍କୁ ଉଚ୍ଚତର ଗବେଷଣା ପାଇଁ ପ୍ରତିବର୍ଷ ଦିଆଯାଉଛି ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର। ମାତ୍ର ସବୁ ସତ୍ତ୍ୱେ ବି ବିଡ଼ମ୍ବନାର ବିଷୟ ହେଉଛି ତାଙ୍କ ରଚିତ ଅମୂଲ୍ୟଗ୍ରନ୍ଥକୁ ସାଇତି ରଖିବା କ୍ଷେତ୍ରରେ ପ୍ରକାଶ ପାଉନି ତତ୍ପରତା।

କିନ୍ତୁ ଏ କଥା ସତ୍ୟ ଯେ 'ସିଦ୍ଧାନ୍ତ ଦର୍ପଣ' ପରି ଅମର କୃତିକୁ ଯେତେ ଅବହେଳା କଲେ ମଧ୍ୟ ତାହା ଅମର ହୋଇ ରହିବ କାଳ କାଳ ପାଇଁ। ସେଥିପାଇଁ ରାଧାନାଥ ଲେଖିଛନ୍ତି – ସିଦ୍ଧାନ୍ତ ଦର୍ପଣ ହେବନାହିଁ କ୍ଷୟ / ନର ଦେହେ ଥିବ ଯାବତ ହୃଦୟ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ମୋ:୯୪୩୮୮୫୫୦୮୮

# ସ୍ୱାସ୍ଥ୍ୟ ସିଇଓ

**ବ୍ୟକ୍ତିତ୍ୱ**



ଅନିଲ ସୋନି

କୋଭିଡ୍-୧୯ ଯୋଗୁ ସମଗ୍ର ବିଶ୍ୱବାସୀ ପ୍ରଭାବିତ ହୋଇଛନ୍ତି। ଭୂତାଣୁ ପ୍ରତିହତ କରିବା ଲାଗି ଟିକା ବାହାରିବାରେ ଲାଗିଲାଣି। କେତେକ ଦେଶରେ ପରୀକ୍ଷାମୂଳକ ଭାବେ ଟିକା ଦିଆଯାଉଛି। ୨୦୨୦ରେ କରୋନା ମହାମାରୀ ରୂପ ନେବା ପରେ ଅନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ସହ ଆର୍ଥିକ ଚିନ୍ତା ବହୁଗୁଣରେ ବଢ଼ିଯାଇଛି। ଏହି ଭୂତାଣୁ ବଳଶାଳୀ ହେଉଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପ୍ରାରମ୍ଭିକ ସମୟରେ ଢିଲା ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା। ଚାଇନାର ଉହାନରୁ କରୋନା ଭୂତାଣୁର ଉତ୍ପତ୍ତି ବୋଲି ଯେତେବେଳେ ଜୋରଦାର ଦାବି ହୋଇଥିଲା ସେତେବେଳେ ଡବ୍ଲ୍ୟୁଏଚ୍‌ଓ ଏହାକୁ ସହଜରେ ଗ୍ରହଣ କରି ନ ଥିଲା। ସେଥିପାଇଁ ଏହି ବିଶ୍ୱ ସଙ୍ଗଠନ ନିନ୍ଦିତ ହୋଇଥିଲା। ତେବେ ଡବ୍ଲ୍ୟୁଏଚ୍‌ଓକୁ ସହଯୋଗ କରିବା ଲାଗି ମେ ୨୦୨୦ରେ ପରିପୂରକ ସଂସ୍ଥା ଭାବେ ଗଢ଼ିଉଠିଛି ଡବ୍ଲ୍ୟୁଏଚ୍‌ଓ ଫାଉଣ୍ଡେଶନ। ସୁଇଜରଲାଣ୍ଡର ଜେନେଭାଠାରେ ଏହି ସ୍ୱାଧୀନ ଅର୍ଥ ପରିଚାଳନାକାରୀ ସଂସ୍ଥା ଓ୍ୱାଏଚ୍‌ଓ ସହ ମିଶି କାର୍ଯ୍ୟ ଆରମ୍ଭ କରିଛି। ଏଥିରେ ପ୍ରଥମ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଭାରତୀୟ ବଂଶୋଦ୍ଭବ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅନିଲ ସୋନିଙ୍କୁ ନିଯୁକ୍ତ କରାଯାଇଛି। ସେ ୨୦୨୧ ଜାନୁୟାରୀ ପହିଲାରେ ଦାୟିତ୍ୱ ଗ୍ରହଣ କରିବେ। ଅନିଲଙ୍କୁ ଏଭଳି ବିଶ୍ୱସ୍ତରୀୟ ପଦବୀ ମିଳିବା ପରେ ଭାରତୀୟ ବଂଶୋଦ୍ଭବ ଭାବେ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କ ସହ ସେ ଯୋଡ଼ି ହୋଇଯାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏବେ ବିବେକ ମୂର୍ତ୍ତି ଆମେରିକାର ସର୍ଜନ ଜେନେରାଲ ଭାବେ ଅବସ୍ଥାପିତ ଥିବା ବେଳେ ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କୋଭିଡ୍ ଟାସ୍କଫୋର୍ସରେ କେତେ ଜଣ ଭାରତୀୟ ମୂଳବାସିନ୍ଦା ସ୍ଥାନ ପାଇଛନ୍ତି। ସେହିପରି ଭାରତର ସୌମ୍ୟା ସ୍ୱାମୀନାଥନ୍ ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ ବୈଜ୍ଞାନିକ ଅଛନ୍ତି।

ଅନିଲଙ୍କ କ୍ୟାରିୟର ଦେଖିଲେ ତାଙ୍କର ବିଶ୍ୱ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୨୦ ବର୍ଷର ଅଭିଜ୍ଞତା ରହିଛି। ସରକାରୀ, ବେସରକାରୀ ଏବଂ ଅଣ-ଲାଭଦାୟକ ସଂସ୍ଥାରେ କାର୍ଯ୍ୟ କରିବା ବେଳେ ସେ ନିମ୍ନ ଓ ମଧ୍ୟମ ଧରଣର ଆୟ କରୁଥିବା ଦେଶର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା କିଭଳି ପହଞ୍ଚିବା ସହଜ ହୋଇପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେଇଥାଆନ୍ତି। ଅନ୍ତର୍ଜାତୀୟ ସ୍ତରରେ ନାମକରା ଔଷଧ କମ୍ପାନୀ 'ଭାଏଟ୍ରିସ୍'ର ବିଶ୍ୱ ସଂକ୍ରମଣ ରୋଗର ମୁଖ୍ୟ ଭାବେ ଅନିଲ କାର୍ଯ୍ୟ କରୁଛନ୍ତି। ଏଭଳି ରୋଗ ପ୍ରତିହତ କରିବା ସକାଶେ କେଉଁଭଳି ଅଭିନବ ଚିକିତ୍ସା କରାଯାଇପାରିବ ସେହି ଦିଗରେ ତାଙ୍କ ପଦକ୍ଷେପ ନୂତନତ୍ୱ ଆଣିଛି। କୋଭିଡ୍ ସଂକ୍ରମଣ ପରିପ୍ରେକ୍ଷୀରେ ଅନିଲଙ୍କୁ ଡବ୍ଲ୍ୟୁଏଚ୍‌ଓ ଫାଉଣ୍ଡେଶନ୍‌ର ସିଇଓ ଦାୟିତ୍ୱ ଦିଆଯିବା ଉଚିତ ପଦକ୍ଷେପ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଡବ୍ଲ୍ୟୁଏଚ୍‌ଓ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ତଥା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଟମାସ ଜେଲ୍‌ଟନର କହିଛନ୍ତି ଯେ, ଅନିଲଙ୍କ ବିଶ୍ୱ ସ୍ୱାସ୍ଥ୍ୟ ସମ୍ପର୍କରେ ଯଥେଷ୍ଟ ଅଭିଜ୍ଞତା ଥିବାରୁ ସେ ଏହାକୁ ବହୁ ଆଗକୁ ନେଇପାରିବେ। ଏପରିକି ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍‌ରୋସ୍ ଅଧାନୋମ୍ ଘେବ୍ରେୟେସସ୍ ମତ ଦେଇଛନ୍ତି ଯେ, ସେ ଓ ତାଙ୍କ ଟିମ୍ କ୍ଲିଣ୍ଟନ୍ ହେଲ୍‌ଥ ଆକ୍ସେସ୍ ଇନିସିଏଟିଭ୍‌ରେ ଯେତେବେଳେ ଇଥିଓପିଆର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ମିଶି କାର୍ଯ୍ୟ କରୁଥିଲା ସେତେବେଳେ ଅନିଲଙ୍କ ଉତ୍ତମ ସ୍ୱାସ୍ଥ୍ୟ ପରିଚାଳନାକୁ ପାଖରୁ ଦେଖିଥିଲେ।

ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଗ୍ରହଣ କରିବାକୁ ଯାଉଥିବାରୁ ଅନିଲ କହିଛନ୍ତି ଯେ, କୋଭିଡ୍-୧୯ ପାଇଁ ଟିକା ପରବର୍ତ୍ତୀ ସ୍ୱାସ୍ଥ୍ୟ ଚିନ୍ତାକୁ ପ୍ରାଧାନ୍ୟ ଦିଆଯିବା ଦରକାର। ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇ ସେଥିରେ ପୁଞ୍ଜିନିବେଶ କରାଗଲେ ବିଶ୍ୱ ସ୍ୱାସ୍ଥ୍ୟ ଦିଗରେ ବ୍ୟାପକ ପରିବର୍ତ୍ତନ ଆସିପାରିବ। ଡବ୍ଲ୍ୟୁଏଚ୍‌ଓ ଫାଉଣ୍ଡେଶନ୍ ସେହି ନୂଆ ସୁଯୋଗ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ କ୍ଷେତ୍ର ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଦେଖି ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ନିଜର ଯୋଗଦାନ ଦେଇପାରିଲେ ଡବ୍ଲ୍ୟୁଏଚ୍‌ଓ ଆହୁରି ସମୃଦ୍ଧ ହୋଇପାରିବ। ଏଥିଲାଗି ପ୍ରମୁଖ ଅର୍ଥଦାତା ଓ କର୍ପୋରେଟ୍ ଜଗତର ଆର୍ଥିକ ସହଯୋଗ ନିତାନ୍ତ ଜରୁରୀ। ଏଚ୍‌ଆଇଭି/ଏଡ୍‌ସ ସହ ଅନ୍ୟାନ୍ୟ ସଂକ୍ରାମକ ରୋଗ ଦ୍ୱାରା ପ୍ରଭାବିତ ହୋଇଥିବା ବର୍ଗକୁ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ସେବା ଯୋଗାଇ ଅନିଲ ସୋନି ଉଦାହରଣ ସୃଷ୍ଟି କରିବା ପରେ ସେ ଅନ୍ୟମାନଙ୍କ ପାଇଁ ଏବେ ଉଦାହରଣ ପାଲଟି ଯାଇଛନ୍ତି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଖାଦ୍ୟାଭାବ, ବିଶ୍ୱତାପନ ତଥା ଜଳବାୟୁ ପରିବର୍ତ୍ତନ ଜୀବଜଗତକୁ ପ୍ରଭାବିତ କରୁଛି। ବହୁ ବିରଳ ପ୍ରଜାତିର ଜୀବ ଲୋପ ପାଇଯାଉଛନ୍ତି। ଏଭଳି ଜୀବଙ୍କ ମଧ୍ୟରେ ସବୁଠୁ ଛୋଟ ବଣ ଘୁଷୁରି(ପିଗ୍‌ମି ହଗ) ଅନ୍ୟତମ। ଘର ବିରାଡ଼ି ଭଳି ଦେଖିବାକୁ ଏହି ଜୀବ ମାତ୍ର ୬୦ ସେ.ମି. ଲମ୍ବ ଓ ଉଚ୍ଚତା ୨୫ ସେ.ମି.। ଏମାନେ ଆସାମର କୋକ୍ରାଝର ଜିଲାରେ ଦେଖାଯାଆନ୍ତି। ଏବେ ଏମାନଙ୍କ ସୁରକ୍ଷା କରୁଛନ୍ତି ଡ. ପରାଗ ଡେକା। ସେ ଭେଟେରିନାରି ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସରକାରୀ ଚାକିରି ଛାଡ଼ି ଗତ ୨୩ ବର୍ଷ ହେବ ସେ ଏହି କାର୍ଯ୍ୟରେ ଲାଗିଛନ୍ତି। ଆଠ ବର୍ଷ ବୟସରେ ବାତ୍ୟାରେ ଆହତ ପକ୍ଷୀମାନଙ୍କ ଜୀବନ ବଞ୍ଚାଇବା ପରେ ସେବେଠାରୁ ତାଙ୍କୁ ବିଲୁପ୍ତ ପ୍ରାୟ ଜୀବଙ୍କୁ ସୁରକ୍ଷା କରିବାର ନିଶା ଘାରିଥିଲା। ଶିକ୍ଷା ଶେଷ କରିବା ପରେ ପିଗ୍‌ମି ହଗ୍ କଞ୍ଜରଭେଶନ ପ୍ରୋଗ୍ରାମ (ପିଏଚ୍‌ସିପି) ମାଧ୍ୟମରେ ଡେକା ଛୋଟ ବଣ ଘୁଷୁରିଙ୍କ ସୁରକ୍ଷା କରୁଛନ୍ତି। ତାଙ୍କୁ ଏଥିରେ ସରକାର ଏବଂ ଏକ ସ୍ଥାନୀୟ ଏନ୍‌ଜିଓ ସହଯୋଗ କରୁଛନ୍ତି। ଏବେ ମାତ୍ର ୩୦୦ଟି ପିଗ୍‌ମି ରହିଛନ୍ତି। ସେମାନଙ୍କ ବଂଶ ବୃଦ୍ଧି କରି ଗତ ୧୧ ବର୍ଷ ମଧ୍ୟରେ ଡେକା ଆସାମର ୪ଟି ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରେ ୧୩୦ଟି ପିଗ୍‌ମି ଛାଡ଼ିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଡିସେମ୍ବର ୧୯୯୫**

- ଦ୍ୱିପାକ୍ଷିକ ଅର୍ଥନୈତିକ ସହଯୋଗ ବୃଦ୍ଧି ଲାଗି ଭାରତ ଓ ତାଜିକସ୍ତାନ ମଧ୍ୟରେ ୬ଟି ରାଜିନାମା ସ୍ୱାକ୍ଷରିତ।
- ଦକ୍ଷ ପାର୍ଲାମେଣ୍ଟାରିଆନ ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କୁ ରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମା ସର୍ବଶ୍ରେଷ୍ଠ ସାଂସଦ ପୁରସ୍କାର ପ୍ରଦାନ କରିଛନ୍ତି।
- ନୂଆଦିଲ୍ଲିସ୍ଥିତ ପ୍ରଗତି ମଇଦାନଠାରେ ଅନୁଷ୍ଠିତ ଅନ୍ତର୍ଜାତିକ ବାଣିଜ୍ୟ ମେଳାରେ ଆକର୍ଷଣୀୟ ସାଜସଜ୍ଜା ଲାଗି ଓଡ଼ିଶା ମଣ୍ଡପ ''ସ୍ୱର୍ଣ୍ଣତାରକା ପୁରସ୍କାର'' ପାଇବାକୁ ଯୋଗ୍ୟ ବିବେଚିତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | 7 | C | | | | 6 | 2 | | | | | | |
| | E | | | | 6 | | | | C | | | | A | |
| 0 | | 4 | | D | | | 1 | | | | | | | |
| | D | 1 | E | 3 | 4 | | | | | | 6 | | | 5 |
| | | A | | 9 | | | | | | 5 | 7 | 4 | 1 | B |
| | B | | | 5 | | 0 | 2 | | | 3 | | A | D | |
| 1 | | | | | E | | | | | 4 | | C | | 3 |
| E | | | | | B | 9 | | 6 | | | | | 8 | |
| | | 5 | | | | | | | | B | 0 | 9 | | 6 |
| 4 | 8 | D | | | | | | | A | 7 | C | | | 0 |
| 6 | 3 | C | | | | | | 8 | | | | | | |
| | | | 8 | C | 9 | | E | B | | | 4 | | 7 | |
| | | 0 | | | | | | 7 | 9 | | | 1 | C | |
| | 7 | | 3 | | | | | | 2 | | 5 | 6 | | |
| B | | | | 2 | | | | 4 | 1 | A | | | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | B | 7 | 4 | 8 | 2 | 1 | 6 | C | E | D | 3 | A | 5 |
| C | 7 | D | A | E | B | 4 | 3 | 8 | 5 | 1 | 9 | 0 | 6 | 2 |
| E | 3 | 2 | 9 | 0 | 5 | C | A | 7 | 4 | 8 | 6 | 1 | B | D |
| 4 | 8 | A | 2 | 6 | 1 | 0 | D | 5 | 3 | B | 7 | C | 9 | E |
| 5 | 6 | 1 | C | 3 | D | B | 9 | E | A | 2 | 0 | 7 | 8 | 4 |
| 8 | A | 7 | 4 | 5 | 3 | E | 2 | D | 0 | 6 | C | B | 1 | 9 |
| 3 | E | 0 | B | 1 | 2 | 8 | 6 | C | 9 | 4 | 5 | D | 7 | A |
| 2 | D | C | 6 | 7 | 9 | 1 | 0 | A | B | 3 | E | 5 | 4 | 8 |
| B | 1 | 6 | D | A | C | 9 | 5 | 4 | 8 | 7 | 2 | E | 0 | 3 |
| 9 | 4 | 5 | E | 8 | 0 | 3 | 7 | B | 1 | D | A | 2 | C | 6 |
| A | C | 3 | 5 | B | 4 | D | E | 0 | 7 | 9 | 8 | 6 | 2 | 1 |
| D | 5 | 9 | 8 | C | 6 | 7 | B | 3 | 2 | A | 1 | 4 | E | 0 |
| 1 | 0 | E | 3 | 2 | 7 | A | 4 | 9 | 6 | 5 | B | 8 | D | C |
| 7 | 2 | 4 | 0 | 9 | E | 6 | 8 | 1 | D | C | 3 | A | 5 | B |
| 6 | B | 8 | 1 | D | A | 5 | C | 2 | E | 0 | 4 | 9 | 3 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳେଶ୍ୱରପୁର ସିଏଚ୍‌ସିରେ ଅବ୍ୟବସ୍ଥା

ମହାଶୟ,

ଓଡ଼ିଶାର ସୀମାନ୍ତ ଜିଲା ଭାବେ ପରିଚିତ ବାଲେଶ୍ୱର, ଭୋଗରାଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱରପୁରରେ ଏକ ସିଏଚ୍‌ସି ରହିଛି, ଯାହା ଉପରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଏହା ପଶ୍ଚିମବଙ୍ଗର ଦିଘା ସନ୍ନିକଟ ହୋଇଥିବାରୁ ଅନେକ ବଙ୍ଗାଳୀ ରୋଗୀମାନେ ମଧ୍ୟ ଏଠାକୁ ଆସିଥାନ୍ତି। ପରିତାପର ବିଷୟ ଏଠାରେ ମଞ୍ଜୁରୀପ୍ରାପ୍ତ ପାଞ୍ଚ ଜଣ ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ରହିବାର ଆବଶ୍ୟକତା ପଡୁଥିବାବେଳେ ଚାରିବର୍ଷ ତଳୁ ସେ ସମୟରେ ସିନିୟର ରେସିଡେଣ୍ଟ ଭାବେ ଯେଉଁ ଦାନ୍ତରୋଗ ଡାକ୍ତର ଚାକିରି କରିଥିଲେ ସେ ମାତ୍ର ଏକମାସ କାର୍ଯ୍ୟ କରିବା ପରେ କଟକ ବଡ଼ମେଡ଼ିକାଲର ଦନ୍ତ ବିଭାଗକୁ ବଦଳି ହୋଇ ଯାଇଛନ୍ତି। ପ୍ରତିଦିନ ଦାନ୍ତରୋଗୀମାନେ ଅକଥନୀୟ କଷ୍ଟକରି ବାଧ୍ୟ ହୋଇ ବାଲେଶ୍ୱର ଜିଲା ଡାକ୍ତରଖାନା କିମ୍ବା କଟକ ବଡ଼ମେଡ଼ିକାଲକୁ ଆସିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଦାନ୍ତ ଡାକ୍ତର ନ ଥିବାରୁ ଏହାର ଫାଇଦା ନେଇ ନକଲି ଡାକ୍ତର ଓ କ୍ୱାକ୍‌ମାନେ ଘରୋଇ ତୁଟୁକା ତୁଟୁକି ଚିକିତ୍ସା କରିବା ଦ୍ୱାରା କେତେକ କ୍ଷେତ୍ରରେ ରୋଗୀମାନଙ୍କ ଅବସ୍ଥା ଗୁରୁତର ହୋଇପଡୁଛି। ଏ ଡାକ୍ତରଖାନାର ଅନ୍ୟସବୁ ପଦବୀ ମଧ୍ୟ ଖାଲିପଡ଼ିଛି। କରୋନା ବେଳେ ଏହି ସିଏଚ୍‌ସିର ଦାୟିତ୍ୱ ବଢ଼ିଯାଇଥିବାବେଳେ ଉଦ୍‌ବେଗଜନକ ଭାବେ ଦାନ୍ତ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ଦାନ୍ତରୋଗ ବିଶେଷଜ୍ଞଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଉ।

ସବ୍ୟସାଚୀ ମହାନ୍ତି, ଜଳେଶ୍ୱରପୁର, ଭୋଗରାଇ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
ଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !

(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**୧୪ରେ ବର୍ଷର ଶେଷ ସୂର୍ଯ୍ୟୋପରାଗ**

ଭୁବନେଶ୍ୱର: ଆସନ୍ତା ୧୪ ତାରିଖରେ ବର୍ଷର ଶେଷ ସୂର୍ଯ୍ୟୋପରାଗ ଦେଖାଯିବ। ଭାରତୀୟ ସମୟ ସନ୍ଧ୍ୟା ୭ଟା ୩ ମିନିଟ୍‌ରେ ଆରମ୍ଭ ହୋଇ ରାତି ୧୨ଟା ୩୦ ମିନିଟ୍‌ରେ ଶେଷ ହେବ। ରାତି ପ୍ରାୟ ୯ଟା ୪୩ ମିନିଟ୍‌ରେ ସର୍ବାଧିକ ପରାଗ ସଂଘଟିତ ହେବ। ବିଭିନ୍ନ ସ୍ଥାନରେ ପରାଗର ଆରମ୍ଭ, ଶେଷ ଓ ସର୍ବାଧିକ ରହିବାର ସମୟ ଅଲଗା ହେବ। କେବଳ ଚିଲି ଓ ଆର୍ଜେଣ୍ଟିନାର କିଛି ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖାଯିବ। ଭାରତରେ ଏହି ପରାଗ ଦେଖାଯିବ ନାହିଁ। ୨୦୨୨ ଅକ୍ଟୋବର ୨୫ରେ ପରବର୍ତ୍ତୀ ସୂର୍ଯ୍ୟୋପରାଗ (ଆଂଶିକ) ଦେଖାଯିବ। କିନ୍ତୁ ୨୦୨୧ରେ ଘଟିବାକୁ ଥିବା ଦୁଇଟି ସୂର୍ଯ୍ୟୋପରାଗ ଭାରତରେ ଦେଖାଯିବ ନାହିଁ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

# ଉଜୁଡ଼ିବ ହାତୀ କରିଡର ବେଲଡୁଙ୍ଗୁରି

- ସୋଲାର ପ୍ରକଳ୍ପ କରାଯିବା ଯୋଜନା
- ଇଡ୍‌କୋ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ
- ବଳିପଡ଼ିବ ୪୦ ହଜାର ଗଛ

ଶୁଭାଶିଷ ପାଢ଼ୀ
ସମ୍ବଲପୁର, ୧୨।୧୨ (ବ୍ୟୁରୋ)



ସମ୍ବଲପୁର ପଡିଆବାହାଲ ରେଞ୍ଜରେ ଥିବା କରିଡର୍ ଓ ହାତୀ ଚଳାପଥ ।

ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅଞ୍ଚଳରେ ଇଡ୍‌କୋ ପକ୍ଷରୁ ୫୦୦ ଏକର ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଜମିରେ ଏକ କମ୍ପାନୀ ସୋଲାର ପ୍ରକଳ୍ପ କରିବାକୁ ଯୋଜନା କରିଥିବା ଜଣାପଡିଛି। ଏହା ଦ୍ୱାରା ହାତୀ କରିଡର୍ ଭାବେ ଜଣାଶୁଣା ପଡିଆବାହାଲ ରେଞ୍ଜର ବେଲଡୁଙ୍ଗୁରି, ନିଲଡୁଙ୍ଗୁରି ଓ କୁଟୁରାଙ୍ଗୁରୀ ଉଜୁଡ଼ିଯିବ। ହାତୀ ସୁରକ୍ଷା ନେଇ ବନ ବିଭାଗ ପକ୍ଷରୁ ଜଙ୍ଗଲ ବୃଦ୍ଧି ଯୋଜନା କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଶହ ଶହ ବର୍ଷରୁ ହାତୀ ଚଳପ୍ରଚଳ କରୁଥିବା ଜଙ୍ଗଲ ପଦା ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବନ ବିଭାଗ ସ୍ୱୀକୃତି ପ୍ରଦାନ କରି ଗଛ ଗଣତି ପ୍ରକ୍ରିୟା ଆରମ୍ଭ କରିଛି। ବନ ବିଭାଗ ଓ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସ୍ଥାନୀୟ ଲୋକେ ନିନ୍ଦା କରିବା ସହ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ପର୍ଯ୍ୟନ୍ତ ୨୫ ହଜାର ଗଛ ଚିହ୍ନଟ ହୋଇଥିବାବେଳେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଗଛ ଅଧିଗ୍ରହଣ ପାଇଁ ଚିହ୍ନଟ ହୋଇଥିବା ଜମିରେ ରହୁଥିବା ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଉକ୍ତ ଜମିରେ ଶାଳ, ପିଆଶାଳ, ଗମ୍ଭାରି, ପଣସ, ଆମ୍ବ, ନିମ୍ବ, ଅଶନ, ଖଇର ଭଳି ମୂଲ୍ୟବାନ ଗଛ ରହିଛି। ଶହ ଶହ ବର୍ଷ ଧରି ଗଛଗୁଡ଼ିକ ଏବେ ବିଶାଳକାୟ ହୋଇଛି। ଏପରି କି ଅଧିକାଂଶ ଜମିରେ ବାଉଁଶ ଗଛ ରହିଛି, ଯାହାକି ହାତୀମାନଙ୍କ ପସନ୍ଦଯୋଗ୍ୟ ଖାଦ୍ୟ। ଏହାସହ ସେଠାରେ ଅନେକ ପୋଖରୀ ରହିଛି, ଯେଉଁଥିରେ ଖରା, ବର୍ଷା ସବୁ ସମୟରେ ପାଣି ଗଚ୍ଛିତ ହୋଇ ରହିଥାଏ। ତେଣୁ ହାତୀମାନେ ଏହି ସ୍ଥାନକୁ ତାଙ୍କର ଆଶ୍ରୟସ୍ଥଳ ଭାବେ ବାଛି ନେଇଛନ୍ତି। ହେଲେ ଏବେ ସରକାରୀ ସ୍ତରରେ ଉକ୍ତ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଡ୍‌କୋ ପକ୍ଷରୁ ୨୦୧୮ରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କିଛିଦିନ ହେବ ବନ ବିଭାଗ, ରାଜସ୍ୱ ବିଭାଗ ପକ୍ଷରୁ ନିୟମିତ ସର୍ଭେ କରାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ପରିବେଶବିତ୍ ଓ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜସ୍ୱ ବିଭାଗ ଅଧୀନରେ ଉକ୍ତ ଜମି ରହିଛି। ସ୍ଥାନୀୟ ଲୋକଙ୍କ ସୁରକ୍ଷାରେ ଘଞ୍ଚ ଜଙ୍ଗଲ ସୃଷ୍ଟି ହୋଇଛି। ଜଙ୍ଗଲ ସୁରକ୍ଷାରେ ହାତୀମାନଙ୍କର ମଧ୍ୟ ଭୂମିକା ରହିଛି। ପ୍ରାୟ ସମୟରେ ହାତୀ ରହୁଥିବାରୁ ସେଠାକୁ କାଠ ମାଫିଆ ଯିବାକୁ ଭୟ କରିଥାନ୍ତି। ବନ ବିଭାଗ ପକ୍ଷରୁ ବନୀକରଣ, କାମ୍ପା, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଭଳି ଯୋଜନାରେ କିଛିବର୍ଷ ହେଲା କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଏବେ ବନ ବିଭାଗ ପକ୍ଷରୁ କିଭଳି ଗଛ କାଟିବାକୁ ଅନୁମତି ଦିଆଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏଠାରେ ଇଡ୍‌କୋ ଜମି ଅଧିଗ୍ରହଣ କଲା ପରେ ଏକ ଘରୋଇ କମ୍ପାନୀ ମେଗା ସୋଲାର ପ୍ରକଳ୍ପ କରିବ ବୋଲି କୁହାଯାଉଛି। ଘରୋଇ କମ୍ପାନୀ ପାଇଁ ସରକାରଙ୍କ ପକ୍ଷରୁ ହଜାର ସଂଖ୍ୟାରେ ଗଛ କାଟିବାକୁ ଅନୁମତି ଦେବା ଉଚିତ ନୁହେଁ ବୋଲି ମତପ୍ରକାଶ ପାଉଛି। ଏପରି କି ଗଛ କାଟିବା ପାଇଁ ଅଞ୍ଚଳରେ ବନ ସୁରକ୍ଷା ସମିତି ଓ ଗ୍ରାମସଭା ହୋଇ ନ ଥିବା କେତେକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଝୁଝୁମୁରା ତହସିଲଦାର ସୁମନ ମିଞ୍ଜ କହନ୍ତି, ଏହି ପ୍ରକ୍ରିୟା ୨ବର୍ଷ ପୂର୍ବରୁ ହୋଇଥିଲା। ଏବେ ଜମି ଚିହ୍ନଟ ପ୍ରକ୍ରିୟା କରାଯାଉଛି। ଉକ୍ତ ସ୍ଥାନ ଜନବସତି ନୁହେଁ। ହେଲେ ହାତୀମାନେ ରହୁଥିବା ଜଣାପଡିଛି ବୋଲି କହିଥିଲେ। ସେହିପରି ପଡିଆବାହାଲ ରେଞ୍ଜ ଅଫିସର ପ୍ରଭାକର ବେହେରା କହିଛନ୍ତି, ବନ ବିଭାଗ ପକ୍ଷରୁ ଏବେ ଗଛ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଉଛି। ପ୍ରାୟ ୨୫ ହଜାର ଗଛ ଚିହ୍ନଟ ହୋଇସାରିଥିବା ସେ କହିଛନ୍ତି।

# ବନ୍ଧୁକ ଛଡ଼ାଇ ପାଲଟା ଗୁଳି

- ଚୋରା ପଥର ବ୍ୟବସାୟୀଙ୍କ ଆତଙ୍କରାଜ
- ଆକ୍ରମଣରେ ୭ ବନ କର୍ମଚାରୀ ଗୁରୁତର
- ଛଡ଼ାଇନେଲେ ସର୍ଭିସ ରିଭଲଭର, ମୋବାଇଲ

ଢେଙ୍କାନାଳ ଅଫିସ, ୧୨।୧୨

ଢେଙ୍କାନାଳ ଜିଲାରେ ପୁଣି ଆତଙ୍କରାଜ ସୃଷ୍ଟି କରିଛନ୍ତି ଚୋରା ପଥର ବ୍ୟବସାୟୀ। ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ପରେ ଏବେ ବନ ବିଭାଗ କର୍ମଚାରୀ ସେମାନଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ସିନେମା ଷ୍ଟାଇଲ୍‌ରେ ସର୍ଭିସ ରିଭଲଭର ଛଡ଼ାଇ ଚଢ଼ାଉରେ ସାମିଲ ହୋଇଥିବା କର୍ମଚାରୀଙ୍କ ଉପରକୁ ପାଲଟାଗୁଳି କରିଛନ୍ତି ଅଭିଯୁକ୍ତ। ଠେଙ୍ଗା, ଲୁହାଛଡ଼ରେ ମରଣାନ୍ତକ ଆକ୍ରମଣ ଯୋଗୁ ୭ ଜଣ ବନ କର୍ମଚାରୀ ଆହତ ହୋଇଛନ୍ତି। ନିହାଲପ୍ରସାଦ ଥାନା ଷଡ଼ଙ୍ଗୀ ରେଞ୍ଜ୍ କରଡ଼ାବଣି ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ବେଆଇନ ପଥର ଖାଦାନରେ ଚଢ଼ାଉ ବେଳେ ଶନିବାର ଘଟିଛି ଏହି ଘଟଣା, ଯାହା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

କରଡ଼ାବଣି ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଥିବା ସୂଚନା ପାଇ ଶନିବାର ପୂର୍ବାହ୍ନ ସାଢ଼େ ୯ଟାରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩୦ରୁ ଊର୍ଦ୍ଧ୍ୱ ପଥର ଚାଲାଣକାରୀ ଅତର୍କିତ ଭାବେ ଲୁହାଛଡ଼ ଏବଂ ଠେଙ୍ଗାରେ ଆକ୍ରମଣ କରିଥିଲେ। ବନ କର୍ମଚାରୀଙ୍କଠାରୁ ଏକ ଗୁଳିଭର୍ତ୍ତି ସର୍ଭିସ୍ ରିଭଲଭର ଛଡ଼ାଇନେଇ ଗୋଟିଏ ରାଉଣ୍ଡ ଗୁଳିଚାଳନା କରିଥିଲେ। ସୌଭାଗ୍ୟବଶତଃ ଏହା କାହାରି ଦେହରେ ବାଜି ନ ଥିଲା। ଧସ୍ତାଧସ୍ତି, ଆକ୍ରମଣରେ ଖଙ୍କିରା ସେକ୍ସନ ସ୍କ୍ୱାଡ୍ ସଦସ୍ୟ ସଞ୍ଜୟ ମହାପାତ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଫରେଷ୍ଟ ଗାର୍ଡ ରଶ୍ମିରଞ୍ଜନ ଦାସ, ଜୟନ୍ତ ସାହୁ, ହରେକୃଷ୍ଣ ମଲ୍ଲିକ, ଦିଲୀପ ରାଉଳ, ଦିଗନ୍ତ ପ୍ରଧାନ ଏବଂ ଗାଡ଼ିଚାଳକ ପ୍ରସନ୍ନ ମହାପାତ୍ର ଆହତ ହୋଇଛନ୍ତି। ସମସ୍ତଙ୍କୁ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବନ କର୍ମଚାରୀଙ୍କଠାରୁ ଅଭିଯୁକ୍ତମାନେ ରିଭଲଭର ସମେତ ମୋବାଇଲ ମଧ୍ୟ ଛଡ଼ାଇ ନେଇଥିଲେ। ଖୋଜାଖୋଜି ପରେ ରିଭଲ୍‌ଭର ଏବଂ ୩ ଗୁଳି ମିଳିଛି। ଘଟଣାରେ ସମ୍ପୃକ୍ତ ନିହାଲପ୍ରସାଦ ଅର୍ଜୁନ ରାଜ ଓରଫ୍ କାଳିଆଙ୍କୁ ଗିରଫ କରାଯାଇଛି। ଅନ୍ୟମାନେ ଫେରାର ଅଛନ୍ତି। ଫରେଷ୍ଟଗାର୍ଡ ରଶ୍ମିରଞ୍ଜନଙ୍କ ଅଭିଯୋଗକ୍ରମେ ନିହାଲପ୍ରସାଦର ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଘଟଣା ସମ୍ପର୍କରେ ଫରେଷ୍ଟ ଗାର୍ଡ ରଶ୍ମିରଞ୍ଜନ କୁହନ୍ତି, ଆକ୍ରମଣରେ ନିହାଲପ୍ରସାଦ ଏବଂ କରଡ଼ାବଣି ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ଅଛନ୍ତି। ସେମାନେ ସର୍ଭିସ ରିଭଲଭରକୁ ଛଡ଼ାଇନେଇ ପାଲଟା ଗୁଳି ଚଳାଇଥିଲେ। ଅଳ୍ପକେ ଜୀବନ ବର୍ତ୍ତିଯାଇଥିବା ସେ ସୂଚନା ଦେଇଛନ୍ତି। ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ପଥରଖଣିଟି ଜଙ୍ଗଲ କିସମ ଜାଗାରେ ରହିଛି। ଘଟଣା ସମ୍ପର୍କରେ ଜିଲାପାଳ ଏବଂ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## କରୋନାମୁକ୍ତ ହେଲା ସୋନପୁର

୧୮୦୦ ଟପିଲା ମୃତ୍ୟୁ ସଂଖ୍ୟା

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବାବେଳେ ଆରୋଗ୍ୟ ହାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସକ୍ରିୟ ରୋଗୀଙ୍କ ସଂଖ୍ୟା କମୁଛି। ଶନିବାର ରାଜ୍ୟରେ ଆଉ ୪୦୫ଜଣ ଆକ୍ରାନ୍ତ ସୁସ୍ଥ ହେବାପରେ ମୋଟ ଆରୋଗ୍ୟ ସଂଖ୍ୟା ୩,୧୮,୬୩୩କୁ ବୃଦ୍ଧି ପାଇଛି। ସକ୍ରିୟ ରୋଗୀଙ୍କ ସଂଖ୍ୟା ୨,୮୨୬ ରହିଛି। ଏଥିସହ ସୋନପୁରର ଜଣେମାତ୍ର ରହିଥିବା ସକ୍ରିୟ ରୋଗୀ ସୁସ୍ଥ ହୋଇଥିବାରୁ ଏହି ଜିଲା ଏବେ କରୋନା ମୁକ୍ତ ହୋଇଛି। ଜିଲାରେ ମୋଟ ୪,୬୭୬ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨୧ଜଣଙ୍କ ମୃତ୍ୟୁ ଘଟିଛି। ବାକି ସମସ୍ତ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ଲାଭ କରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

ଅପରପକ୍ଷରେ ରାଜ୍ୟରେ ଆଉ ୪ଜଣଙ୍କ ମୃତ୍ୟୁ ଘଟିବାପରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୦୨ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ୨ଜଣ ଥିବାବେଳେ ମାଲକାନଗିରି ଓ ବାଲେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ରାଜ୍ୟରେ ଆଉ ୩୩୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୫୨ଜଣ ରହିଥିବାବେଳେ ୩ଟି ଜିଲାରୁ ଆଦୌ ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୨୩,୩୬୪ରେ ପହଞ୍ଚିଛି।

# 'ବିଶ୍ୱସ୍ତରୀୟ ଔଦ୍ୟୋଗିକ ସ୍ଥଳୀ ହେବ ଓଡ଼ିଶା'

## ଫିକିର ଆସ୍ପାୟାରିଂ ଓଡ଼ିଶା ଫର୍ ଇନସ୍ପାୟାରିଂ ଇଣ୍ଡିଆ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୨।୧୨




ବିଶ୍ୱ ସ୍ତରୀୟ ଔଦ୍ୟୋଗିକ ସ୍ଥଳୀରେ ରୂପାନ୍ତରିତ ହେବା ଲକ୍ଷ୍ୟ ହାସଲ କରିବାକୁ ଓଡିଶା ଅଗ୍ରସର ହେଉଛି। ଗତ ୨ ଦଶନ୍ଧି ମଧ୍ୟରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଏବଂ ଇକୋସିଷ୍ଟମ ନିର୍ମାଣ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହା କହିଛନ୍ତି। ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ୯୩ତମ ବାର୍ଷିକ ସାଧାରଣ ବୈଠକ ଅବସରରେ ଭର୍ଚୁଆଲ ପ୍ଲାଟଫର୍ମରେ 'ଆସ୍ପାୟାରିଂ ଓଡିଶା ଫର୍ ଇନସ୍ପାୟାରିଂ ଇଣ୍ଡିଆ'ଥିମ ଉପରେ ଏକ ସ୍ୱତନ୍ତ୍ର ସେସନ୍ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଅଭିବୃଦ୍ଧି ଲାଗି ଫିକି ସହଯୋଗ ଲୋଡିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ପୂର୍ବ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ମାନୁଫାକ୍‌ଚରିଂ ହବ୍ ଭାବେ ରୂପାନ୍ତରିତ ହୋଇଛି। ରାଜ୍ୟକୁ ନିବେଶକଙ୍କ ଲାଗି ଏକ ପ୍ରମୁଖ ସ୍ଥଳ ଭାବେ ଗଢି ତୋଳିବା ସକାଶେ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ରାଜ୍ୟରେ ନିବେଶ ଉପଯୋଗୀ ପରିବେଶ ସୃଷ୍ଟିକୁ ଗୁରୁତ୍ୱ ଦିଆଯାଉଛି। ସେହିଭଳି ଉନ୍ନତ ଗଭର୍ନାନ୍ସ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ସରକାରୀ ସେବା ଯୋଗାଣ ଲାଗି ବର୍ତ୍ତମାନ ଟେକ୍ନୋଲୋଜି ଭିତ୍ତିକ ସଂସ୍କାର ପ୍ରକ୍ରିୟା ହାତକୁ ନିଆଯାଉଛି। '୫ଟି' ଏବଂ 'ମୋ ସରକାର' ଉନ୍ନତ ବାଣିଜ୍ୟିକ ପରିବେଶ ସୃଷ୍ଟି କରିବା ଦିଗରେ ବେଶ ସହାୟକ ହେଉଛି। ଏହାବାଦ ବାଣିଜ୍ୟ ସଂସ୍ଥାଗୁଡିକ ଲାଗି ୩୦ରୁ ଊର୍ଦ୍ଧ୍ୱ ସରକାରୀ ସୁବିଧାକୁ ଏବେ ଅନ୍‌ଲାଇନ ସହ ଯୋଡ଼ା ଯାଇଛି। ଶିଳ୍ପଗୁଡିକ ଉପରେ ନିୟାମକ ବୋଝ କମାଇବା ଲାଗି ଏଭଳି ବ୍ୟବସ୍ଥା ହାତକୁ ନିଆଯାଇଛି। ସୁବିଧା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ରାଇଟ ଟୁ ପବ୍ଲିକ ସର୍ଭିସ ଆକ୍ଟରେ ବ୍ୟବସ୍ଥା ରହିଥିବା ମୁଖ୍ୟ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ଶିଳ୍ପ ସଂସ୍ଥାଗୁଡିକ ଲାଗି ଜମି ଯୋଗାଣ ବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଆଇଏସ୍ ଭିତ୍ତିକ ପ୍ଲାଟଫର୍ମରେ ଏକ ଲକ୍ଷ ଏକରରୁ ଊର୍ଦ୍ଧ୍ୱ ଜମି ଉପଲବ୍ଧ କରାଯାଉଛି। ଏହା ମଧ୍ୟରୁ ଶିଳ୍ପସଂସ୍ଥା ସହଜରେ ଜମି ଚୟନ କରିପାରିବେ। ୨୦୧୯ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ରାଜ୍ୟ ପୁଞ୍ଜି ନିବେଶ ଆକୃଷ୍ଟ କରିବାରେ ପ୍ରଥମ ସ୍ଥାନରେ ରହିଥିବା ସେ ମତବ୍ୟକ୍ତ କରିଛନ୍ତି। ନିବେଶକମାନେ ଓଡିଶା ପ୍ରତି ଆଗ୍ରହୀ ଥିବାରୁ ଏହାକୁ ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିଭଳି କରୋନା ମହାମାରୀ ସମୟରେ ମଧ୍ୟ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନୂଆ ନିବେଶ ଆକୃଷ୍ଟ କରିବାକୁ ସକ୍ଷମ ହୋଇଛି। କେବଳ ନୂଆ ନିବେଶ ନୁହେଁ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ସେବା, ଅଣ ପାରମ୍ପରିକ ଶକ୍ତି, ଇସ୍ପାତ, ଆଲୁମିନିୟମ, ଆଇଟି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ଡାଉନଷ୍ଟ୍ରିମ ଭଳି କ୍ଷେତ୍ରରେ ନୂଆ ପ୍ରକଳ୍ପ ନିକଟରେ ଆରମ୍ଭ ହୋଇଛି। ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡିକରେ ଭାଲ୍ୟୁ ଆଡିଶନ ବା ମୂଲ୍ୟ ସଂଯୋଗ ଉପରେ କାର୍ଯ୍ୟକ୍ରମ ଏବଂ ପାରାଦୀପକୁ କେମିକାଲ ଏବଂ ପେଟ୍ରୋକେମିକାଲ ଶିଳ୍ପର ଏକ ହବ୍‌ରେ ରୂପାନ୍ତରିତ କରାଯାଉଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ମେକ୍ ଇନ ଓଡ଼ିଶାର ତୃତୀୟ ସଂସ୍କରଣରେ ଫିକି ସମସ୍ତ ସହଯୋଗ ଯୋଗାଇ ଦେଉ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଫିକି ସଭାପତି ସଙ୍ଗୀତା ରେଡ୍ଡି କହିଛନ୍ତି, କରୋନା ମହାମାରୀ ସମୟରେ ମଧ୍ୟ ଓଡିଶା ଉନ୍ନତ ନିବେଶ ଆକୃଷ୍ଟ କରିବାକୁ ସକ୍ଷମ ହୋଇଛି। ଶିଳ୍ପ ବିକାଶ ଲାଗି ରାଜ୍ୟ ସରକାର ଯୋଗାଇ ଦେଉଥିବା ବିଭିନ୍ନ ସୁବିଧାକୁ ବିଶେଷଜ୍ଞ ମାନେ ପ୍ରଂଶସା କରିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ପର୍ଯ୍ୟଟନ ଏବଂ ସୂଚନା ପ୍ରଯୁକ୍ତି ଭଳି ରାଜ୍ୟର ପ୍ରମୁଖ କ୍ଷେତ୍ରରେ କାମ କରିବା ଲାଗି ସ୍ୱତନ୍ତ୍ର ଟିମ ଚୟନ କରିବାକୁ ଫିକିକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ଫିକି ରାଜ୍ୟ ସରକାରଙ୍କ ସହ ମିଶି ମିଳିତ ହୋଇ କାମ କରୁଥିବାରୁ ଏହି ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା ମଧ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଫିକି ନିବେଶ ପ୍ରୋତ୍ସାହନ, ଉଦ୍ୟୋଗି ବିକାଶ, ପଲିସି ଏବଂ ମହିଳାଙ୍କ ମଧ୍ୟରେ ଉଦ୍ୟୋଗ ବିକାଶ ଭଳି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସହ ସହଯୋଗିତା କରିଛି।

OFFICE OF THE MUNICIPAL COUNCIL, RAIRANGPUR
Phone No. 06794-222054, E-Mail ID: rairangpurn.hud@ori.nic.in/ rrpurnac@gmail.com
"e" PROCUREMENT NOTICE
e-Procurement TENDER CALL NOTICE NO.:159/dt.11.12.2020
1. Name of the work : Civil works
2. Total No. of works : 3 Nos.
3. Estimated cost : 33.80 to 84.06
4. Class of contractor : As per DTCN
5. Period of completion : As per DTCN
6. Availability of tender online for bidding: 14.12.2020 at 10.00 A.M. to 28.12.2020, 5.00 P.M.
7. Date & time of opening of tender: 30.12.2020 at 11.00 A.M.
Other details can be seen from the website https://www.tendersodisha.gov.in
Sd./-Executive Officer, Rairangpur Municipality

ପଞ୍ଚାୟତ ସମିତି, ପାପଡ଼ାହାଣ୍ଡି
OFFICE OF THE PANCHAYAT SAMITI, PAPADAHANDI
Dist.: Nabarangpur, E-mail:ori-papadahandi@nic.in
Letter No.4125 Dated 12.12.2020
CORRIGENDUM
In view of replacement on the specified items in the matter of Tender Call Notice No.1/2020-2021 and 2/2020-2021, corrigendum issued to this effect shall be viewed in the official website www.nabarangpur.nic.in from dated 13.12.2020 & onwards. Other items mentioned in the above Tender Call Notices remain unaltered.
Sd./- Block Development Officer
Papadahandi

ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ, କେନ୍ଦ୍ରାପଡ଼ା
ଜବାବ ଦାଖଲ ନିମନ୍ତେ ନୋଟିସ
D.P.No.:02 of 2020
ପ୍ରାପ୍ତେଷୁ,
ଶ୍ରୀ ଗୁରୁଚରଣ ପ୍ରସାଦ, ପ୍ରୋସେସ ସରଭର
ନିଜାରତ ବିଭାଗ, କେନ୍ଦ୍ରାପଡ଼ା
ସ୍ଥାୟୀ ଠିକଣା: ତେଲେଙ୍ଗା ବଜାର, ଥାନା: ପୁରୀଘାଟ
ଜିଲ୍ଲା: କଟକ
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, D.P. No.02/2020 ଅଭିଯୋଗର ଲିଖିତ ବିବରଣୀ ରେଜେଷ୍ଟ୍ରି ଡାକ ଯୋଗେ ଆପଣଙ୍କ ନିକଟକୁ ପଠାଯାଇଥିବା ସତ୍ତ୍ୱେ ଆପଣ ଦେଇଥିବା ଠିକଣାରେ ଅନୁପସ୍ଥିତ ରହିବା କାରଣରୁ ଉକ୍ତ ରେଜେଷ୍ଟ୍ରି ଡାକ ଫେରିଆସିଲା। ତେଣୁ ଆପଣଙ୍କୁ ନିମ୍ନ ସ୍ୱାକ୍ଷରକାରୀଙ୍କ ସମ୍ମୁଖରେ ତା୨୧।୧୨।୨୦୨୦ କିମ୍ବା ତା' ପୂର୍ବରୁ ହାଜରହୋଇ ଜବାବ ଦାଖଲ ନିମନ୍ତେ ଆଦେଶ ଦିଆଯାଉଅଛି। ନଚେତ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏକତରଫା ଭାବରେ ଶୁଣାଣି କରାଯିବ।
ସ୍ୱା./- ଜିଲ୍ଲା ଜଜ୍, କେନ୍ଦ୍ରାପଡ଼ା

# ରେଳ ପ୍ରକଳ୍ପ ପାଇଁ ସରକାରୀ ଜମି ଆଗୁଆ ଅଧିଗ୍ରହଣ କର

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୧୨ (ବ୍ୟୁରୋ)

ରେଳ ପ୍ରକଳ୍ପ ପାଇଁ ସମସ୍ତ ସରକାରୀ ଓ ବିବାଦ ମୁକ୍ତ ଜମି ଆଗୁଆ ଯୋଗାଇ ଦେବାକୁ ଜିଲାପାଳ ଓ ତହସିଲଦାରଙ୍କୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟକ୍ଷମ ଓ ଶେଷ ନ ହେବା ଯାଏ ତୃଣମୂଳ ସ୍ତରରୁ ତଦାରଖ କରିବାକୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଛନ୍ତି। ଶନିବାର ଲୋକସେବା ଭବନଠାରେ ଡିଜିଟାଲ ମୋଡ୍‌ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୭ଟି ବୃହତ୍ ରେଳ ପ୍ରକଳ୍ପର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଥିଲା। ବାଣିଜ୍ୟ ଓ ପରିବହନ ତଥା ରେଲ୍‌ୱେ ସଂଯୋଜନା କମିଶନର ମନୋଜ ମିଶ୍ର ବିଭିନ୍ନ ପ୍ରକଳ୍ପ ବିଷୟ ଉତ୍ଥାପନ କରିଥିଲେ। ପ୍ରତ୍ୟେକ ରେଳ ପ୍ରକଳ୍ପ ପାଇଁ ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରିବା ସହ ଆଗୁଆ ଦକ୍ଷତାଭିତ୍ତିରେ କାର୍ଯ୍ୟ କରିବା ଲାଗି କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ୭ ରେଳ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ସେହି ପ୍ରକଳ୍ପଗୁଡ଼ିକ ହେଲା ୩୫୫୦ କୋଟି ଟଙ୍କାର ଖୋର୍ଦ୍ଧା–ବଲାଙ୍ଗୀର ନୂଆ ବ୍ରଡ୍‌ଗେଜ ୨୮୯ କି.ମି ରେଳଲାଇନ, ୬୭୯.୨୭ କୋଟି ଟଙ୍କାର ସମ୍ବଲପୁର–ତାଳଚେର ୧୭୪.୧୧ କି.ମି. ରେଳଲାଇନ, ୨୫୭୫ କୋଟି ଟଙ୍କାର ୨୬୪.୬ କି.ମି. ବିଜୟନଗରମ୍– ସମ୍ବଲପୁର ତୃତୀୟ ରେଳଲାଇନ, ୧୧୭୩ କୋଟି ଟଙ୍କାର ବୁଢ଼ାପଙ୍କ–ସାଲେଗାଁ ୧୭୦ କି.ମି. ତୃତୀୟ ଏବଂ ୪ର୍ଥ ରେଳଲାଇନ, ୧୧୭୩ କୋଟି ଟଙ୍କାର ୧୦୧ କି.ମି ରାଉରକେଲା–ଝାରସୁଗୁଡ଼ା ତୃତୀୟ ରେଳଲାଇନ, ୬୩୮.୫ କୋଟି ଟଙ୍କାର ୯୮.୭ କି.ମି. ଅନୁଗୋଳ– ସୁକିନ୍ଦା ନୂଆ ରେଳଲାଇନ ଏବଂ ୮୧୦.୭୮ କୋଟି ଟଙ୍କାର ୧୫୫ କି.ମି. ତାଳଚେର– ବିମଳାଗଡ଼ ନୂତନ ରେଳଲାଇନ।

ଜମି ମାଲିକଙ୍କୁ କ୍ଷତିପୂରଣ, ସରକାରୀ ଜମି ହସ୍ତାନ୍ତରୀକରଣ, ପରିବେଶ ଅନୁମତି, କ୍ଷତିପୂରଣ ବନୀକରଣ, ଟାୱାର ସ୍ଥାପନ, ବିଦ୍ୟୁତ୍ ଟାୱାର ସ୍ଥାନାନ୍ତରୀକରଣ, ବନ୍ୟଜନ୍ତୁ ଅନୁମତି ଆଦି ବିଷୟରେ ଆଲୋଚନା କରାଯିବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯାଇଛି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ବାଣିଜ୍ୟ ଓ ପରିବହନ କମିଶନର ମଧୁସୂଦନ ପାଢୀ, ଗୃହ ବିଭାଗ ସଚିବ ଓ ପୂର୍ବତଟ ରେଲ୍‌ୱେର ମୁଖ୍ୟ ପ୍ରାଶସନିକ ଅଧିକାରୀ ସଞ୍ଜୀବ ଚୋପ୍ରା ପ୍ରମୁଖ ଯୋଗ ଦେଇଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଋଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
The World Mall, Nayapalli, Bhubaneswar
Ph.: 8144114249
9667766419

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

THE UNITED PURI-NIMAPARA CENTRAL COOPERATIVE BANK LTD
Kacheri Road, Puri-752001, Ph.: 224553, Odisha
Fax:- (06752)-224553 email: upnccb@rediffmail.com
Ref. No. 1671 Dt. 10.12.2020
NOTICE INVITING TENDER
The Bank desires to purchase a good numbers of Calendars and Diary for the year 2021. Registered firms/ NGOs having own offset colour printing press with adequete experience in offset printing work may participate in the tender/ bid which should reach this office through Speed Post/ Reg. Post with A.D. by 2.00 PM of 18.12.2020. The intending parties may contact to Bank's mail upnccb@rediffmail.com for detailed tender call notice and tender documents including terms & conditions of the tender and submit the tender paper along with a Bank Draft. The intending bidders are requested to submit the sample copy of the Diary to the Manager in charge of premises at H.O. before quoting the rate and apply through Speed Post/ Regd. Post with A.D.
Tenders received beyond the specified time & date are liable to be rejected.
For any query / clarification, the intending parties may contact to Sri Pratap Kumar Mallick, DGM, H.O. for detailed terms & conditions of the Tender in person or over Mobile. (Mob.- 9658818602).
Sj Amulyananda Mohanty
The Chief Executive Officer

## କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

ଖଲ୍ଲିକୋଟ (ଡି.ଏନ.ଏ.)-ଖଲ୍ଲିକୋଟ ବ୍ଲକ ଗୁରାପଲ୍ଲୀ ଟୋଲଗେଟ ଠାରେ ଶନିବାର ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ବିକ୍ଷୋଭ କରାଯାଇଥିଲା। ସିପିଆଇ ଓ ସିପିଏମର ବହୁ କୃଷକ ନେତାଙ୍କ ଗହଣରେ ଶତାଧିକ କୃଷକ ଶୋଭାଯାତ୍ରାରେ ଆସି ଟୋଲଗେଟ ନିକଟରେ ପହଞ୍ଚିଥିଲେ। ପଥପ୍ରାନ୍ତ ସଭାରେ ରାଜ୍ୟ କାର୍ଯ୍ୟକାରିଣି ସଭ୍ୟ ଶ୍ରୀହର୍ଷ ରଥ, କୃଷକ ନେତା ଜୟରାମ ଦାସ, ରଘୁନାଥ ଗୌଡ଼, ସୀମାଞ୍ଚଳ ବେହେରା, ହରେକୃଷ୍ଣ ରେଡ୍ଡୀ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ଟୋଲ୍‌ଗେଟରେ ପରିବହନ ଟିକସ ଛାଡ଼ ପାଇଁ ଦାବି ହୋଇଥିଲା। ବିକ୍ଷୋଭରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କୃଷକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ଠକେଇର ଶିକାର ହୋଇଥିଲେ ରିପୋର୍ଟ କର'

କଟକ ଅଫିସ,୧୨।୧୨

### ଟାଟା କମ୍ପାନୀ ନିଯୁକ୍ତି ଜାଲିଆତି ମାମଲା

- ପ୍ରଦୀପ, ଆକାଶଙ୍କ ବିରୋଧରେ ଫିଟୁଛି ଗୁମର
- ପରାମର୍ଶ ଦେଲେ କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ
- ଦ୍ୱିତୀୟ ଦିନରେ ଆକାଶ ପାଠକଙ୍କୁ ମାରାଥନ ଜେରା

ଆକାଶ ପାଠକ ନିଜକୁ ଟାଟା ମୋଟର୍ସର ଏମ୍‌ଡି ପରିଚୟ ଦେଇ ଚାକିରି କରାଇ ଦେବାକୁ କହି ବହୁ ଯବତୀଯୁବକଙ୍କଠାରୁ ବହୁ କୋଟି ଟଙ୍କା ଠକି ନେଇଛନ୍ତି। ଏହି ଠକେଇରେ ଗୋପାଳପୁର ବିଧାୟକଙ୍କ ସହଯୋଗ କରିଛନ୍ତି। ଏ ନେଇ ୬ଜଣ ଅଭିଯୋଗକାରୀ ଏତଲା ଦେଇଥିବାବେଳେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ମାମଲା ରୁଜୁ ହୋଇଛି। ସେମାନଙ୍କ ବ୍ୟତୀତ ଅନ୍ୟ ଯେଉଁମାନେ ଠକେଇର ଶିକାର ହୋଇଛନ୍ତି, ସେମାନେ ଆସି ରିପୋର୍ଟ କରନ୍ତୁ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରାମର୍ଶ ଦେଇଛନ୍ତି।

ପ୍ରିୟଦର୍ଶୀ କହିଛନ୍ତି, ଠକେଇ ସଂକ୍ରାନ୍ତରେ ଟାଟା କମ୍ପାନୀର ଡିଜିଏମ୍ ତ୍ରିଲୋଚନ ମହାନ୍ତି କ୍ରାଇମବ୍ରାଞ୍ଚ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଅନୁଯାୟୀ, ଆକାଶ ଟାଟା କମ୍ପାନୀର ମେଲ୍ ଆଇଡି ଓ ଲୋଗୋ ବ୍ୟବହାର କରି ନକଲି ଆଇକାର୍ଡ ଓ ଭିଜିଟିଂ କାର୍ଡ ବ୍ୟବହାର କରୁଥିଲେ। ଅଭିଯୋଗକୁ ଭିତ୍ତି କରି ସାଇବର ଥାନାରେ ଗତମାସ ୨୩ ତାରିଖରେ ମାମଲା (ନଂ.୨୬/୨୦) ମାମଲା ରୁଜୁ ହୋଇଥିଲା। ଆକାଶଙ୍କ ବିରୋଧରେ ଆଇପିସି ଦଫା ୪୧୯,୪୨୦, ୪୬୭,୪୬୮,୪୬୯, ୪୭୧ ଧାରା ଏବଂ ଆଇଟି ଆଇନର ୬୬(ଗ) ଓ ୬୬(ଘ)ରେ ତଦନ୍ତ ଜାରି ରହିଛି। ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ଆକାଶ ଟାଟା ମୋଟର୍ସର ଏମ୍‌ଡି ଥିବା ନେଇ ପ୍ରଚାର କରୁଥିଲେ । ଏଣୁ ଚାକିରି ଆଶାୟୀମାନେ ଆକାଶ, ପ୍ରଦୀପ ଓ ତାଙ୍କ ସହଯୋଗୀଙ୍କୁ ଟଙ୍କା ଦେଉଥିଲେ। ୬ଜଣ ଅଭିଯୋଗକାରୀଙ୍କ ମଧ୍ୟରୁ ୨ଜଣ ପ୍ରଦୀପଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ ଓ ଅନ୍ୟ ୪ଜଣ ପ୍ରଦୀପଙ୍କ ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଟଙ୍କା ଟ୍ରାନ୍ସଫର କରିଛନ୍ତି। ସେହିପରି ଟଙ୍କା ନେଇ ଆକାଶ କେତେଜଣ ଯୁବତୀଯୁବକଙ୍କୁ ଜାଲ ନିଯୁକ୍ତିପତ୍ର ଓ ଅନ୍‌ଲାଇନ ଟ୍ରେନିଂ ମଧ୍ୟ ଦେଇଥିଲେ। ଆକାଶ ଓ ପ୍ରଦୀପଙ୍କୁ ଅନେକ ଲୋକ ଟଙ୍କା ଦେଇଥିବା ଆକାଶଙ୍କ ପିଏ ଡେଭିଡ୍ ପିଟର କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀଙ୍କ ନିକଟରେ ବୟାନ ମଧ୍ୟ ଦେଇଛନ୍ତି। ତେଣୁ ଯେଉଁମାନେ ଏମାନଙ୍କ ଦ୍ୱାରା ଠକାମୀର ଶିକାର ହୋଇଛନ୍ତି ସେମାନେ କ୍ରାଇମବ୍ରଞ୍ଚ ନିକଟରେ ଅଭିଯୋଗ କରିବାକୁ କ୍ରାଇମବ୍ରାଞ୍ଚ ଏଡିଜି ଅନୁରୋଧ କରିଛନ୍ତି। ଯଦି ଏଭଳି ଅଭିଯୋଗ ଆସେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ପ୍ରଦୀପ ଲିଙ୍କ୍‌ରେ ୨ ଜଣଙ୍କୁ ପଚରାଉଚରା

ବ୍ରହ୍ମପୁର ଅଫିସ,୧୨।୧୨

- ବ୍ରହ୍ମପୁରରେ ପୁଣି କ୍ରାଇମବ୍ରାଞ୍ଚ ଟିମ୍
- ରାଜ୍ୟ ବାହାରେ ସର୍ବେଶ୍ୱର

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ ଘଟଣାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ନିଲମ୍ବିତ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକଙ୍କ ସହଯୋଗୀଙ୍କର ଏବେ ନିଦ ହଜିଲାଣି। ଶନିବାର ପୁଣିଥରେ କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ଆସି ଖୋଳତାଡ କରିଛି।

ସ୍କାନରରେ ପ୍ରଦୀପଙ୍କ ବହୁ ଘନିଷ୍ଠ ସହଯୋଗୀ ରହିଛନ୍ତି। ପ୍ରଦୀପଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ସିଟି କଲେଜର ଅବସରପ୍ରାପ୍ତ ଅଧକ୍ଷ ଭି.ସର୍ବେଶ୍ୱର ରାଓଙ୍କୁ କ୍ରାଇମବ୍ରାଞ୍ଚ ଖୋଜୁଥିବା ବେଳେ ସେ ରାଜ୍ୟ ବାହାରକୁ ଚାଲିଯାଇଥିବା ଅନୁମାନ କରାଯାଉଛି। ପ୍ରଦୀପଙ୍କ ଗିରଫ ପରଠାରୁ ସର୍ବେଶ୍ୱର ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ନ ରହି ବାରମ୍ବାର ଠିକଣା ବଦଳାଉଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ବିଧାୟକ ପ୍ରଦୀପଙ୍କ ଲିଙ୍କ୍‌ରେ ପୋଲିସ ଶୁକ୍ରବାର କୁକୁଡ଼ାଖଣ୍ଡି ବ୍ଲକ ବୋରିଗାଁପଞ୍ଚାୟତ ସରପଞ୍ଚ ବସନ୍ତ ସାହୁଙ୍କୁ ଉଠାଇ ନେଇଥିଲା। ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ହୋଇଥିବା ଟଙ୍କା ଠକେଇ ଘଟଣାରେ ପ୍ରଦୀପଙ୍କ ସହ ତାଙ୍କର କି ପ୍ରକାର ଲିଙ୍କ ରହିଛି ତାହା ଜେରା କରି ଛାଡ଼ି ଦେଇଥିଲା। ଶନିବାର ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଟିମ ପୁଣିଥରେ ସରପଞ୍ଚ ବସନ୍ତ ଓ ସିଟି କଲେଜର ପୂର୍ବତନ ଅଧକ୍ଷ କମ୍ଭୁ ପାଣିଗ୍ରାହୀଙ୍କୁ ଜେରା କରିଛନ୍ତି। ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିଥିଲେ ବୋଲି ବସନ୍ତ ଖବରଦାତାମାନଙ୍କୁ କହିଛନ୍ତି। ଟାଟା ମୋଟର୍ସରେ ଚାକିରି ନିମନ୍ତେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ମୋ ପୁତୁରାକୁ କହିବାକୁ ଗୋପାଳପୁର ବିଧାୟକଙ୍କ ଭାଇ ମୋତେ କହିଥିଲେ। ଏଥିରେ କାହାରିକି କିଛି ଟଙ୍କା ଦେଇ ନ ଥିବା କ୍ରାଇମବ୍ରାଞ୍ଚକୁ କହିଛି ବୋଲି ସରପଞ୍ଚ ବସନ୍ତ କହିଛନ୍ତି। ଅନ୍ୟପକ୍ଷରେ ଜେରାର ସମ୍ମୁଖୀନ ହୋଇଥିବା କମ୍ଭୁ ପାଣିଗ୍ରାହୀଙ୍କ ମତାମତ ମିଳିପାରିନାହିଁ। ସୂଚନାଯୋଗ୍ୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ୪ମାସ ମଧ୍ୟରେ ପ୍ରଦୀପଙ୍କ ଗୋଟିଏ ଆକାଉଣ୍ଟରେ ୨ କୋଟି ୬୪ ଲକ୍ଷ ଟଙ୍କାର କାରବାର ହୋଇଥିବା ଘଟଣାର ତଦନ୍ତ କରୁଛି। ଗତ ୨୯ ତାରିଖରେ କ୍ରାଇମବ୍ରାଞ୍ଚ ଟିମ ଏହି ମାମଲାର ଖୋଳତାଡ ପାଇଁ ବ୍ରହ୍ମପୁର ପ୍ରଥମଥର ପାଇଁ ଆସିଥିଲା। ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଟିମ୍ ୧୮ ଜଣଙ୍କ ବୟାନ ରେକର୍ଡଭୁକ୍ତ କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଇଥିଲା।

## ମୋହନାରେ କୋର୍ଟ ନୂତନ କୋଠା ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧୨।୧୨(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଠାରେ ନୂତନ ଭାବେ ନିର୍ମିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ନୂତନ କୋଠା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରକାଶ ଯେ, ୨୦୧୩ ମସିହାରେ ମୋହନା ଠାରେ ପ୍ରତିଷ୍ଠା ହୋଇଥିବା ଜେଏମ୍‌ଏଫ୍‌ସି କୋର୍ଟ ଅସ୍ଥାୟୀ ଭାବେ ରାଜସ୍ୱ ଡାକ ବଙ୍ଗଳା ଠାରେ ଚାଲିଥିଲା। ଶନିବାର ଓଡିଶା ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଅଦାଲତ ଗୃହର ଉଦ୍‌ଘାଟନ କରିଥିଲେ। ଜନସାଧାରଣ କିଭଳି ଭାବେ ଉପଯୁକ୍ତ ଏବଂ ଠିକ ନ୍ୟାୟ ଶୀଘ୍ର ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଓକିଲ ଏବଂ କୋର୍ଟ କର୍ମଚାରୀଙ୍କୁ ବିଚାରପତି ପାଣିଗ୍ରାହୀ କହିଥିଲେ। କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବିଚାରପତି ବିଶ୍ୱଜିତ ଦାସ, ମୋହନା ଓକିଲ ସଙ୍ଘ ସଭାପତି ସୀମାଞ୍ଚଳ କାର୍ଜି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଅସହାୟ ନାବାଳିକା ଉଦ୍ଧାର

ଗଞ୍ଜାମ,୧୨।୧୨(ଡି.ଏନ.ଏ.)-ଗଞ୍ଜାମ ସହରରେ ଗତ ଦୁଇଦିନ ଧରି ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ନାବାଳିକା ଜଣକ ବୁଲୁଥିବା ଦେଖି ଗଞ୍ଜାମର ସରପଞ୍ଚ ଜି ସନ୍ତୋଷ ରେଡ୍ଡୀ, ସକ୍ଷମ ସଭାପତି ବସନ୍ତ ସାହୁ, ପୂର୍ବତନ କାଉନସିଲର ଦୁର୍ଗାମାଧବ ପାଣିଗ୍ରାହୀ, ସାମାଜିକ କର୍ମୀ ପପୁ ମହାନ୍ତି ପ୍ରମୁଖ ତାଙ୍କୁ ଉଦ୍ଧାର କରି ଶୁକ୍ରବାର ଗଞ୍ଜାମ ଥାନାରେ ପହଞ୍ଚାଇଥିଲେ। ନାବାଳିକାଙ୍କୁ ନିଜ ପରିଚୟ ପଚାରିଥିଲେ ମଧ ସେ କହିପାରି ନ ଥିବାରୁ ଗଞ୍ଜାମ ଥାନା ପକ୍ଷରୁ ଗୋପାଳପୁର ପୋଲିସ ସହାୟତାରେ ଗୋପାଳପୁର ବାଳ ସୁଧାର ଗୃହକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ନାବାଳିକା ମାନସିକ ବିକୃତ ଥିବା ଏଏସ୍‌ଆଇ ବିଜୟ କୁମାର ନାୟକ କହିଛନ୍ତି। ଶନିବାର ଖବର ପାଇ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସିଟି ସଂଯୋଜିକା ତଅପୋଇ ସାହୁ ଓ ଚାଇଲଡ ଲାଇନ ଶିଳ୍ପା ସେଠୀ ପ୍ରମୁଖ ଗଞ୍ଜାମ ଥାନାରେ ପହଞ୍ଚି ଉକ୍ତ ନାବାଳିକା ବିଷୟରେ କଥାବାର୍ତ୍ତା କରିଥିବା ଜଣାପଡ଼ିଛି।

### ଶିଶୁ ମୃତ୍ୟୁକୁ ୨ ମାସ, ଅଭିଯୁକ୍ତଙ୍କ ପତ୍ତା ମିଳୁନି

ଚିକିଟି,୧୨।୧୨(ଡି.ଏନ.ଏ.)- ଚିକିଟି ବ୍ଲକ କଳବାଡ଼ ଭୋଲାସିଙ୍ଗି ଗ୍ରାମର ପ୍ରତାପ ସାହୁଙ୍କ ପୁତ୍ର ମାନସ(୫) ଗତ ସେପ୍ଟେମ୍ବର ୨୫ ତାରିଖରେ ନିଖୋଜ ହୋଇଥିବା କେ.ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା। ୪ ଦିନ ପରେ ଏକ ପରିତ୍ୟକ୍ତ କୂଅରୁ ମାନସଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଘଟଣାର ୨ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ପୋଲିସ ଚୁପ୍ ବସିଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଏ ନେଇ ବ୍ରହ୍ମପୁର ଏସ୍‌ପିଙ୍କୁ ଏତଲା ଦିଆଯାଇଥିଲେ ସୁଦ୍ଧା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ରହସ୍ୟମୟ ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏ ନେଇ ଥାନାଧିକାରୀ ମାଧବାନନ୍ଦ ନାୟକଙ୍କ ସହ ଯୋଗାଯୋଗ ବେଳେ ଘଟଣାର ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ମିଳିଛି। ଏଥିରେ କୌଣସି ସୁରାକ ମିଳିନାହିଁ। ଏଣୁ ପୁଣି ମୃତ ଶରୀରର କିଛି ଅଂଶ ଭୁବନେଶ୍ୱରସ୍ଥିତ ଫୋରେନ୍‌ସିକ୍ କେନ୍ଦ୍ରକୁ ପଠାଯାଇଥିବା ଥାନାଧିକାରୀ କହିଛନ୍ତି। ଏ ନେଇ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରି ପୋଲିସ ଛାଡିଦେବା ପରେ ପରିବାର ପକ୍ଷରୁ ନାନା ସନ୍ଦେହ ସୃଷ୍ଟି ହେଉଛି। ପୋଲିସ ପକ୍ଷରୁ ଏଯାବତ୍ ଠିକ୍ ତଦନ୍ତ କରାଯାଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ପୋଲିସ ମହାନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### କୃଷକ ଆନ୍ଦୋଳନକୁ ସଫଳ କରିବାକୁ ନିବେଦନ

ପାରଳାଖେମୁଣ୍ଡି,୧୨।୧୨(ଡି.ଏନ୍.ଏ.)- କେନ୍ଦ୍ର ସରକାରଙ୍କ ୩ କଳା ଆଇନ ବିରୋଧରେ ଜନ ସମର୍ଥନ ପାଇଁ ଗଜପତି ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମୀୟ ପଟ୍ଟନାୟକ ଓ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ୱାଇ. ଚନ୍ଦ୍ରଶେଖର ନାଇଡୁ ଯୋଗଦେଇ କୃଷକ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ଡିସେମ୍ବର ୧୪ରେ ପ୍ରତ୍ୟେକ ଜିଲାରେ ହେବାକୁ ଥିବା ବିକ୍ଷୋଭ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। କେନ୍ଦ୍ରର ୩ କଳା କୃଷି ଆଇନକୁ ପ୍ରତ୍ୟାହାର ସହ ରାଜ୍ୟ ସରକାର ବର୍ତ୍ତମାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ଅତିରିକ୍ତ ୫ଶହ ଟଙ୍କା ବୋନସ ପ୍ରଦାନ ପାଇଁ ଦାବି କରାଯାଇଛି। ଡିସେମ୍ବର ୧୫ରୁ ଗଜପତି ଜିଲାରେ ମଣ୍ଡି ଖୋଲିବାକୁ ବି ଦାବି କରାଯାଇଛି। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା, ଗଞ୍ଜାମ ଜିଲା କୃଷକ କଂଗ୍ରେସର ସଭାପତି ବୃନ୍ଦାବନ ଖଟେଇ, ଶିବରାମ ପାତ୍ର, କୁନା ମାଝୀ, ଛାତ୍ର ନେତା ପତିତ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳ ସଙ୍କଟ, ପାଇପ ଫାଟି ଭାସୁଛି ପାଣି



ବଜାର ମଝିରେ ପାଇପ ଫାଟି ଭାସୁଛି ପାଣି।

ଜି.ଉଦୟଗିରି,୧୨।୧୨(ଡି.ଏନ.ଏ.)

ଜି.ଉଦୟଗିରି ସହର ସମେତ ଏନ୍‌ଏସି ବାସିନ୍ଦାମାନେ ନଗର ଜଳ ଯୋଗାଣ ବିଭାଗର ପାଇପ ପାଣି ଉପରେ ନିର୍ଭର କରନ୍ତି। ଏନ୍‌ଏସିରେ ଆବଶ୍ୟକଠାରୁ କମ୍ ପାନୀୟ ଜଳ ଯୋଗାଣ ହେଉଥିବାରୁ ସହରରେ ସବୁବେଳେ ଜଳ ସଂକଟ ଦେଖାଦେଇଥାଏ। ଅନ୍ୟପଟେ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବଜାର ଛକ ଜଗନ୍ନାଥ ମନ୍ଦିର ସମ୍ମୁଖ ରାସ୍ତାରୁ ବଡ଼ ସାହିକୁ ସଂଯୋଗ କରୁଥିବା ରାସ୍ତାରେ ପାଇପ ଫାଟି ପାନୀୟ ଜଳ ବଜାରରେ ଭାସୁଛି। ବାରମ୍ବାର ଏହିପରି ହେଉଥିବାରୁ ସ୍ଥାୟୀ ସମାଧାନ କରାଯାଉ ନାହିଁ ବୋଲି ସାହିବାସିନ୍ଦା କହିଛନ୍ତି। ପାଣି ସବୁବେଳେ ଜମା ହୋଇ ରହିବା ଫଳରେ ମୁଖ୍ୟରାସ୍ତାରେ ଯାତାୟାତ ଅସୁବିଧା ହେଉଛି। ଏ ସମ୍ପର୍କରେ ଜି.ଉଦୟଗିରି ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଉଦୟନାଥ ପ୍ରଧାନଙ୍କୁ ପଚାରିବାରେ କୌଣସି ଏକ ଭାରିଯାନ ଯାଇ ପାଇପ୍ ଫାଟି ଯାଇଛି। ଆବଶ୍ୟକ ହେଉଥିବା ୪ ଇଞ୍ଚ ପିଭିସି ପାଇପ ଗଚ୍ଛିତ ନାହିଁ। ପାଇପ ମଗାଯାଇଛି, ଆସିଲେ ମରାମତି କରାଯିବ। ପିଭିସି ପାଇପ ପାଖରେ ନ ଥାଇ ମରାମତି କଲେ ସହରକୁ ପାନୀୟ ଜଳ ଯୋଗାଣରେ ବାଧାପ୍ରାପ୍ତ ହେବ ବୋଲି ସେ କହିଛନ୍ତି। ଶୀଘ୍ର ପିଭିସି ପାଇପ ଆସିଲେ ମରାମତି ହେବ। ସହରକୁ ବର୍ତ୍ତମାନ ଠିକ ଭାବେ ନିୟମିତ ଜଳ ଯୋଗାଣ ହେଉଛି ବୋଲି ସହକାରୀ ଯନ୍ତ୍ରୀ କହିଛନ୍ତି।

## ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଦିଗପହଣ୍ଡି,୧୨।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ରାଜସ୍ୱ ସର୍କଲ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବ୍ରହ୍ମପୁର ଅତିରିକ୍ତ ଉପଜିଲାପାଳ ଡ. ଶ୍ୱେତ କୁମାର ଦାସ ଯୋଗଦେଇ ରାଜସ୍ୱ କର୍ମଚାରୀଙ୍କ ପକ୍ଷରୁ ଲୋକଙ୍କୁ କିଭଳି ସେବା ଯୋଗାଇ ଦିଆଯାଉଛି ସେ ନେଇ ଅନୁଧ୍ୟାନ କରିବା ସହ ଠିକ କାର୍ଯ୍ୟକ୍ରମ କରାଯାଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଆସିଥିବା ଲୋକେ ବିଭିନ୍ନ କାମ ପାଇଁ ନାମ ପଞ୍ଜୀକରଣ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି, କଇଁଠଡ଼ା ସମିତିସଭ୍ୟ ବାସୁଦେବ ରେଡ୍ଡୀ, ସାମାଜିକ କର୍ମୀ ମନୋଜ ଚୌଧୁରୀ ଅତିଥି ଭାବେ ଯୋଗଦେଇଥିଲେ। ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ, ପୁଷ୍ପାଞ୍ଜଳି ମଲ୍ଲିକ ଏବଂ ଗିରିଜା ଭୂଷଣ ମଲ୍ଲିକଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ସୁପରଭାଇଜର ସତ୍ୟ ନାରାୟଣ ପାଣିଗ୍ରାହୀ, ବାବୁ ସେଠୀଙ୍କ ସମେତ ଦିଗପହଣ୍ଡି ତହସିଲ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୯ ଜଣଙ୍କୁ ବିଭିନ୍ନ ପଟ୍ଟା, ୧୧ ଜଣକୁ ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରାଯାଇଥିବା ବେଳେ ୭ ଜଣଙ୍କ ଅଭିଯୋଗ ଶୁଣାଣି ସମେତ ୨ଟି ରାଜସ୍ୱ ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇଥିଲା।

## ଜିଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ

କବିସୂର୍ଯ୍ୟନଗର,୧୨।୧୨

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର କବିସୂର୍ଯ୍ୟନଗର ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ସମୟରେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ଜିଲାପାଳଙ୍କ ସହ ପ୍ରଥମେ କବିସୂର୍ଯ୍ୟନଗର ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏଥିପାଇଁ ବିଧାୟିକା କୋଡିଏ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ଜିଲାପାଳଙ୍କୁ ଜଣାଇଥିଲେ। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ସହରର ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ବିଧାୟିକା ଓ ଜିଲାପାଳ ଲୋକନାଥ ବଜାରଠାରୁ ବସ୍‌ଷ୍ଟାଣ୍ଡ ଚାଲି ଚାଲି ଯାଇ ରାସ୍ତା ଦେଖିଥିଲେ ଏବଂ ସ୍ୱଚ୍ଛତା ଉପରେ ମଧ ଦୋକାନୀମାନଙ୍କୁ ସଚେତନ କରାଇଥିଲେ। ସେହିପରି ବର୍ତ୍ତମାନର ଅସ୍ଥାୟୀ ଆହାର କେନ୍ଦ୍ର ନିକଟରେ ବସ ଟର୍ମିନାଲ, ନୂତନ ଆହାର କେନ୍ଦ୍ର ତୁରନ୍ତ ନିର୍ମାଣ କରିବାକୁ କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରକାଶ କୁମାର ମିଶ୍ର, ବିଡିଓ ବାସୁଦେବ ନାୟକ, ଏନ୍‌ଏସି କର୍ତ୍ତୃପକ୍ଷ ଅଧିକାରୀ, କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରଭାତ ସାହୁ, ପୂର୍ବତନ ନଗରପାଳ ମନୋରଞ୍ଜନ ମହାପାତ୍ର, ନଗର ପାଳିକା ତଥା ନଗର ମହିଳା ବିଜେଡି ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ସାହୁ, ଯୁବ ନେତା ରାକେଶ ପ୍ରଧାନ, ରସଲ ଦାସ, ପ୍ରଶ୍ନ ନାୟକଙ୍କ ସମେତ ବହୁ ସହରବାସୀ ଉପସ୍ଥିତ ଥିଲେ।

## ପୋଲିସ ହେପାଜତରୁ ଖସିଗଲେ ଚୋର

ଭଞ୍ଜନଗର,୧୨।୧୨(ଡି.ଏନ.ଏ)

- ଗ୍ରାମବାସୀ ଧରି ଦେଇଥିଲେ
- ପୋଲିସ ଛାଡି ଦେଇଥିବା ଅଭିଯୋଗରେ ହୋହଲ୍ଲା

ଭଞ୍ଜନଗର ଥାନା ବାରୁଡ଼ା ଅଞ୍ଚଳରେ କିଛିଦିନ ହେବ ଚୋରି ବଢିଚାଲିଛି। ଶନିବାର ରାତି ପ୍ରାୟ ୮ଟାରେ ବାରୁଡ଼ାର ଶିବ ନାୟକଙ୍କ ଘରୁ ଚୋରି ହୋଇଥିଲା। ଗ୍ରାମବାସୀ ସନ୍ଦେହରେ ଜଣେ ଯୁବକଙ୍କୁ କାବୁକରି ଭଞ୍ଜନଗର ପୋଲିସକୁ ସୂଚନା ଦେଇଥିଲେ। ୨ଜଣ ପୋଲିସ କର୍ମଚାରୀ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ବାଇକ୍ ଯୋଗେ ଆଣୁଥିଲେ। ବାଟରେ ଯୁବକ ଜଣଙ୍କ କୌଣସିପ୍ରକାର ଖସି ପଳାଇଥିଲେ। ଗ୍ରାମବାସୀ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ହୋହଲ୍ଲା କରିବା ସହ ଜଣେ ପୋଲିସ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଆଇଆଇସି ସୁଦୀପ୍ତ ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଚଳାଇଛନ୍ତି। ଏନେଇ ପୋଲିସର ମତାମତ ମିଳିପାରିନାହିଁ। ଗ୍ରାମର ଯୁବକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଛାଡ଼ିଦେଇଛି। ଅନ୍ୟଏକ ଘଟଣାରେ, ବେଲଗୁଣ୍ଠା ଫାଣ୍ଡି ପୋଲିସ ଏକ ପୁରୁଣା ଚୋରି ମାମଲାରେ ଶନିବାର ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୭ହଜାର ଟଙ୍କା, ଟିଭି, ଗ୍ରାଇଣ୍ଡର, ଫ୍ୟାନ, ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫମାନେ ହେଲେ ବାଣଚୁଆର ବାବୁ ନାଇକ, ଜଡ଼ା ନାଇକ, ଜିତେନ୍ଦ୍ର ପୋଲେଇ।

## ଓକିଲ ସଂଘ ନିର୍ବାଚନ ଫଳାଫଳ

### ଛତ୍ରପୁର:ପ୍ରଦୀପ ସଭାପତି, ଗୋପାଳ ସାଧାରଣ ସମ୍ପାଦକ

ଛତ୍ରପୁର,୧୨।୧୨(ଡି.ଏନ୍.ଏ.)



ଛତ୍ରପୁର ଓକିଲ ସଙ୍ଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଶନିବାର ଭୋଟ ଗ୍ରହଣ ହୋଇଥିଲା। ସନ୍ଧ୍ୟାରେ ଫଳାଫଳ ଘୋଷଣା ହୋଇଛି । ଏଥିରେ ପ୍ରଦୀପ କୁମାର ପାଢ଼ୀ ସଭାପତି, ଏଲ ଗୋପାଳ ରାଓ ସାଧାରଣ ସମ୍ପାଦକ, ଡମିନାଥ ସାହୁ ଉପସଭାପତି, ସୁରେଶ କୁମାର ପଟ୍ଟନାୟକ ଲାଇବ୍ରେରୀ ଓ ସେମିନାର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ପରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ପୁରୁଷୋତ୍ତମପୁର: କେଦାରନାଥ ସଭାପତି, ପ୍ରକାଶ ଚନ୍ଦ୍ର ସମ୍ପାଦକ

ପୁରୁଷୋତ୍ତମପୁର, ୧୨।୧୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନ ଶେଷ ହୋଇଛି। ଏଥିରେ ସଭାପତି କେଦାରନାଥ ପଟ୍ଟନାୟକ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୋଷ କୁମାର ବାହିନୀପତିଙ୍କୁ ୩୧ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅମରେଶ ତ୍ରିପାଠୀଙ୍କୁ ୩୫ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ସୀମାଞ୍ଚଳ ସେଠୀ ଓ ସହ ସମ୍ପାଦକ ଭାବେ ପାଣ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ରଞ୍ଜନା କୁମାରୀ ପଣ୍ଡା କହିଛନ୍ତି।



### ନିର୍ବାଚିତ ଘୋଷିତ ହେଲେ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ

ଆସିକା,୧୨।୧୨(ଡି.ଏନ୍.ଏ.)

ଆସିକା ଓକିଲ ସଂଘର ୨୦୨୦-୨୧ ବର୍ଷ ଲାଗି କର୍ମକର୍ତ୍ତା ନିର୍ବାଚନ ସରିଛି। ଶନିବାର ସଂଘର ନିର୍ବାଚନ ଅଧିକାରୀ ଆଇନଜୀବୀ କାଳିଚରଣ ଦାସ ନିର୍ବାଚିତ ପ୍ରତିନିଧିଙ୍କ ତାଲିକା ଘୋଷଣା କରିଛନ୍ତି। ସଭାପତି ରୂପେ ପି. ଚନ୍ଦ୍ରଶେଖର ପାତ୍ର, ଉପ-ସଭାପତି କୁମୁଦ ବନ୍ଧୁ ବିଷୋୟୀ, ସମ୍ପାଦକ ଛବିଳରାମ ମିଶ୍ର, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ବିଶ୍ୱାଳ ଏବଂ କୋଷାଧକ୍ଷ ତଥା ପାଠାଗାର ରକ୍ଷକ ଭାବେ ସୀମାଞ୍ଚଳ ସେଠୀ ନିର୍ବାଚିତ ହୋଇଛନ୍ତି। ସୂଚନା ଯୋଗ୍ୟ ଓକିଲ ସଂଘର ନାମାଙ୍କନ ଦାଖଲ ସମୟରୁ ହିଁ ଏମାନେ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ।

### ବାଲିଗୁଡା: କୌଶିକ ସଭାପତି



ବାଲିଗୁଡ଼ା,୧୨।୧୨(ଡି.ଏନ୍.ଏ.)

ବାଲିଗୁଡ଼ା କୋର୍ଟ ପରିସରରେ ଶନିବାର ୨୦୨୦-୨୧ ବର୍ଷ ପାଇଁ ସ୍ଥାନୀୟ ଓକିଲ ସଂଘର ଚୟନ ପ୍ରକ୍ରିୟା ଓକିଲ ସୁଧାଂଶୁ ମୋହନ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ବରିଷ୍ଠ ଆଇନଜୀବୀ କୌଶିକ ସାହୁଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ, ଉପସଭାପତି ଭାବେ ଆଇନଜୀବୀ ଅଶ୍ୱିନ କୁମାର ଦାସ, ସମ୍ପାଦକ ଭାବେ ସୁରେଶ କୁମାର ପଟ୍ଟନାୟକ, ସହ ସମ୍ପାଦକ ଚନ୍ଦ୍ର ଶେଖର ପଣ୍ଡା ଓ କୋଷାଧକ୍ଷ ଭାବେ ମାନସ ରଞ୍ଜନ ପଣ୍ଡା, ପାଠାଗାର ସମ୍ପାଦକ ଭାବେ ଅନିଲ କୁମାର ଦାସଙ୍କୁ ଚୟନ କରାଯାଇଛି।

### ଦିଗପହଣ୍ଡି: ପରେଶ ସଭାପତି, ଅଶେଷ ସମ୍ପାଦକ

ଦିଗପହଣ୍ଡି,୧୨।୧୨(ଡି.ଏନ.ଏ.)



ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ନିର୍ବାଚନ ଫଳାଫଳ ଶନିବାର ଘୋଷଣା ହୋଇଯାଇଛି। ସଭାପତି ଭାବେ ପରେଶ ଚନ୍ଦ୍ର ରଥ, ଉପ ସଭାପତି ରଞ୍ଜନ କୁମାର ବେହେରା, ସମ୍ପାଦକ ଅଶେଷ ନାଥ ମିଶ୍ର, ସହ ସମ୍ପାଦକ ଗିରିଜା ନନ୍ଦନ ମେକାପ ଏବଂ କୋଷାଧକ୍ଷ ରୂପେ ମନୋରଞ୍ଜନ ପଣ୍ଡା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ନେଇ ଓକିଲ ସଂଘ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ କହିଛନ୍ତି। ରାଜ୍ୟ ବାର କାଉନ୍‌ସିଲର ନିର୍ଦ୍ଦେଶକ୍ରମେ ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ ଅଧିକାରୀ ଗତ ୧୮ ତାରିଖରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଥିଲେ। ୨୪ ଓ ୨୫ ତାରିଖରେ ଓକିଲ ସଂଘର ବିଭିନ୍ନ ପଦବୀ ନିମନ୍ତେ ନାମାଙ୍କନ ଦାଖଲ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ବିଭିନ୍ନ ପଦବୀ ନିମନ୍ତେ ଜଣେ ଲେଖାଏ ଓକିଲ ସଂଘ ସଦସ୍ୟ ନାମାଙ୍କନ ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ଖଲ୍ଲିକୋଟ: ଡି.ରବିଚଲମ ସଭାପତି

ଖଲ୍ଲିକୋଟ,୧୨।୧୨(ଡି.ଏନ.ଏ.)

ଖଲ୍ଲିକୋଟ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଡି. ରବିଚଲମ, ଉପସଭାପତି ରମେଶ ଚନ୍ଦ୍ର ତରେଇ, ସାଧାରଣ ସମ୍ପାଦକ ମେଘନାଦ ଦଳେଇ ନିର୍ବାଚିତ ହୋଇଛନ୍ତି। ନଭେମ୍ବର ୨୪ ଓ ୨୫ରେ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ସଭାପତି, ଉପସଭାପତି ଏବଂ ସାଧାରଣ ସମ୍ପାଦକ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ବେଳେ ସେମିନାର ସମ୍ପାଦକ ରୂପେ ରବୀନ୍ଦ୍ର କୁମାର ସେଠୀ ଅପ୍ରତିଦ୍ୱନ୍ଦ୍ୱୀ ରୂପେ ନିର୍ବାଚିତ ହୋଇଥିଲେ। ଆଇନଜୀବୀ ବିନାୟକ ସାହୁ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବାବେଳେ ଓକିଲ ପ୍ରକାଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।

### ଦଣ୍ଡପାଣି ସଭାପତି, ଅକ୍ଷୟ ସମ୍ପାଦକ

ଭଞ୍ଜନଗର,୧୨।୧୨(ଡି.ଏନ.ଏ)

ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ସଭାପତି ଭାବେ ଦଣ୍ଡପାଣି ସ୍ୱାଇଁ ସମ୍ପାଦକ ଭାବେ ଅକ୍ଷୟ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ଉପ ସଭାପତି ଭାବେ ମଣି ଦିକ୍ଷୀତ ଓ ସହ ସମ୍ପାଦକ ଭାବେ ବଳରାମ ମହାପାତ୍ର ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ଭାବେ ସୁନନ୍ଦ କୁମାର ତିଆଡ଼ି ଓ କାର୍ଯ୍ୟକାରୀ କମିଟିକୁ ସୁଧାଂଶୁବାଳା ପଟ୍ଟନାୟକ, ସନ୍ତୋଷ ତିଆଡ଼ି, ଅଶୋକ କୁମାର ଗୌଡ଼ ନିର୍ବାଚିତ ହୋଇଛନ୍ତି। ଲଡୁ କିଶୋର ଆଳତିଆ, ରମେଶ ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ।



ତେଲୁଗୁ ସୁପରଷ୍ଟାର ରଜନୀକାନ୍ତ ଶନିବାର ୭୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଘର ସମ୍ମୁଖରେ ବହୁ ସଂଖ୍ୟାରେ ପ୍ରଶଂସକ ପହଞ୍ଚି ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ପ୍ରମୁଖ ବ୍ୟକ୍ତିମାନେ ତାଙ୍କୁ ଶୁଭକାମନା ଜଣାଇଛନ୍ତି। ୨୦୨୧ ଜାନୁୟାରୀ ବେଳକୁ ରଜନୀକାନ୍ତ ତାଙ୍କ ନୂଆ ରାଜନୈତିକ ଦଳ ଗଢ଼ିବା ନେଇ ଗତ ୩ ତାରିଖରେ ଘୋଷଣା କରିଥିଲେ। ଆସନ୍ତା ଏପ୍ରିଲ-ମେ ସୁଦ୍ଧା ତାମିଲନାଡୁରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ଫିଙ୍ଗିଦେଲେ ଅଢ଼େଇ କୋଟିର ପେଣ୍ଟିଂ



**ବର୍ଲିନ୍:** ଜଣେ ବ୍ୟବସାୟୀ ଜର୍ମାନୀର ବିମାନବନ୍ଦରରେ ଫ୍ରାନ୍ସର ଡାକ୍ତର ୟେଭ ଟୁଙ୍ଗୁଙ୍କ ଏକ ମହଙ୍ଗା ଚିତ୍ର ଭୁଲିଯାଇଥିଲେ। ପରେ ପ୍ରାୟ ୨.୫ କୋଟିର ପେଣ୍ଟିଂ ସହିତ ଯାହା ଘଟିଥିଲା ତାହା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। କାରଣ ବିମାନ ବନ୍ଦରର ଜଣେ ସଫେଇ କର୍ମଚାରୀ ଏହାକୁ ଅଳିଆ ଭାବି ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ତେବେ ଏହା ଏକ ଏକ ଛୋଟିଆ ପେଣ୍ଟିଂ ନ ଥିଲା। ଏହାର ମୂଲ୍ୟ ଥିଲା ପ୍ରାୟ ୨ କୋଟି ୫୦ ଲକ୍ଷ ୭୧ ହଜାର ୦୨୨ ଟଙ୍କା। ବ୍ୟବସାୟୀଜଣଙ୍କ ଟୁଙ୍ଗଙ୍କ ପେଣ୍ଟିଂ ନେଇ ଇସ୍ରାଏଲକୁ ଯାଉଥିଲେ। ହେଲେ ସେ ଏହାକୁ ଚେକ ଇନ କାଉଣ୍ଟରରେ ଭୁଲି ଯାଇଥିଲେ। ବିମାନ ଉଡିବା ଆରମ୍ଭ କରିବା ପରେ ସେ ବିମାନବନ୍ଦରରେ ଏହାକୁ ଛାଡ଼ି ଦେଇ ଆସିଥିବା ଜାଣିବାକୁ ପାଇଥିଲେ। ପରେ ବ୍ୟବସାୟୀଙ୍କ ଭଣଜା ପେଣ୍ଟିଂକୁ ଖୋଜିବାକୁ ଚେଷ୍ଟା କରିଥିଲେ। ବେଲଜିୟମରୁ ଫେରି ସେ ବିମାନବନ୍ଦର ନିକଟରେ ଥିବା ପୋଲିସ ଷ୍ଟେଶନରେ ପହଞ୍ଚି ପେଣ୍ଟିଂ ହଜିଯାଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ସହାୟତାରେ ସେ ବିମାନବନ୍ଦରରେ ଥିବା ସଫେଇ କମ୍ପାନୀ ସହିତ ଯୋଗାଯୋଗ କରି ବିମାନବନ୍ଦର ପରିସରରେ ଥିବା ସମସ୍ତ ଡଷ୍ଟବିନ୍‌ରେ ଖୋଜିବା ଆରମ୍ଭ କଲେ। ଭଲଭାବେ ଅନୁସନ୍ଧାନ ପରେ ଇନ୍ସପେକ୍ଟର ମାଇକେଲ ବର୍ଜ୍ୟବସ୍ତୁରୁ ପେଣ୍ଟିଂଟିକୁ ଉଦ୍ଧାର କରିଥିଲେ। ସାମାନ୍ୟ କ୍ଷତି ହୋଇଥିଲେ ହେଁ ଜର୍ମାନ ପୋଲିସ ଏହାକୁ ଉଦ୍ଧାର କରିବାରେ ସଫଳ ହୋଇଥିଲା।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

ଆସ୍ମି ପଟ୍ଟନାୟକ
ଗୋପାଳପୁର, କଟକ
ଆଜି ତୋର ଜନ୍ମଦିନର ଶୁଭ ସମୟରେ ତୋର ଦୀର୍ଘ ନିରାମୟ ଜୀବନରେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶ୍ରୀ ଜଗନ୍ନାଥଙ୍କ ଚରଣରେ ଆନ୍ତରିକ ପ୍ରାର୍ଥନା ଜଣାଉଛୁ ।
-: ଶୁଭେଚ୍ଛା ସହ :-
ଜେଜେ, ଜେଜେମା, ବଡବାପା, ବଡବୋଉ, ବାପା, ମାଆ, ଅଜା, ଆଈ, ମାଉସୀ ତଥା ପରିବାର ଓ ବନ୍ଧୁବର୍ଗ ।
ଧ-୧୯୨୧୬

# ମନ୍ଦିର ତୋଳିବେ କଙ୍ଗନା



ମୁମ୍ବାଇ: ଚର୍ଚ୍ଚିତ ଅଭିନେତ୍ରୀ ତଥା ବଲିଉଡର ପଙ୍ଗା କୁଇନ କଙ୍ଗନା ରାନାଓ୍ୱତ ସୋସିଆଲ ମିଡିଆରେ ବେଶ ଆକ୍ଟିଭ। ଟ୍ୱିଟର୍‌ରେ ଜବାବ ଦେବାରେ ସେ କାହାକୁ ଛାଡ଼ନ୍ତି ନାହିଁ। ଏଥିପାଇଁ ସବୁବେଳେ କଙ୍ଗନା ବିବଦଘେରକୁ ଟାଣିହୋଇଯାଇଥାନ୍ତି। ନିକଟରେ କଙ୍ଗନା ମନ୍ଦିର ତୋଳିବା ପାଇଁ ମନ କରିଛନ୍ତି। ଏନେଇ ସେ ଟ୍ୱିଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ ନିଜ ପୈତୃକ ମନ୍ଦିରର ଏକ ଫଟୋକୁ ମଧ୍ୟ ଶେୟାର କରିଛନ୍ତି। କଙ୍ଗନା କହିଛନ୍ତି ଯେ, 'ମା' ଦୁର୍ଗା ମୋତେ ତାଙ୍କ ଭବ୍ୟ ମନ୍ଦିର ତୋଳିବା ପାଇଁ ବାଛିଛନ୍ତି। ଆମ ପୂର୍ବ ପୁରୁଷମାନେ ଆମ ପାଇଁ ଯାହା ଛାଡି ଯାଇଛନ୍ତି ତାହା ଆମ ପାଇଁ ବଡ ଉପଲବ୍ଧି। ମୁଁ ମା' ଦୁର୍ଗାଙ୍କ ପାଇଁ ଭବ୍ୟ ମନ୍ଦିର ତିଆରି କରିବାକୁ ଚାହେଁ। କଙ୍ଗନା କୃଷକ ଆନ୍ଦୋଳନକୁ ନେଇ ଚର୍ଚ୍ଚାକୁ ଆସିଥିଲେ। କୃଷକ ଆନ୍ଦୋଳନକୁ ବିରୋଧ କରି ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ଆରମ୍ଭ ହୋଇଥିଲା ଟ୍ୱିଇଟ୍ ୱାର। ସୋସିଆଲ ମିଡିଆରେ ବଲିଉଡ ଅଭିନେତା ତଥା ଗାୟକ ଦିଲଜିତ ଦୋସାଞ୍ଜଙ୍କ ସହ ତାଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କଙ୍ଗନା ଏବେ ତାଙ୍କ ଅପକମିଂ ଫିଲ୍ମ 'ଧାକଡ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେପଟେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ବାୟୋପିକ। ଫିଲ୍ମ 'ଥାଲାଇଭି'ରେ ମଧ୍ୟ କଙ୍ଗନା ନଜର ଆସିବେ।

# ପ୍ରତି ୨୭୦ ଲକ୍ଷ ବର୍ଷରେ ମହାବିନାଶ

**ପ୍ରତିଟି ଆରମ୍ଭର ଥାଏ ଶେଷ। ଯେମିତି ସକାଳ ପରେ ରାତି ଜୀବନ ଥିଲେ ମୃତ୍ୟୁ। ସମାନ ନିୟମ ଲାଗୁ ହୁଏ ଜୀବଜଗତ ଉପରେ। ଧରିତ୍ରୀରେ ରହୁଥିବା ଜୀବଜଗତ ମଧ୍ୟ ସମ୍ମୁଖୀନ ହୁଏ ମହାବିନାଶର। ଏହାର କାରଣ ହୋଇପାରେ ଆଗ୍ନେୟଗିରି ବିସ୍ଫୋରଣ ଅଥବା କ୍ଷୁଦ୍ରଗ୍ରହ କିମ୍ବା ଉଲ୍‌କାପିଣ୍ଡ ସହ ସଂଘର୍ଷ। ପ୍ରତି ୨୭୦ ଲକ୍ଷ ବର୍ଷରେ ଥରେ ଏପରି କଠୋର ସମୟର ସମ୍ମୁଖୀନ ହୁଅନ୍ତି ଉଭୟ ଉଦ୍ଭିଦ ଏବଂ ପ୍ରାଣୀ। ଏହା ପଛରେ ଏକ ଚକ୍ର କାର୍ଯ୍ୟ କରୁଥିବା ଗବେଷଣାରୁ ଜଣାପଡ଼ିଛି।**



**ନ୍ୟୁୟର୍କ:** ମରଣଶୀଳ ପୃଥିବୀର କଠୋର ବାସ୍ତବତା ହେଉଛି ମୃତ୍ୟୁ। ଏହି ନିୟମରେ ବନ୍ଧା ସମଗ୍ର ଜୀବଜଗତ। ହେଲେ ଏପରି ବି ସମୟ ଆସେ, ଯେତେବେଳେ ପୃଥିବୀ ପୃଷ୍ଠର ସିଂହଭାଗ ଜୀବନ ଶେଷ ହୋଇଯାଏ। ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମହାବିନାଶ (ମାସ୍ ଏକ୍ସଟିଙ୍କ୍ସନ)ର ଏଭଳି ପ୍ରକ୍ରିୟା ସଂଘଟିତ ହୋଇଆସୁଛି। ଏହାର ସମ୍ପର୍କ ବିଶାଳକାୟ ଆଗ୍ନେୟଗିରି ଉଦ୍‌ଗୀରଣ ଏବଂ ଉଲ୍‌କାପିଣ୍ଡ ଧକ୍କା ସହ ରହିଛି। ସବୁଜଗ୍ରହରେ ବସବାସ କରୁଥିବା ଉଭୟଚର, ସରୀସୃପ, ସ୍ତନ୍ୟପାୟୀ, ପକ୍ଷୀ ସମେତ ସମସ୍ତ ପ୍ରଜାତିର ଜୀବଜନ୍ତୁ ୨୭୦ ଲକ୍ଷ ବର୍ଷରେ ଥରେ ହେଉଥିବା ଏହି ପ୍ରଳୟଙ୍କରୀ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ହର୍ଟିକଲ୍‌ଚର ବାୟୋଲୋଜି ଜର୍ନାଲରେ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି।

ମହାବିନାଶ ସମ୍ପର୍କରେ ଅଧ୍ୟୟନ କରୁଥିବା ନ୍ୟୁୟର୍କ ୟୁନିଭର୍ସିଟିର ଜୀବବିଜ୍ଞାନ ବିଭାଗର ପ୍ରଫେସର ମାଇକେଲ ରିମ୍ପିନୋଙ୍କ କହିବା କଥା, ଗ୍ରହ, ନକ୍ଷତ୍ର, ଗ୍ରହଣ୍ଟପୁଞ୍ଜ, ଉଲ୍‌କାପିଣ୍ଡଙ୍କ ସମାହାର ମହାଶୂନ୍ୟ। ଅନେକ ସମୟରେ ପୃଥିବୀ ପୃଷ୍ଠରେ ବିଶାଳକାୟ ପିଣ୍ଡ ଧକ୍କା ହୋଇଥାଏ। ମହାକାଶର ଗତିବିଧିରେ ପରିବର୍ତ୍ତନ ଏହାର କାରଣ। ସେହିପରି ପୃଥିବୀ ଆଭ୍ୟନ୍ତରରେ ଘୂର୍ଣ୍ଣାୟମାନ ପ୍ଲେଟ୍ ପରସ୍ପର ମଧ୍ୟରେ ପିଟିହେଲେ ଆଗ୍ନେୟ ଉଦ୍‌ଗୀରଣ ହୋଇଥାଏ। ତେବେ ପ୍ରତି ୨୭୦ ଲକ୍ଷ ବର୍ଷ ଅନ୍ତରାଳରେ ମହାପ୍ରଳୟ ଆସୁଛି। ଆକାଶଗଙ୍ଗା ଗ୍ୟାଲେକ୍ସି ସହ ଏହି ପ୍ରଳୟ ସମାନ୍ତରାଳ ଭାବେ ଗତି କରୁଥିବା ପ୍ରତୀୟମାନ ହେଉଛି।

୬୬୦ ଲକ୍ଷ ବର୍ଷ ମଧ୍ୟରେ ଉଭୟ ସ୍ଥଳଚର ଏବଂ ଜଳଚର ଜୀବଙ୍କ ୭୦% ପ୍ରଜାତି ବିଲୁପ୍ତ ହୋଇଗଲାଣି। ଏଥିରେ ବିଶାଳକାୟ ଡାଇନୋସୋର ମଧ୍ୟ ସାମିଲ। ଅଧିକାଂଶ ସମୟରେ ଧୂମକେତୁ କିମ୍ବା କ୍ଷୁଦ୍ରଗ୍ରହ ଧକ୍କା ହେବା ଫଳରେ ଜୀବଗୋଷ୍ଠୀ ସାମୂହିକ ବିଲୟର ଶିକାର ହୋଇଥାନ୍ତି। ପୂର୍ବରୁ ଏଭଳି ହୋଇସାରିଛି, ଯେଉଁଥିରେ ଥରକରେ ୯୦ପ୍ରତିଶତ ପ୍ରଜାତି ଧ୍ୱଂସ ହୋଇଯାଇଥିଲେ। ପୃଥିବୀରେ ଅଦ୍ୟାବଧି ହୋଇଥିବା ମହାପ୍ରଳୟର ଅଧ୍ୟୟନରୁ ଏ ସମ୍ପର୍କରେ ଅନେକ ତଥ୍ୟ ହସ୍ତଗତ ହୋଇଛି। ମହାସାଗରରେ ରହୁଥିବା ହଜାର ହଜାର ପ୍ରଜାତିର ଜୀବଙ୍କ ଅନ୍ତ ମହାବିନାଶ କାରଣରୁ ହୋଇଛି। ଏହା ପରବର୍ତ୍ତୀ ସମୟରେ ଜୀବନଚକ୍ର ପ୍ରଭାବିତ ହୁଏ। ତଦନୁଯାୟୀ ପ୍ରାଣୀମାନେ ଜଳବାୟୁ ସହିତ ଖାପଖୁଆଇ ଥାଆନ୍ତି।

ଅନ୍ୟ ଏକ ତଥ୍ୟ ଅନୁଯାୟୀ, ପ୍ରତି ୨୬୦ରୁ ୩୦୦ ବର୍ଷ ମଧ୍ୟରେ ଧୂମକେତୁ ବର୍ଷା ହୋଇଥାଏ। ଏହା ପୃଥିବୀ ପୃଷ୍ଠରେ ଖଣ୍ଡପ୍ରଳୟ ଆଣେ। ଯେମିତି ପୃଥିବୀ ସୂର୍ଯ୍ୟ ଚାରିପଟେ ପରିକ୍ରମା କରିଥାଏ, ଠିକ୍ ସେହିପରି ସୌରମଣ୍ଡଳ ଗ୍ୟାଲେକ୍ସି ଚାରିପଟେ ୩ କୋଟି ବର୍ଷରେ ଚକ୍କର ଲଗାଇଥାଏ। ଏହି ଦୀର୍ଘ ସମୟ ଭିତରେ ସୌରମଣ୍ଡଳୀୟ ଗତିବିଧିର ପ୍ରଭାବ ପୃଥିବୀ ଉପରେ ପଡ଼ିବା ସ୍ୱାଭାବିକ। କେବଳ ଏତିକି ନୁହେଁ, ଏହାର ପ୍ରଭାବରେ ଅନ୍ଧାର ଘନତ୍ୱ ବଢ଼ିବା, ଅତ୍ୟଧିକ ଥଣ୍ଡା ଅନୁଭୂତ ହେବା, ବନାଗ୍ନି, ଅମ୍ଳବର୍ଷା, ଓଜନ କ୍ଷୟ ଭଳି ଅନେକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥାଏ। ଗତ ୨୫ କୋଟି ବର୍ଷ ମଧ୍ୟରେ ଏଭଳି ୩ ଥର ଘଟିଥିବା ଗବେଷଣାରୁ ସ୍ପଷ୍ଟ ହୋଇଛି। ହୁଏତ ଏଭଳି ଆହୁରି ଅନେକ ଥର ଘଟିଥାଇପାରେ। ଏ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇ ନ ଥିବା ପ୍ରଫେସର ମାଇକେଲ ରିମ୍ପିନୋ କହିଛନ୍ତି।

# ୧୨ ପିଜି ଡିଗ୍ରୀ ଥିବା ପ୍ରଥମ ମହିଳା



**ଥିରୁଭାନନ୍ତପୁରମ୍:** ପାଠ ପଢ଼ିବାର ପ୍ରବଳ ଆଗ୍ରହ ଥିଲେ କୌଣସି ପ୍ରକାରର ପ୍ରତିବନ୍ଧକ ବି ବାଟ ଓଗାଳିପାରେନି। ଏହାର ଏକ ଉଦାହରଣ ହେଉଛନ୍ତି ଡକ୍ଟର କେ.ଏସ୍. ତ୍ରିଶା। ବିଭିନ୍ନ ବିଷୟରେ ଜାଣିବା ପାଇଁ ତାଙ୍କର ଏତେ ଆଗ୍ରହ ଯେ ଏଥି ନିମନ୍ତେ ସେ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଡିଗ୍ରୀ ହାସଲ କରିବାକୁ ଇଚ୍ଛା କରିଥିଲେ। ଏଥିପାଇଁ ସେ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇ ସଫଳତା ହାସଲ କରିପାରିଛନ୍ତି। ଆଉ ପ୍ରତିବର୍ଷ ନୂଆ ନୂଆ କୋର୍ସ କରି ଏବେ ସେ ୧୨ଟି ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିପାରିଛନ୍ତି। ଏତେଗୁଡ଼ିଏ ପିଜି ଡିଗ୍ରୀ ହାସଲ କରିବାରେ ଏବେ ସେ ଭାରତର ପ୍ରଥମ ମହିଳା ହୋଇପାରିଛନ୍ତି। କେରଳର ଡକ୍ଟର କେ.ଏସ୍ . ତ୍ରିଶା ଏବେ ୧୨ଟି ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି। ୟୁନିଭର୍ସିଟି ରେକର୍ଡ ଫୋରମରେ ତ୍ରିଶାଙ୍କୁ ଏକ ସମୟରେ ଏତେଗୁଡ଼ିଏ ଗ୍ରାଜୁଏଟ୍ ଏବଂ ଡିପ୍ଲୋମା ସାର୍ଟିଫିକେଟ୍ କୋର୍ସ କରିଥିବା ପ୍ରଥମ ମହିଳା ଘୋଷିତ କରାଯାଇଛି। ତ୍ରିଶା ଇଂଲିଶ, ସଂସ୍କୃତ, ସଙ୍ଗୀତର ତିନୋଟି ବିଭାଗ, ଭାରତନାଟ୍ୟମ୍, ଯୋଗ, ସୋସିଓଲୋଜି ଏବଂ ପବ୍ଲିକ୍ ଆଡମିନିଷ୍ଟ୍ରେଶନ୍ ଭଳି ବିଭିନ୍ନ ବିଷୟରେ ପିଜି ଡିଗ୍ରୀ ହାସଲ କରିଛନ୍ତି। ତ୍ରିଶା ୩୦ ବର୍ଷ ହେଲାଣି କାଲିକଟ ଗାର୍ଲସ ହାୟର ସେକେଣ୍ଡାରୀ ସ୍କୁଲରେ ଶିକ୍ଷକଭାବେ ପାଠ ପଢାଉଛନ୍ତି। ଏହା ସହିତ ସେ ବାବୁରାଜ ମେମୋରିଆଲ ମ୍ୟୁଜିକାଲ ଏକାଡେମୀରେ ପ୍ରିନ୍ସିପାଲଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହା ସହିତ ଏସବୁ ଡିଗ୍ରୀ ହାସଲ ନିମନ୍ତେ ପାଠପଢା ଶେଷ କରି ସଫଳତା ହାସଲ କରିଛନ୍ତି ଏବଂ ଏକ ଉପନ୍ୟାସ ତଥା ଏକ କବିତା ପୁସ୍ତକ ବି ରଚନା କରିଛନ୍ତି। ଏହା ସହିତ ସେ ବିଭିନ୍ନ ଅନୁଷ୍ଠାନରେ ସ୍ୱତନ୍ତ୍ର ଦାୟିତ୍ୱ ବି ତୁଲାଉଛନ୍ତି। ତେବେ ପାଠ ପଢ଼ି ବିଭିନ୍ନ ବିଷୟରେ ଡିଗ୍ରୀ ହାସଲ କରିବା ପାଇଁ ତାଙ୍କର ସ୍ୱତନ୍ତ୍ର ଆଗ୍ରହ ରହିଥିଲା। ତେଣୁ ସେ ଗୋଟିଏ ପରେ ଗୋଟିଏ କୋର୍ସ ନିମନ୍ତେ ପାଠ ପଢ଼ି ସଫଳତା ହାସଲ କରିଛନ୍ତି ବୋଲି କହିଛନ୍ତି।

# ବସ୍ ଭିତରେ ଘର

**ନୂଆଦିଲ୍ଲୀ:** ବିଭିନ୍ନ ସ୍ଥାନକୁ ବୁଲିବାକୁ ଯିବା ଏବଂ ମଜା କରିବା ପାଇଁ ସମସ୍ତଙ୍କୁ ଭଲ ଲାଗେ। କିନ୍ତୁ ଏଥିପାଇଁ ସମସ୍ତେ ସୁଯୋଗ ସୃଷ୍ଟି କରିପାରନ୍ତି ନାହିଁ। ମାତ୍ର ବୁଲାବୁଲିର ଏହି ଇଚ୍ଛାକୁ ପୂରା କରିବା ପାଇଁ ଏକ ସ୍କୁଲ ବସକୁ ବି ଘର ଭଳି ରୂପ ଦେଇପାରିଛନ୍ତି ଅଷ୍ଟ୍ରେଲିଆର ଏକ ଦମ୍ପତି। ସ୍କୁଲବସ୍ ଭିତରେ ଘର ଭଳି ସବୁ ପ୍ରକାରର ସୁବିଧା ସୁଯୋଗ ଦେଇ ସେ ଏବେ ସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ସ୍କୁଲ ବସକୁ ଏକ ଘର ଭଳି ରୂପ ଦେଇ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛନ୍ତି ହାନନ୍ ଏବଂ ହାରୀ। ଏହି ଦମ୍ପତି ସ୍କୁଲ ବସକୁ ଏକ ସୁନ୍ଦର ଡିଜାଇନ୍ ଘରର ରୂପ ଦେଇ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବସ୍ ଭିତରେ ବି ଶୋଇବା ଘରଠାରୁ ଆରମ୍ଭ କରି ରୋଷେଇ ଘର ଆଦି ସବୁର ବ୍ୟବସ୍ଥା କରିଛନ୍ତି। ବସ୍ ଭିତରେ ସେ ନିଜ ସ୍ୱପ୍ନର ଘର ତିଆରି କରି ଖର୍ଚ୍ଚ କରିଛନ୍ତି ୩୦ ହଜାର ଡଲାର। ଏବେ ଏହି ବସ୍ ଘରକୁ ସେମାନେ ବିଭିନ୍ନ ସ୍ଥାନକୁ ବୁଲିବା ନିମନ୍ତେ ବ୍ୟବହାର କରୁଛନ୍ତି। ତେଣୁ ଏହାକୁ ୨୪ ଘଣ୍ଟିଆ ହଲି ଡେ ହୋମ୍ ବୋଲି କହିଛନ୍ତି। ଏହି ବସ୍ ଘର ଭିତରେ ସେମାନେ ବ୍ୟବହାର କରିଥିବା ବିଭିନ୍ନ ଯନ୍ତ୍ରପାତି ଓ ଆଧୁନିକ ସୁବିଧାସୁଯୋଗ ନେଇ ସମ୍ପୂର୍ଣ୍ଣ ବିବରଣୀ ସୋସିଆଲ ମିଡିଆରେ ଦେଇଛନ୍ତି। ସୋସିଆଲ ମିଡିଆରେ ତାଙ୍କର ଏହି ବସକୁ ଦେଖି ଲୋକେ ବେଶ୍ ଖୁସି ହୋଇଛନ୍ତି ଏବଂ ଦମ୍ପତିଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି।



**୨୪ ଘଣ୍ଟିଆ ହଲିଡେ ହୋମ୍**

**ଖର୍ଚ୍ଚ ହୋଇଛି ୩୦ ହଜାର ଡଲାର**

# ବରଫ ଚାଦରରେ ଢାଙ୍କିହୋଇଛି ଶ୍ରୀନଗର

**ନୂଆଦିଲ୍ଲୀ:** ଶୀତ ଲୋକଙ୍କୁ କଷ୍ଟ ଦେଇଥାଏ। ଅତ୍ୟଧିକ ଥଣ୍ଡା ବୟସ୍କ ଲୋକଙ୍କୁ କଲବଲ କରିଥାଏ। ହେଲେ ଶୀତଋତୁ ଅତ୍ୟନ୍ତ ସୁନ୍ଦର ମଧ୍ୟ ହୋଇଥାଏ। ଶନିବାର ଶ୍ରୀନଗରକୁ ଘୋଡ଼ାଇଦେଇଥିବା ବରଫର ଧଳା ଚାଦରର ଏକ ଚିତ୍ରକୁ ଦେଖିଲେ ଏହା ସ୍ପଷ୍ଟ ବାରିହୁଏ। ଡିସେମ୍ବର ୧୨ରେ ଶ୍ରୀନଗରରେ ଋତୁର ପ୍ରଥମ ବରଫପାତ ଦେଖିବାକୁ ମିଳିଥିଲା। ସକାଳୁ କାର୍‌ଠାରୁ ଗଛ ସବୁକିଛି ସଫେଦ ଚାଦର ତଳେ ଢାଙ୍କି ହୋଇଯାଇଥିବା ଅନୁଭବ ହୋଇଥିଲା। ଶ୍ରୀନଗରବାସୀ ଏହାକୁ ବେଶ୍ ଉପଭୋଗ କରିଥିଲେ। ହେଲେ ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏହାର ଏକ ଫଟୋ ସମଗ୍ର ବିଶ୍ୱବାସୀଙ୍କୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ଦେଇଛି। ଏହି ଫଟୋ ସମସ୍ତଙ୍କ ମନ ଛୁଇଁଛି।



ମନେ ପଡ଼ନ୍ତି
ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପ୍ରକାଶ କୁମାର ପଟ୍ଟନାୟକ (ମିଁ)
ଫ୍ଲାଟ୍ ନଂ-୬, ପ୍ଲଟ୍ ନଂ-୫୫, ସାଇରେସିଡେନ୍ସି ୟୁନିଟ୍ ୭, ସୂର୍ଯ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୧।୧୯୫୮ (ଗୁରୁବାର)
ତିରୋଧାନ: ୦୩।୧୨।୨୦୨୦ (ଗୁରୁବାର)
ବଡ଼ ଓ ସାନ କାହାକଥା ନ ଭାବି ଗୁରୁବାରରେ ଆସି ଗୁରୁବାରରେ ଚାଲିଗଲ। ତମର ଏ ଆକସ୍ମିକ ବିୟୋଗ ପୂରା ପରିବାରକୁ ମର୍ମାହତ କରିଦେଲା। ଯେଉଁଠି ଥାଅ ପ୍ରଭୁ ତୁମକୁ ଭଲରେ ରଖିଥାନ୍ତୁ। ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ଝିଅ- ଜ୍ୱାଇଁମାନେ, ପଟ୍ଟନାୟକ ପରିବାର ଓ ଆତ୍ମୀୟ ସ୍ୱଜନ ।
ଧ-୬୯୬୬୦

# ଏକା ଏକା

ଆଜିର ଅପରାଧ ଦୁନିଆର ବିସ୍ତୃତ କାୟା ଭିତରେ କେବଳ ନାରୀ ନୁହେଁ ପୁରୁଷମାନେ ବି ଅସୁରକ୍ଷିତ। ଆଉ ଏଭଳି ପରିସ୍ଥିତିରେ ଯଦି ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଏକାକୀ ରହିବାର ପରିସ୍ଥିତି ଆସେ ତେବେ ଆତ୍ମସୁରକ୍ଷା ଲାଗି ନିଜକୁ ମାନସିକ ଓ ଶାରୀରିକ ସ୍ତରରେ ସୁଦୃଢ଼ କରିବା ସହ ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ...



ବର୍ତ୍ତମାନ ଅନେକ ଯୁବତୀ ଯୁବକଙ୍କୁ ପାଠପଢ଼ା, ଜବ୍ ଆଦି ଲାଗି ଏକାକୀ ବାହାରେ ରହିବାକୁ ପଡୁଛି। ଏଥିପାଇଁ କେହି କେହି ହଷ୍ଟେଲ୍, ମେସ୍ ଆଦି ଉପରେ ନିର୍ଭର କରୁଥିବା ବେଳେ ଆଉ କେହି ଏକାକୀ ଘର ଭଡ଼ା ନେଇ ରହୁଥିବାର ଦେଖିବାକୁ ମିଳୁଛି। ତେବେ ବର୍ତ୍ତମାନ ଚାରିଆଡ଼େ ଯେଉଁ ଭଳି ଅପରାଧ ବଢ଼ିବାରେ ଲାଗିଛି, ଏଭଳି ପରିସ୍ଥିତିରେ ଏକାକୀ ବାହାରେ ରହିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। କାରଣ ବିପଦ ସବୁବେଳେ ହଠାତ୍ ଆସେ। ତେଣୁ ବାହାରେ ଏକାକୀ ରହୁଥିଲେ ଆତ୍ମସୁରକ୍ଷାକୁ ନେଇ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

**ବଢ଼ାନ୍ତୁ ଲୋକ ସମ୍ପର୍କ:** ପାଠ ପଢ଼ା ହେଉ ଅବା ଜବ୍ ଲାଗି ବାହାରେ ରହୁଥିଲେ ହଠାତ୍ କୌଣସି ଅସୁବିଧା ପରିସ୍ଥିତିରେ ପରିବାର ସଦସ୍ୟ କିମ୍ବା କେହି ଆତ୍ମୀୟ ପାଖରେ ପହଞ୍ଚି ପାରିବେ ତାହା ସବୁବେଳେ ସମ୍ଭବ ହୋଇପାରେନି। ହେଲେ ଏଭଳି ପରିସ୍ଥିତିରେ ଯଦି ଆପଣ ଉକ୍ତ ସ୍ଥାନରେ ରହୁଥିବା ପଡ଼ୋଶୀ କିମ୍ବା ସ୍ଥାନୀୟ ବାସିନ୍ଦାମାନଙ୍କ ସହିତ ଭଲ ଭାବେ ପରିଚିତ ହୋଇଥିବେ ତେବେ ନିଶ୍ଚୟ ଉପକୃତ ହୋଇପାରିବେ। ତେଣୁ ନିଜ ସୁରକ୍ଷା ଲାଗି ଲୋକ ସମ୍ପର୍କ ବୃଦ୍ଧି କରିବା ବି ଭଲ। ମନେରଖନ୍ତୁ ଏକାକୀ ରହୁଥିଲେ ସର୍ବଦା ନିକଟସ୍ଥ ପୋଲିସ ଷ୍ଟେଶନର ନମ୍ବର ପାଖରେ ରଖନ୍ତୁ, ଯେପରି ଆବଶ୍ୟକ ସ୍ଥଳେ ତତ୍‌କ୍ଷଣାତ୍ ସାହାଯ୍ୟ ନେଇପାରିବେ।

**ଶିଖନ୍ତୁ ଆତ୍ମସୁରକ୍ଷା କୌଶଳ:** ବର୍ତ୍ତମାନ ଯୁବତୀ ହୁଅନ୍ତୁ ଯୁବକ ବିଶେଷ କରି ଏକାକୀ ରହୁଥିଲେ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ସମ୍ପର୍କେ ଜାଣିବା ଦରକାର। କାରଣ ଜଣେ ଶାରୀରିକ ସ୍ତରରେ ମଜଭୁତ ହେଲେ ହିଁ କୌଣସି ଅସୁବିଧାର ମୁକାବିଲା ସାହସର ସହ କରିପାରିବ। ତେଣୁ ଜୁଡୋ, କରାଟେ, ଟାଏକୋଣ୍ଡୋ, କୁମ୍ଫୁ ଆଦି ବିଭିନ୍ନ ଆତ୍ମରକ୍ଷା କଳା ଶିଖନ୍ତୁ।


**ଆପଣାନ୍ତୁ କ୍ୟାଶ୍‌ଲେସ୍ ସୁବିଧା:** ଏକାକୀ ରହୁଥିଲେ ପାଖରେ ଅଧିକ ଟଙ୍କା ଆଦୌ ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଚୋରିର ଆଶଙ୍କା ବେଶି। ତା' ଛଡ଼ା ଏହାଦ୍ୱାରା ଜୀବନ ପ୍ରତି ମଧ୍ୟ ବିପଦର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ କ୍ୟାଶ୍ ନ ରଖି ସର୍ବଦା ଗୁଗଲ୍ ପେ, ଫୋନ୍ ପେ, ପେଟିଏମ୍ ଭଳି ବିଭିନ୍ନ କ୍ୟାଶ୍ ଲେସ୍ ବ୍ୟବସ୍ଥା ଆପଣାନ୍ତୁ। ବାହାରକୁ ଯାଉଥିଲେ ମଧ୍ୟ କ୍ୟାଶ୍ ବଦଳରେ କାର୍ଡ କିମ୍ବା ମୋବାଇଲ୍‌ରେ ଇ-ୱାଲେଟ୍‌ରେ ବ୍ୟବହାର କରନ୍ତୁ।

**ଦାମୀ ସାମଗ୍ରୀ ରଖନ୍ତୁ ନାହିଁ:** ଅଧିକାଂଶ ଯୁବତୀ ଯୁବକଙ୍କୁ ଦାମୀ ଅଳଙ୍କାରଠାରୁ ଆରମ୍ଭ କରି ଅନ୍ୟାନ୍ୟ ଦାମୀ ସାମଗ୍ରୀ ବ୍ୟବହାର କରିବାର ସଉକ ରହିଛି। ହେଲେ ବାହାରେ ଏକାକୀ ରହୁଥିଲେ ଏଭଳି ଦାମୀ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଚୋରିର ଆଶଙ୍କା ଅଧିକ। କେବଳ ଏତିକି ନୁହେଁ ଏଥିପାଇଁ କେତେକଙ୍କ ଜୀବନ ହାନି ହୋଇଥିବାର ନଜିର ମଧ୍ୟ ରହିଛି। ତେଣୁ ଆତ୍ମସୁରକ୍ଷା ଦୃଷ୍ଟିରୁ କେବଳ ନିଜ ଆବଶ୍ୟକତା ଅନୁସାରେ ଅଳ୍ପ ସାମଗ୍ରୀ ହିଁ ରଖନ୍ତୁ।

**କାମବାଲୀ କିମ୍ବା କୁକ୍ ରଖୁଥିଲେ ସତର୍କ ରୁହନ୍ତୁ:** ପାଠ ପଢ଼ା, ଜବ୍ ଆଦି ଲାଗି ବାହାରେ ଏକାକୀ ରହୁଥିବା ଅନେକ ଯୁବତୀଯୁବକ ଘର କାମ ତଥା ରୋଷେଇ ଲାଗି କାମବାଲୀ କିମ୍ବା କୁକ୍ ରଖିଥାନ୍ତି। ହେଲେ ଏମାନଙ୍କୁ ରଖୁଥିଲେ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ନୂଆ ଜାଗାରେ କୌଣସି ଅଚିହ୍ନା କାମବାଲୀ କିମ୍ବା କୁକ୍ ରଖିବା ପୂର୍ବରୁ ପ୍ରଥମେ ତାଙ୍କ ଠିକଣା, ବୟସ, ପରିବାର, ଆଧାରକାର୍ଡ, ସେ ପୂର୍ବରୁ କେଉଁଠି କାର୍ଯ୍ୟ କରୁଥିଲେ, ଅଭିଜ୍ଞତା ଆଦି ବିଷୟରେ ଭଲ ଭାବେ ତଥ୍ୟ ସଂଗ୍ରହ କରନ୍ତୁ। ପୋଲିସ୍ ଭେରିଫିକେଶନ କରାଇ ନେବା ସବୁଠୁ ଭଲ। ଯଦି କୌଣସି ସାଙ୍ଗସାଥୀ କିମ୍ବା ପରିଚିତଙ୍କ ସହାୟତାରେ ଏମାନଙ୍କ ସନ୍ଧାନ ପାଉଛନ୍ତି ତେବେ ତାଙ୍କଠାରୁ ସେ ବିଶ୍ୱସ୍ତ କି ନୁହେଁ ଜାଣନ୍ତୁ ଏବଂ ପୂର୍ବରୁ ସେ କାମ କରୁଥିବା ଘର ଲୋକଙ୍କଠାରୁ ମଧ୍ୟ ଏ ସମ୍ପର୍କରେ ବୁଝିନିଅନ୍ତୁ। ନିଜର ସୁବିଧାକୁ ଆଖିଆଗରେ ରଖି ଏମାନଙ୍କର ଆସିବାର ସମୟସୀମା ଧାର୍ଯ୍ୟ କରନ୍ତୁ। ତା'ଛଡା ନିଜେ ଘରେ ଉପସ୍ଥିତ ଥିବା ବେଳେ ଡାକନ୍ତୁ। କାରଣ ଅନେକେ ମାତ୍ର କିଛିଦିନ ମଧ୍ୟରେ ଏମାନଙ୍କୁ ଏତେ ବିଶ୍ୱାସ କରିଯାନ୍ତି ଯେ, ନିଜ ଅନୁପସ୍ଥିତିରେ ବି ଆସି ଘର କାମ କରିବାକୁ କୁହନ୍ତି କିମ୍ବା କେହି କେହି ଘରେ ଥିଲେ ସୁଦ୍ଧା ବିଶ୍ୱାସରେ ଏମାନେ କ'ଣ କରୁଛି ଆଦୌ ଦେଖିବା ଲାଗି ଯାଆନ୍ତି ନାହିଁ। ଆଉ ଏଥିପାଇଁ ଚୋରି ଓ ଅନ୍ୟାନ୍ୟ ଅପରାଧ ଘଟୁଥିବାର ନଜିର ରହିଛି। ତେଣୁ ଯେତେ ବ୍ୟସ୍ତ ଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ନିଜ କାମରେ ଧ୍ୟାନ କେନ୍ଦ୍ରିତ ନ କରି ମଝିରେ ମଝିରେ ତାଙ୍କ ଉପରେ ନଜର ରଖନ୍ତୁ। ନିଜର ସମସ୍ତ ଜରୁରୀ କାଗଜପତ୍ର, ଟଙ୍କା ଏବଂ ମୂଲ୍ୟବାନ୍ ସାମଗ୍ରୀ ଖୋଲାରେ ନ ରଖି ଆଲମିରାରେ ଲକ୍ କରି ରଖନ୍ତୁ। ନଚେତ୍ ଆପଣଙ୍କ ସାମାନ୍ୟ ଅସାବଧାନତା ଯୋଗୁ ଭାରି ମୂଲ୍ୟ ଦେବାକୁ ପଡିପାରେ।







### କ'ଣ କରନ୍ତି ଏମାନେ...



**ଶକ୍ତି ରଞ୍ଜନ ତ୍ରିପାଠୀ(ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର, ଅହମଦାବାଦ)-** ଜବ୍ ଲାଗି ପରିବାରଠୁ ଦୂରରେ ଏକାକୀ ରହୁଥିବାରୁ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ସର୍ବଦା ସଜାଗ ରହିବାକୁ ପଡୁଛି। ବିଶେଷ କରି ଟଙ୍କା ବଦଳରେ କାର୍ଡ କିମ୍ବା ଅନ୍ୟାନ୍ୟ କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା, ବାହାରକୁ କିମ୍ବା ଅଫିସ୍ ଯିବା ପୂର୍ବରୁ ଘର ଭଲ ଭାବେ ବନ୍ଦ କରିବା, ନିଜର ମୋବାଇଲ୍, ଲାପଟପ୍ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀକୁ ଠିକ୍ ଭାବେ ରଖିବା ଆଦି ଦିଗରେ ବିଶେଷ ଭାବେ ସତର୍କ ରହିଥାଏ।



**ସଂଯୁକ୍ତା ମାଝି(କର୍ମଜୀବୀ, ପୁରୀ)-** ଗତ ୮ ବର୍ଷ ହେବ ଜବ୍ ପାଇଁ ପୁରୀରେ ରହୁଛି। ଚାଇଲ୍ଡ ଲାଇନ୍‌ରେ କାମ କରୁଥିବାରୁ ଅନେକ ସମୟରେ ଶିଶୁ ଉଦ୍ଧାର ଲାଗି ବାହାରକୁ ଯିବାକୁ ପଡୁଛି। ତେଣୁ ବର୍ତ୍ତମାନ ସାମାଜିକ ସ୍ଥିତିକୁ ଆଖିଆଗରେ ରଖି ସୁରକ୍ଷା ଦୃଷ୍ଟିରୁ ସମସ୍ତ କାମ ସଂଧ୍ୟା ସୁଦ୍ଧା ଶେଷ କରି ଫେରିଆସିଥାଏ। ଆବଶ୍ୟକ ହେଲେ ପରିବାର ଲୋକ ସଙ୍ଗେ ସଙ୍ଗେ ପହଞ୍ଚିବା ତ ସବୁବେଳେ ସମ୍ଭବ ନୁହେଁ, ତେଣୁ ଏକାକୀ ରହିବାଲାଗି ରେସିଡ଼େନ୍ସିଆଲ୍ କଲୋନୀ ବାଛିଛି ଏବଂ ପଡ଼ୋଶୀଙ୍କ ସହ ଉତ୍ତମ ସଂପର୍କ ରଖିଛି। ଏହାଦ୍ୱାରା ସୁବିଧା ଅସୁବିଧାରେ ସେମାନେ ସହଯୋଗ କରିଥାନ୍ତି।

## ଜାଣନ୍ତୁ ଦୁନିଆ

# ବିଷାକ୍ତ ମାଛ

ମାଛ ଖାଇବାକୁ ଅନେକେ ପସନ୍ଦ କରନ୍ତି। ଖାଲି ଖାଇବାକୁ କାହିଁକି ଭଳିକି ଭଳି ମାଛକୁ ଆକ୍ୱାରିଅମ୍‌ରେ ରଖି ଘର ସଜାଇବା ବି ଅନେକଙ୍କର ସଉକ। ହେଲେ ଏମିତି ବି କିଛି ବିଷାକ୍ତ ମାଛ ଅଛନ୍ତି, ଯାହାକୁ ଖାଇବା ତ ଦୂରର କଥା ଏହାର ମାତ୍ର ଗୋଟିଏ ବୁନ୍ଦା ବିଷ ମଣିଷକୁ ମୃତ୍ୟୁମୁଖକୁ ଠେଲି ଦେଇପାରେ। ଆସନ୍ତୁ ଜାଣିବା ପୃଥିବୀର ସବୁଠୁ ବିଷାକ୍ତ ମାଛ ଷ୍ଟୋନ୍ ଫିସ୍ ସମ୍ପର୍କରେ କିଛି ତଥ୍ୟ...



- ଭାରତ ଏବଂ ପ୍ରଶାନ୍ତ ମହାସାଗରର କେତେକ ଭାଗରେ ଦେଖାଯାଉଥିବା ଏହି ମାଛଖୁବ୍ ବିଷାକ୍ତ।
- ୩୦ରୁ ୪୦ ସେଣ୍ଟିମିଟର ଲମ୍ବା ବିଶିଷ୍ଟ ଏହି ମାଛର ପିଠି ଡେଣାରେ ଥିବା ୧୩ଟି କଣ୍ଟାରେ ରହିଛି ଏହି ବିଷ ବାହାରୁ ଥିବା ଥଳୀ।
- ଏହାର ରଙ୍ଗ ସାଧାରଣତଃ ପଥର ସହିତ ମିଶି ଯାଉଥିବାର ସହଜରେ ଜଣା ପଡ଼ି ନ ଥାଏ। ଏହି ମାଛ ପାଣି ବାହାରେ ମଧ୍ୟ ୨୪ ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରହିପାରେ। ତେଣୁ ସମୁଦ୍ର କୂଳରେ ବୁଲିବା ସମୟରେ ପଥର କିମ୍ବା ଶୈବାଳ ଭାବି ଏହା ଉପରେ ଅନେକେ ପାଦ ରଖି ଦିଅନ୍ତି ଏବଂ ଏହାର ଶିକାର ହୋଇଥାନ୍ତି। ଉପରେ ପାଦ ପଡ଼ିବା ମାତ୍ରେ ଏହି ମାଛ ୦.୫ ସେକେଣ୍ଡ ବେଗରେ ବିଷ ଛାଡ଼ିଥାଏ। ଏହି ବିଷ କେବଳ ପାଦରେ ଲାଗିଲେ ମଣିଷର ଗୋଡ଼ କାଟିବାକୁ ପଡ଼ିଥାଏ କିମ୍ବା ବେଳେ ବେଳେ ମୃତ୍ୟୁର କାରଣ ସାଜିଥାଏ। ଆଉ ଯଦି ଏହା କୌଣସି କାରଣରୁ ଶରୀର ଭିତରକୁ ଚାଲିଯାଏ ତେବେ ମୃତ୍ୟୁ ସୁନିଶ୍ଚିତ।
- ବିଷାକ୍ତ ହୋଇଥିଲେ ହେଁ ସାର୍କ ଏବଂ ରେ ଭଳି ବଡ଼ ମାଛ ଏହାକୁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ମାଛକୁ ଚାଇନା ଏବଂ ଜାପାନ ଆଦିରେ ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ, ଯାହାକୁ ଓକୋଜ ସାସିମି ବୋଲି କୁହାଯାଇଥାଏ। ଯଦିଓ ରନ୍ଧା ହେବା ପରେ ଅର୍ଥାତ୍ ଗରମ ହେବା ଦ୍ୱାରା ଏହାର ବିଷ ନଷ୍ଟ ହୋଇଯାଇଥାଏ, ତଥାପି ଫିଲିପାଇନ୍ସରେ କେବଳ ଲାଇସେନ୍ସ ଥିବା ଜାପାନିଜ ସେଫ୍ ଏହାକୁ ରାନ୍ଧିବାକୁ ଅନୁମତି ରହିଛି।



## ଏ ସପ୍ତାହର ପ୍ରଶ୍ନ

୧- ଇମାଜିନ୍ କପ୍ ୨୦୨୧ର ଇଣ୍ଡିଆ ଏଡିଶନ୍‌ର ନଲେଜ୍ ପାର୍ଟନର୍....... ?
୨- ନିକଟରେ.......... ପକ୍ଷରୁ ଚାଇନାରୁ ତୁଳା ଆମଦାନୀ ଉପରେ ପ୍ରତିବନ୍ଧ ଲଗାଯାଇଛି ?
୩- ଟିଇଏସ୍‌ଏସ୍‌ର ଫୁଲ୍‌ଫର୍ମ............ ?
୪- ......... ଦେଶ ପକ୍ଷରୁ ନିକଟରେ ଏକ ଚାଳକବିହୀନ ବୁଲେଟ୍ ଟ୍ରେନ୍‌ର ଶୁଭାରମ୍ଭ କରାଯାଇଛି।
୫- 'ଆଡ୍‌ଭେଞ୍ଚର ଅଫ୍ ଏ ଡେୟାରଡେଭିଲ୍ ଡେମୋକ୍ରାଟ୍' ପୁସ୍ତକ ........... ଙ୍କ ଜୀବନୀ ଉପରେ ଆଧାରିତ।

## ଗତ ଥରର ଉତ୍ତର

୧ ଚନ୍ଦ୍ରଭାଗା ବେଳାଭୂମି
୨ ଟ୍ରାନ୍ସକ୍ରିପ୍ଟେଜ୍ ପଲିମରେଜ୍ ଚେନ୍ ରିଆକ୍ସନ
୩ କୁକୁଡ଼ା
୪ ହୁପି
୫ ଶିବ ଥାପ୍ପା

## ଉତ୍ତରଦାତା



ବୈଦ୍ୟନାଥ ପାତ୍ର
ସିଜୁପୁଟ



ଅନିଲ ଦଳବେହେରା
ନୟାଗଡ଼



ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha@gmail.com

## ଯୁଥ୍ ଆଲର୍ଟ

# ଖାଇବା ପରେ...



- ଖାଇବା ଶେଷରେ ବା ତୁରନ୍ତ ପରେ ଅନେକେ ଫଳ ଖାଇବାକୁ ଭଲ ପାଆନ୍ତି। ହେଲେ ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହେବାରେ ବାଧା ସୃଷ୍ଟି ହୋଇଥାଏ ଏବଂ ଖାଦ୍ୟରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଶରୀରକୁ ମିଳିପାରି ନ ଥାଏ। ତେଣୁ ଫଳ ସବୁବେଳେ ଦିନର ମୁଖ୍ୟ ଖାଦ୍ୟ ଖାଇବାର ଏକ ଘଣ୍ଟା ପୂର୍ବରୁ ଅବା ଦୁଇ ଘଣ୍ଟା ପରେ ଖାଇବା ଦରକାର। ଏହାଦ୍ୱାରା ଫଳ ସହ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ସହଜରେ ହଜମ ହୋଇପାରିବ।
- ଚା' ପିଇବାକୁ ଅନେକେ ଭଲ ପାଆନ୍ତି। କିନ୍ତୁ ଯଦି ଖାଇବା ପରେ ପରେ ଚା ପିଇବାର ଅଭ୍ୟାସ ରହିଛି, ତେବେ ସତର୍କ ହୋଇଯାଆନ୍ତୁ। କାରଣ ଚା'ରେ ଥିବା ଏସିଡ୍ ଖାଦ୍ୟରେ ଥିବା ପ୍ରୋଟିନ୍‌କୁ ଶକ୍ତ କରିଦେଇଥାଏ; ଯାହାଦ୍ୱାରା ତାହା ହଜମ ହେବାରେ କଷ୍ଟ ହୋଇଥାଏ। କେବଳ ଏତିକି ନୁହେଁ ଶରୀରକୁ ଆବଶ୍ୟକ ମାତ୍ରାରେ ଲୌହ ଗ୍ରହଣ କରିବା ପ୍ରକ୍ରିୟାରେ ମଧ୍ୟ ଏହା ବାଧା ସୃଷ୍ଟି କରିଥାଏ। ତେଣୁ ଖାଦ୍ୟ ଗ୍ରହଣ କରିବାର ଏକ ଘଣ୍ଟା ପୂର୍ବରୁ କିମ୍ବା ପରେ ଚା' ପିଇପାରିବେ।
- ଅନେକଙ୍କର ଖାଇବା ପରେ ଗାଧେଇବାର ବଦଭ୍ୟାସ ରହିଛି। ହେଲେ ଏହାଦ୍ୱାରା ପାକସ୍ଥଳୀରୁ ଶରୀରର ଅନ୍ୟ ଭାଗକୁ ରକ୍ତ ସଞ୍ଚାଳନ ବଢି ଯାଇଥାଏ। ଅପରପାର୍ଶ୍ୱରେ ଏହାଦ୍ୱାରା ପାଚନକ୍ରିୟା ହ୍ରାସ ହୋଇଥାଏ। ଫଳରେ ବଦହଜମୀ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ସେହିପରି ଖାଇବା ପରେ ପରେ ଶୋଇଲେ ମଧ୍ୟ ଖାଦ୍ୟ ହଜମ ହେବାରେ କଷ୍ଟ ହୋଇଥାଏ। ତେଣୁ ଖାଇବା ପରେ କିଛି ଅଳ୍ପ ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।
- ଅନେକ ଯୁବପିଢିଙ୍କର ସ୍ମୋକିଂ ଏବେ ଏକ ଫ୍ୟାଶନ୍‌ରେ ପରିଣତ ହୋଇଗଲାଣି, ଯାହା କି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଆଉ ଖାଇବା ପରେ ଗୋଟିଏ ସିଗାରେଟ୍ ଟାଣିବା ୧୦ଟି ସିଗାରେଟ୍ ଟାଣିବା ଭଳି କ୍ଷତିକାରକ ହୋଇଥାଏ। ତେଣୁ ଏଥିରୁ ନିଜକୁ ନିବୃତ ରଖନ୍ତୁ।

ଖାଦ୍ୟକୁ ନେଇ ଯେପରି ସମସ୍ତଙ୍କର ଭିନ୍ନ ଭିନ୍ନ ପସନ୍ଦ ରହିଥାଏ, ସେହିପରି ଖାଇବା ପରେ ମଧ୍ୟ ଅନେକଙ୍କର କେତେ ପ୍ରକାରର ଅଭ୍ୟାସ ରହିଥାଏ। ହେଲେ ଆପଣ ଜାଣନ୍ତି କି, ସେସବୁ ମଧ୍ୟରୁ କିଛି ଅଭ୍ୟାସ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ବି ସାଜିପାରେ। ଆସନ୍ତୁ ଜାଣିବା ଖାଇବାର ତୁରନ୍ତ ପରେ କ'ଣ ନ କରିବା ଦରକାର...



## ପାଠକଙ୍କ ମତ

- ପ୍ଲାଷ୍ଟିକ ବୋତଲ ଏଣେ ତେଣେ ଫିଙ୍ଗିବା ଯୋଗୁ ସୃଷ୍ଟି ହେଉଥିବା ପ୍ରଦୂଷଣ ଜୀବଜଗତ ପାଇଁ କେତେ କ୍ଷତିକାରକ ଏବଂ ଏହାକୁ ରୋକିବା ଲାଗି ଆମକୁ କିଭଳି ସଚେତନ ହେବା ଆବଶ୍ୟକ, ପୂର୍ବ ସପ୍ତାହରେ ପ୍ରକାଶିତ ଏ ସମ୍ପର୍କିତ ପାଠଟି ବେଶ୍ ସମୟ ଉପଯୋଗୀ ହୋଇପାରିଛି।

*- ସୁଲୋଚନା ସ୍ୱାଇଁ, ମୟୂରଭଞ୍ଜ*

- ଯୁବ ପ୍ରତିଭା ଧ୍ୟାନାନନ୍ଦ ପଣ୍ଡାଙ୍କ କାର୍ଯ୍ୟ ଯେ ଅନେକ ଯୁବବର୍ଗଙ୍କୁ ଅନୁପ୍ରାଣିତ କରିବ ସେଥିରେ ସନ୍ଦେହ ନାହିଁ।

*- ଦିଗ୍‌ବିଜୟ ସିଂ, କେନ୍ଦ୍ରାପଡ଼ା*

- ମଣିଷ ହାଡ଼କୁ ବି ସଜାଇବା ଲାଗି ବ୍ୟବହାର କରାଯାଏ ତାହା ପୁଣି ଚର୍ଚ୍ଚ ଭଳି ଏକ ଧାର୍ମିକ ସ୍ଥାନରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ଜାଣନ୍ତୁ ଦୁନିଆ ସ୍ତମ୍ଭରେ ପ୍ରତିଥର ଏଭଳି ନୂଆ ନୂଆ କଥା ପଢିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥାଏ।

*- ଗୌରହରି ସାହୁ, ଆଠଗଡ଼*

# ହନୁମା, ପନ୍ତଙ୍କ ଶତକ


**ସିଡ୍‌ନୀ, ୧୨।୧୨**

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ପୂର୍ବରୁ ଶତକ ହାସଲ କରି ନିଜ ଦାବିକୁ ମଜଭୁତ କରିଛନ୍ତି ଭାରତର ହନୁମା ବିହାରୀ ଓ ରିଷଭ ପନ୍ତ। ଉଭୟଙ୍କ ଅପରାଜିତ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଦିବାରାତ୍ର ୱାର୍ମଅପ୍ ଗେମ୍‌ରେ ନିଜର ସ୍ଥିତିକୁ ଦୃଢ଼ କରିଛି। ଦ୍ୱିତୀୟ ଦିବସ ଶେଷସୁଦ୍ଧା ଭାରତ ଏହାର ଦ୍ୱିତୀୟ ଇନିଂସରେ ୪ ଉଇକେଟ

**ଦିବାରାତ୍ର ୱାର୍ମଅପ୍ କ୍ରିକେଟ ମ୍ୟାଚ୍**

ହରାଇ ୩୮୬ ରନ ସଂଗ୍ରହ କରିଛି। ଫଳରେ ଅଷ୍ଟ୍ରେଲିଆ 'ଏ' ଠାରୁ ଦଳ ୪୭୨ ରନରେ ଅଗ୍ରଣୀଲାଭ କରିଛି।

ଦ୍ୱିତୀୟ ଇନିଂସରେ ଭାରତ ପକ୍ଷରୁ କେବଳ ପୃଥ୍ୱୀ ଶ'(୩)ଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ଭଲ ଖେଳିଥିଲେ। ଟପ୍ ଅର୍ଡରରେ ମୟଙ୍କ ଅଗ୍ରୱାଲ ୬୧ (୧୨୦ ବଲ, ୪ ଚୌକା, ୨ ଛକା) ଓ ଶୁବମନ ଗିଲ ୬୫ (୭୮ ବଲ, ୧୦ ଚୌକା) କରି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପୃଥ୍ୱୀ ଆଉଟ ହେବାପରେ ସୁଯୋଗର ଭରପୂର ସଦ୍‌ବ୍ୟବହାର କରିଥିଲେ ଗିଲ୍। ତେବେ ଓପନିଂ ସ୍ଲଟ୍ ପାଇଁ ଅନ୍ୟତମ ଦାବିଦାର ଥିବା ୨୧ ବର୍ଷୀୟ ଗିଲ୍ ଦୁର୍ଭାଗ୍ୟଜନକଭାବେ ଅମ୍ପାୟରଙ୍କ ଦ୍ୱାରା ଆଉଟ ନିଷ୍ପତ୍ତିର ଶିକାର ହୋଇଥିଲେ। ଲେଗ୍ ସ୍ପିନର ମିଚେଲ ସ୍ୱେପସନ ଦ୍ରୁତ ବେଗରେ ଏକ ବଲ୍ ପକାଇଥିବାବେଳେ ଗିଲ୍ ଏହାକୁ ଫ୍ଲିକ୍ କରିବାକୁ ଯାଇ ମିସ୍ କରିଥିଲେ। ବଲ୍‌ଟି ପ୍ରଥମ ସ୍ଲିପ୍‌କୁ ଯାଇଥିବାବେଳେ ସିଅନ ଆବୋଟ ଡାଇଭ୍ ମାରି କ୍ୟାଚ ଧରିଥିଲେ। ସ୍ୱେପସନ ଏଲବିଡବ୍ଲ୍ୟୁ ଅପିଲ୍ କରିଥିଲେ। ମାତ୍ର ଅମ୍ପାୟର କ୍ୟାଚ ଆଉଟ ନିଷ୍ପତ୍ତି ନେଇ ଅଙ୍ଗୁଳି ଉଠାଇଥିଲେ। ପ୍ରାକ୍ଟିସ ଗେମ୍‌ରେ ଡିଆରଏସ୍ ଓ ସ୍ନିକୋମିଟର ବ୍ୟବହାର ନ ଥିବାରୁ ଗିଲ୍ ଅମ୍ପାୟରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରିପାରି ନ ଥିଲେ। ଫଳରେ ସେ ଡ୍ରେସିଂରୁମ୍ ଆଡ଼କୁ ମୁହାଁଇଥିଲେ। ମିଡିଲ ଅର୍ଡରରେ ହନୁମା ଓ ପନ୍ତ ଆକର୍ଷଣୀୟ ବ୍ୟାଟିଂ କରିଥିଲେ। ହନୁମା ନିଜ ସ୍ୱାଭାବିକ ବ୍ୟାଟିଂ ଜାରି ରଖି ୧୯୪ ବଲ୍‌ରୁ ୧୩ ଚୌକା ସହାୟତାରେ ୧୦୪ ରନ କରି ଅପରାଜିତ ରହିଥିଲେ। ପନ୍ତ କିନ୍ତୁ ଖେଳିଥିଲେ ଦ୍ରୁତ ଇନିଂସ। ଶେଷ ଓଭର ପୂର୍ବ ଅର୍ଥାତ୍ ୮୯ ଓଭର ବେଳକୁ ସେ ୮୧ ରନ କରି ଶତକଠାରୁ ୧୯ ରନ ଦୂରରେ ରହିଥିଲେ। ଜ୍ୟାକ ୱିଲ୍ଡରମୁଥ୍ ଶେଷ ଓଭର ବୋଲିଂ କରିଥିଲେ। ପନ୍ତ ପ୍ରଥମ ବଲ୍‌ରେ କୌଣସି ରନ ନେଇପାରି ନ ଥିବାବେଳେ ପରବର୍ତ୍ତୀ ୫ ବଲ୍‌ରେ ଯଥାକ୍ରମେ ୪, ୪, ୬, ୪, ୪ ରନ ସଂଗ୍ରହ କରି ଶତକ ପୂରଣ କରିଥିଲେ। ଖେଳ ଶେଷ ବେଳକୁ ସେ ୭୩ ବଲ୍‌ରୁ ୯ ଚୌକା ଓ ୬ ଛକା ସହାୟତାରେ ୧୦୩ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିଙ୍କ୍ୟ ରାହାନେ ୭୧ ବଲ୍‌ରୁ ୩୮ ରନ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ 'ଏ' ବୋଲରଙ୍କ ମଧ୍ୟରେ ମାର୍କ୍ ଷ୍ଟେକେଟି ୨ଟି ଏବଂ ୱିଲ୍ଡରମୁଥ ଓ ମିଚେଲ ସ୍ୱେପସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ଏହାର ପ୍ରଥମ ଇନିଂସରେ ୧୯୪ ରନ କରିଥିବାବେଳେ ଅଷ୍ଟ୍ରେଲିଆ 'ଏ' ଇନିଂସ ୧୦୮ ରନରେ ସୀମିତ ରହିଥିଲା।





ଶତକ ହାସଲ ଅବସରରେ ରିଷଭ୍ ପନ୍ତ ଓ ହନୁମା ବିହାରୀ।

## ପୁକୋଭସ୍କି, ଗ୍ରୀନ୍‌ଙ୍କ ପରେ କନ୍‌ୱେ

ଅଷ୍ଟ୍ରେଲିଆ କ୍ରିକେଟରେ ଆହତ ସମସ୍ୟା ବଢ଼ିବାରେ ଲାଗିଛି। ୱିଲ୍ ପୁକୋଭସ୍କି ଏବଂ କାମେରନ ଗ୍ରୀନ୍‌ଙ୍କ ପରେ ଏବେ ହ୍ୟାରୀ କନ୍‌ୱେ କନ୍‌କସନ ଜନିତ ଆହତ ତାଲିକାରେ ସାମିଲ ହୋଇଛନ୍ତି। ୧୧ ନମ୍ବର ବ୍ୟାଟ୍ସମ୍ୟାନଭାବେ ପ୍ରଥମ ଦିବସରେ ବ୍ୟାଟିଂ କରୁଥିବାବେଳେ କନ୍‌ୱେଙ୍କ ହେଲ୍‌ମେଟରେ ବଲ୍ ବାଜିଥିଲା। ପଡ଼ିଆରେ ମେଡିକାଲ ଟିମ୍ ପରୀକ୍ଷା କରିବା ସମୟରେ ଅସୁସ୍ଥର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ମାତ୍ର ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ ଶେଷ ହେବାପରେ ତାଙ୍କୁ ଆଉଥରେ ପରୀକ୍ଷା କରାଯିବା ସମୟରେ ସେ ଅସୁସ୍ଥ ଅନୁଭବ କରୁଥିବା ଜଣାଯାଇଥିଲା। ଫଳରେ ସେ ୱାର୍ମଅପ୍ ଗେମ୍‌ର ଦ୍ୱିତୀୟ ଏବଂ ତୃତୀୟ ଦିବସ ଖେଳରୁ ଓହରି ଯାଇଥିଲେ। କନ୍‌କସନ ନିୟମରେ ତାଙ୍କ ବଦଳ ଖେଳାଳିଭାବେ ମାର୍କ ଷ୍ଟେକେଟିଙ୍କୁ ଅଷ୍ଟ୍ରେଲିଆ 'ଏ' ଦଳରେ ସାମିଲ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:**

ଭାରତ ପ୍ରଥମ ଇନିଂସ: ୧୯୪। ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ: ୧୦୮। ଭାରତ ଦ୍ୱିତୀୟ ଇନିଂସ: ୩୮୬/୪(ହନୁମା-୧୦୪, ପନ୍ତ-୧୦୩*, ଶୁବମନ-୬୫, ମୟଙ୍କ-୬୧, ରାହାନେ-୩୮, ଷ୍ଟେକେଟି-୨/୫୪, ୱିଲ୍ଡରମୁଥ-୧/୭୯,ସ୍ୱେପସନ-୧/୧୪୮)।

# ଇଣ୍ଡିଆନ ସୁପରଲିଗ୍ | ଓଡ଼ିଶା ଏଫ୍‌ସିର ଚତୁର୍ଥ ପରାଜୟ

**ବାମ୍ବୋଲିମ୍, ୧୨।୧୨**

ଚଳିତ ଇଣ୍ଡିଆନ ସୁପରଲିଗ୍(ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସିର ପରାଜୟ ଧାରା ଜାରି ରହିଛି। ଭୁବନେଶ୍ୱର ଭିତ୍ତିକ ଏହି ଦଳ ଖେଳିଥିବା ୫ ମ୍ୟାଚରୁ ଶନିବାର ୪ର୍ଥ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ଇଗର ଆଙ୍ଗୁଲାଙ୍କ ଗୋଲ ବଳରେ ଏଫ୍‌ସି ଗୋଆ ୧-୦ ଗୋଲରେ ବିଜୟୀ ହୋଇ ପଏଣ୍ଟ ତାଲିକାର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଗୋଆ ୫ ମ୍ୟାଚରୁ ୨ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୮ ପଏଣ୍ଟ ପାଇଛି। ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍ ଅର୍ଥାତ୍ ମ୍ୟାଚର ୪୫ତମ ମିନିଟରେ ଆଙ୍ଗୁଲା ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଚଳିତ ଲିଗ୍‌ରେ ଏହାଥିଲା ତାଙ୍କର ୫ମ ଗୋଲ। ସୁଯୋଗର ସଦ୍‌ବ୍ୟବହାର କରି ନ ପାରିବା ଓଡ଼ିଶା ଦଳପାଇଁ ମହଙ୍ଗା ପଡ଼ିଛି। ହାଇଦ୍ରାବାଦ ଏଫ୍‌ସି ନିକଟରୁ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏଫ୍‌ସି ଜାମସେଦପୁର ବିପକ୍ଷ ପରବର୍ତ୍ତୀ ମ୍ୟାଚକୁ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ମାତ୍ର ପରବର୍ତ୍ତୀ ୩ଟି ମ୍ୟାଚରେ ଏଟିକେ ମୋହନ ବାଗାନ, ମୁମ୍ବାଇ ସିଟି ଏଫ୍‌ସି ଓ ଗୋଆ ନିକଟରୁ ହାରି ପରାଜୟରେ ଅଲୋଡ଼ା ହ୍ୟାଟ୍ରିକ ଅର୍ଜନ କରିଛି। ଦଳ ମାତ୍ର ୧ ପଏଣ୍ଟ ପାଇ ଟେବୁଲର ୧୦ମ ସ୍ଥାନରେ ପଡ଼ି ରହିଛି।



ବଲ୍‌କୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଓଡ଼ିଶା ଏଫ୍‌ସିର ଶୁଭମ୍ ଷଡ଼ଙ୍ଗୀ ଓ ଗୋଆର ରିଦିମ୍ ତ୍ଲାଙ୍ଗଙ୍କ ମଧ୍ୟରେ ସଂଘର୍ଷ।



କୋଚିଂ କୋର୍ସରେ ଅଂଶଗ୍ରହଣକାରୀ ବ୍ୟକ୍ତିମାନେ।

## ବଲାଙ୍ଗୀରରେ ଏଆଇଏଫ୍‌ଏଫ୍ ଡି' ଡିପ୍ଲୋମା କୋଚିଂ କୋର୍ସ ଆରମ୍ଭ


**ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ବଲାଙ୍ଗୀର ସଦାଇପାଲିର ଏସ୍‌ଆଇଟିଇ କ୍ୟାମ୍ପସରେ ଶନିବାରଠାରୁ ଡି' ଡିପ୍ଲୋମା କୋଚିଂ କୋର୍ସ ଆରମ୍ଭ ହୋଇଛି। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ବିଭିନ୍ନ ସ୍ଥାନରୁ ୨୪ ଜଣ ଏଥିରେ ଅଂଶଗ୍ରହଣ କରିଛନ୍ତି। ସୟଦ ଅଲ୍‌ତାଫୁଦ୍ଦିନ ଏଥିରେ ଇନ୍‌ଷ୍ଟ୍ରକ୍ଟର ଦାୟିତ୍ୱ ତୁଲାଉଛନ୍ତି। ଅଲ୍‌ତାଫୁଦ୍ଦିନ ଏଏଫ୍‌ସି 'ଏ' ଲାଇସେନ୍ସ ପ୍ରାପ୍ତ କୋଚ୍ ଏବଂ ଏଆଇଏଫ୍‌ଏଫ୍ 'ଡି' ଲାଇସେନ୍ସ ଧାରୀ ଇନ୍‌ଷ୍ଟ୍ରକ୍ଟର। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼ାଇ ମୁଖ୍ୟ ଅତିଥି ଏବଂ ବଲାଙ୍ଗୀରର ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ପୁକୋଭସ୍କି ଓହରିଲେ, ହାରିସ ସାମିଲ

**ସିଡ୍‌ନୀ, ୧୨।୧୨(ପି.ଟି.)**

ଆହତ ସମସ୍ୟା ଯୋଗୁ ୱିଲ୍ ପୁକୋଭସ୍କି ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରୁ ଓହରି ଯାଇଛନ୍ତି। ପ୍ରଥମ ୱାର୍ମଅପ୍ ମ୍ୟାଚ ଅବସରରେ ତାଙ୍କ ହେଲ୍‌ମେଟରେ ବଲ୍ ବାଜିଥିଲା। ତାଙ୍କ ସ୍ଥାନରେ ଭିକ୍ଟୋରିଆର ମାର୍କୁସ ହାରିସଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରାଯାଇଛି। ପୂର୍ବରୁ ଆହତ ଡେଭିଡ ୱାର୍ନର ଓହରି ଯାଇଥିଲେ। ସେ ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ ଅବସରରେ ଗ୍ରୋଇନ୍ ଇଞ୍ଜୁରିରେ ପୀଡ଼ିତ ହୋଇଥିଲେ। ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଆଡିଲେଡ୍‌ରେ ଡିସେମ୍ବର ୧୭ରୁ ଆରମ୍ଭ ହେବ। ତେବେ ଉଭୟ ୱାର୍ନର ଓ ପୁକୋଭସ୍କି ମେଲବୋର୍ନରେ ଡିସେମ୍ବର ୨୬ରୁ ଆରମ୍ଭ ହେବାକୁ ଯାଉଥିବା ବକ୍ସିଂ ଡେ' ଟେଷ୍ଟ ବେଳକୁ ସୁସ୍ଥ ହୋଇଯାଇଥିବେ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ହାରିସ ଗତ ଘରୋଇ ସିଜନରେ ଭିକ୍ଟୋରିଆ ପକ୍ଷରୁ ଭଲ ପ୍ରଦର୍ଶନ କରିଥିଲେ। ସେ ଶେଫିଲ୍ଡ ସିଲ୍ଡର ୨ଟି ଘରୋଇ ମ୍ୟାଚରେ ୧୧୮.୩୩ ଆଭରେଜରେ ୩୫୫ ରନ ସଂଗ୍ରହ କରିଥିଲେ। ସାଉଥ୍ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ୨୩୯ ରନର ଇନିଂସ ବେଶ୍ ଚର୍ଚ୍ଚିତ ଥିଲା। ଏହା ବ୍ୟତୀତ ହାରିସ୨ଟି ଯାକ ୱାର୍ମଅପ୍ ମ୍ୟାଚରେ ଭାରତୀୟ ବୋଲରଙ୍କୁ ସାମ୍ନା କରିବାରେ ସଫଳ ହୋଇଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ସେ ୯ଟି ଟେଷ୍ଟ ଖେଳିଛନ୍ତି ଏବଂ ଇଂଲଣ୍ଡ ବିପକ୍ଷ ଗତ ଆଶେସ ସିରିଜରେ ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ।



ମାର୍କୁସ ହାରିସ

# ସିରାଜଙ୍କୁ ଅଷ୍ଟ୍ରେଲିଆ ଗଣମାଧ୍ୟମର ପ୍ରଶଂସା

**ସିଡ୍‌ନୀ, ୧୨।୧୨ (ପି.ଟି.):** ଶନିବାର ୱାର୍ମଅପ୍ ମ୍ୟାଚ ପ୍ରଥମ ଦିବସରେ ଅଷ୍ଟ୍ରେଲୀୟ ବୋଲରଙ୍କ ମୁଣ୍ଡରେ ବଲ୍ ବାଜିବା ପରେ ଭାରତୀୟ ଫାଷ୍ଟ ବୋଲର ମହମ୍ମଦ ସିରାଜଙ୍କ ଆଚରଣକୁ ନେଇ ଅଷ୍ଟ୍ରେଲିଆ ଗଣମାଧ୍ୟମରେ ଉଚ୍ଚ ପ୍ରଶଂସା କରାଯାଇଛି। କାମେରନ ଗ୍ରୀନ୍ ନିଜ ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କ ଷ୍ଟ୍ରେଟ୍ ଡ୍ରାଇଭ୍ କ୍ୟାଚ ଧରିବାକୁ ଉଦ୍ୟମ କରୁଥିବା ବେଳେ ବଲ୍ ତାଙ୍କ ହାତରୁ ଖସିବାପରେ ଯାଇ ମୁଣ୍ଡରେ ବାଜିଥିଲା। ସେତେବେଳେ ସିରାଜ ନନ୍ ଷ୍ଟ୍ରାଇକର ଏଣ୍ଡରେ ଥିଲେ। ସେ ତୁରନ୍ତ ତାଙ୍କ ବ୍ୟାଟ୍‌କୁ ତଳେ ପକାଇ ସହାୟତା ପାଇଁ ଗ୍ରୀନ୍‌ଙ୍କ ପାଖକୁ ଯାଇଥିଲେ। ବୁମ୍‌ରା ମଧ୍ୟ ତାଙ୍କ ପଛେ ପଛେ ଘଟଣାସ୍ଥଳକୁ ଯାଇଥିଲେ। ମୁଣ୍ଡରେ ଆଘାତପାଇବା ପରେ ଭାରତ ଓ ଅଷ୍ଟ୍ରେଲିଆ ଏ' ମଧ୍ୟରେ ଚାଲିଥିବା ୩ଦିନିଆ ପିଙ୍କ୍ ୱାର୍ମଅପ୍ ମ୍ୟାଚ୍‌ରୁ ଗ୍ରୀନ୍ ବାଦ୍ ପଡିଛନ୍ତି। ନାଇନ୍ ନ୍ୟୁଜ୍ ଅଷ୍ଟ୍ରେଲିଆ ଟୁଇଟ୍ କରି କହିଛି, ଯୁବ ଅଲ୍‌ରାଉଣ୍ଡର ଗ୍ରୀନ୍‌ଙ୍କ ମୁଣ୍ଡରେ ବଲ୍ ବାଜିବା ପରେ ତାଙ୍କୁ ସହାୟତା ପାଇଁ ଆଗେଇ ଆସିବା ଦ୍ୱାରା ଭାରତୀୟ କ୍ରିକେଟର ମହମ୍ମଦ ସିରାଜ ତାଙ୍କ ଖେଳୁଆଡ ମନୋବୃତ୍ତିର ପରିଚୟ ଦେଇଛନ୍ତି। କ୍ରିକେଟ ଡଟ୍ କମ୍ ଡଟ୍ ଏୟୁ ଟୁଇଟ୍ କରି କହିଛି ଯେ, ସିରାଜ ଏହି ସୁଯୋଗରେ ରନ୍ ସଂଗ୍ରହକୁ ଗୁରୁତ୍ୱ ନ ଦେଇ ଗ୍ରୀନ୍‌ଙ୍କ ଅବସ୍ଥା ଜାଣିବା ପାଇଁ ତାଙ୍କ ନିକଟକୁ ଯାଇଥିଲେ ଏବଂ ସବୁ ଠିକ୍ ହୋଇଯିବ ବୋଲି କହି ତାଙ୍କୁ ଆଶ୍ୱାସନା ଦେଇଥିଲେ।

# ଫଲୋଅନ୍ ଦ୍ୱାରରେ ୱେଷ୍ଟଇଣ୍ଡିଜ



କାଇଲ ଜେମିସନ୍

**ୱେଲିଂଟନ, ୧୨।୧୨ (ଏପି)**

କାଇଲ ଜେମିସନ୍‌ଙ୍କ ଉଚ୍ଚକୋଟୀର ବୋଲିଂ ଯୋଗୁ ସ୍ଥାନୀୟ ରିଜର୍ଭ ବେସିନ୍‌ଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ଜେମିସନ ମାତ୍ର ୩୪ରନ ବିନିମୟରେ ୫ଉଇକେଟ ଅକ୍ତିଆର କରିଥିଲେ। ଫଳରେ ଘରୋଇ ଦଳର ପ୍ରଥମ ଇନିଂସ ସ୍କୋର ୪୬୦ ଜବାବରେ ଭ୍ରମଣକାରୀ ଦଳ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୮ ଉଇକେଟ ବିନିୟମରେ ୧୨୪ ରନ କରିଛି। ଫଲୋଅନ ଏଡ଼ାଇବା ଲାଗି ୱେଷ୍ଟଇଣ୍ଡିଜକୁ ଆହୁରି ୧୩୬ ରନ ଆବଶ୍ୟକ ରହିଥିବାବେଳେ ହାତରେ ଆଉ ମାତ୍ର ଦୁଇଟି ଉଇକେଟ ରହିଛି। ଉଇକେଟକିପର ଜୋଶୁଆ ଡା' ସିଲ୍‌ଭା ୨ ଏବଂ ଚେମର ହୋଲ୍‌ଡର ୫ ରନ କରି ଅପରାଜିତ ରହିଛନ୍ତି।

ୱେଷ୍ଟଇଣ୍ଡିଜ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଜେମିସନ ମାତ୍ର ୫ଟି ଟେଷ୍ଟ ମ୍ୟାଚରେ ଏଥରକୁ ମିଶାଇ ଦୁଇଥର ୫ ଉଇକେଟ ସଫଳତା ହାସଲ କରିଛନ୍ତି। ତାଙ୍କ ସଂକ୍ଷିପ୍ତ ଟେଷ୍ଟ କ୍ୟାରିୟରରେ ସେ ଏପର୍ଯ୍ୟନ୍ତ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଦୁଇଟି ଇନିଂସରେ ୪୦ କିମ୍ବା ତା'ଠାରୁ ଅଧିକ ରନ ସଂଗ୍ରହ କରି ନିଜକୁ ଜଣେ ଅଲରାଉଣ୍ଡର ଭାବେ ପ୍ରତିଷ୍ଠା କରିବା ଦିଗରେ ଅଗ୍ରସର ହେଉଛନ୍ତି। ଜେମିସନ୍ ଶନିବାର ତାଙ୍କର ଓପନିଂ ଓଭରରେ କ୍ରମାଗତ ଦୁଇଟି ଡେଲିଭରିରେ ଦୁଇଜଣକୁ ଆଉଟ କରିବା ପରେ ତାଙ୍କ ପରବର୍ତ୍ତୀ ବଲ୍‌ରେ ସେ ଏଲ୍‌ବିଡବ୍ଲ୍ୟୁ ଅପିଲ କରି ବିଫଳ ହୋଇଥିଲେ। ସେ ଅଳ୍ପକେ ହ୍ୟାଟ୍ରିକ୍‌ରୁ ବଞ୍ଚିତ ହୋଇଥିଲେ। ସେ ବିପକ୍ଷ ଦଳର ଟପ୍ ସ୍କୋରର ଜର୍ମେନ ବ୍ଲାକ୍‌ଉଡ୍ (୬୯)ଙ୍କ ଉଇକେଟ ବ୍ୟତୀତ ଜନ୍ କ୍ୟାମ୍ପବେଲ (୧୪), ସାମରା ବ୍ରୁକ୍ସ (୧୪), ରୋଷ୍ଟନ ଚେଜ୍(୦), ଅଧିନାୟକ ଜାସନ ହୋଲ୍ଡର (୯) ଏବଂ ଅଲଜାରି ଜୋଶେଫ୍ (୦)ଙ୍କୁ ଆଉଟ କରିଥିଲେ। ୫ମ ଉଇକେଟରେ ଜର୍ମେନ ବ୍ଲାକଉଡ୍ ଏବଂ ସାମରା ବ୍ରୁକ୍ସଙ୍କ ମଧ୍ୟରେ ୬୮ରନର ପାର୍ଟନରଶିପକୁ ସେ ଭାଙ୍ଗି ଦେଇଥିଲେ। ପୂର୍ବରୁ ସକାଳେ ପୂର୍ବଦିନର ଅସମାପ୍ତ ସ୍କୋର ୨୯୪/୬ ରୁ ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଆଉ ୧୬୬ରନ ଯୋଗକରି ଅବଶିଷ୍ଟ ୪ଉଇକେଟ ହରାଇଥିଲା। ୧୧୭ରନ କରି ଅପରାଜିତ ରହିଥିବା ହେନରି ନିକୋଲ୍ସ ୧୭୪ରନ କରି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୪୬୦/ଅଲଆଉଟ (ହେନରି ନିକୋଲ୍ସ-୧୭୪, ୱାଗନର-୬୬, ୱିଲ ୟଙ୍ଗ୍-୪୩, ଡେରିଲ ମିଚେଲ-୪୨, ଗାବ୍ରିଲ-୩/୯୩, ଅଲ୍‌ଜାରି ଯୋଶେଫ୍-୩/୧୦୯, ରୋଷ୍ଟନ ଚେଜ୍-୨/୫୪, ଚେମର ୨/୧୧୦)।

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୧୨୪/୮ (ଜର୍ମେନ ବ୍ଲାକ୍‌ଉଡ୍-୬୯, ଜେମିସନ-୫/୩୪, ଟିମ୍ ସୌଦି-୩/୨୯)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ